ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଜୁଲାଇ ୧୩/୨୦୨୦ (୧୨ ପୃଷ୍ଠା) | Berhampur, Monday, July 13/2020 | ★★★
୧୬ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



### ଚେତନ ଚୌହାନ କରୋନା ପଜିଟିଭ୍

ଭାରତୀୟ ପୂର୍ବତନ ଓପନର ତଥା ଉତ୍ତର ପ୍ରଦେଶ କ୍ୟାବିନେଟ ମନ୍ତ୍ରୀ ଚେତନ ଚୌହାନ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

୦୮

୧୦

### ମା'ଙ୍କ ନାଁରେ ମିଛ ଖବରର ଜବାବ ରଖିଲେ ଈଶା

ଡ୍ରିମ ଗର୍ଲ ହେମାମାଳିନୀ ଅସୁସ୍ଥ ଥିବା ଖବରକୁ ତାଙ୍କ ଝିଅ ଈଶା ଦେଓଲ ମନଗଢ଼ା ବୋଲି କହିଛନ୍ତି। ସେ ଏକ ଟୁଇଟ କରି ଲେଖିଛନ୍ତି ଯେ, ମୋ ମା' ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।



# ଐଶ୍ୱର୍ଯ୍ୟା, ଆରାଧ୍ୟା କରୋନା ଆକ୍ରାନ୍ତ



ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସହ ଝିଅ ଆରାଧ୍ୟା ।

- ଅମିତାଭଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର
- ତାଙ୍କ ୪ ବଙ୍ଗଳା ସିଲ୍ କଲା ବିଏମ୍‌ସି
- ଅନୁପମଙ୍କ ପରିବାରର ୪ ସଂକ୍ରମିତ
- ସୁରକ୍ଷାକର୍ମୀ ପଜିଟିଭ୍ ଚିହ୍ନଟ ପରେ ରେଖାଙ୍କ ବଙ୍ଗଳା ସିଲ୍

**ମୁମ୍ବାଇ,୧୨।୭(ପି.ଟି.)**

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ ଓ ତାଙ୍କ ପୁଅ ଅଭିଷେକ କରୋନାରେ ଆକ୍ରାନ୍ତ ହୋଇ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ରବିବାର ପରିବାରର ଆଉ ଦୁଇଜଣ ସଦସ୍ୟଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଅମିତାଭଙ୍କ ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ନାତୁଣୀ ଆରାଧ୍ୟା ସଂକ୍ରମିତ ହୋଇଥିବା ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ସୂଚନା ଦେଇଛନ୍ତି। ତେବେ ଐଶ୍ୱର୍ଯ୍ୟାଙ୍କ ଶାଶୁ ଜୟା ବଚ୍ଚନଙ୍କ ପରୀକ୍ଷା ନେଗେଟିଭ୍ ଆସିଥିବା ଜଣାପଡ଼ିଛି। ବଚ୍ଚନ ପରିବାରର ୪ ଜଣ କରୋନା ଆକ୍ରାନ୍ତ ହେବା ପରେ ତାଙ୍କ ୪ ବଙ୍ଗଳା ଜଲସା, ପ୍ରତୀକ୍ଷା, ଜନକ ଏବଂ ବସ୍ତକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯିବା ସହ ସେଠାରେ ରହୁଥିବା ଅନ୍ୟମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯାଇଛି।

ଅମିତାଭଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଶନିବାର ସେ ଟୁଇଟ୍ କରି ସୂଚନା ଦେଇଥିଲେ। ପରିବାରର ଅନ୍ୟ ସଦସ୍ୟ ଓ କର୍ମଚାରୀଙ୍କର ☞ପୃଷ୍ଠା-୪

# ରୋଡ୍ ଟ୍ୟାକ୍ସ ଛାଡ଼ ହେଉ



## ସଡ଼କ ପରିବହନ ସେବା ବିପର୍ଯ୍ୟସ୍ତ

- ମୁହଁ ମୋଡୁଛନ୍ତି ବସ୍ ଯାତ୍ରୀ
- ସଙ୍କଟରେ ୪ ଲକ୍ଷ ଲୋକଙ୍କ ଜୀବିକା
- ବସ୍ ଛାଡ଼ିବେ ମାଲିକ
- ଅଟୋ ରିକ୍ସା, ଟ୍ୟାକ୍ସି ମାଲିକ ହତାଶ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ମହାମାରୀ କରୋନା କେବଳ ସ୍ୱାସ୍ଥ୍ୟ ନୁହେଁ, ବିଭିନ୍ନ କ୍ଷେତ୍ରରେ ଜୀବିକା ଉପରେ ପ୍ରଚଣ୍ଡ ପ୍ରହାର ଦେଇଛି। ରାଜ୍ୟ ଅର୍ଥନୀତିରେ ଯାତ୍ରୀ ପରିବହନ ସେବା ଏକ ବଡ ଅଂଶ। କରୋନା ସଂକ୍ରମଣ ଆଶଙ୍କା ଦେଖାଦେବା ଦିନ ଠାରୁ ଏହି କ୍ଷେତ୍ର ଏକ ପ୍ରକାର ଭୁଶୁଡିବା ସ୍ତରକୁ ଚାଲି ଆସିଛି। ଯାତ୍ରୀ ପରିବହନରେ ନିୟୋଜିତ ଥିବା ଘରୋଇ ବସ୍, ଅଟୋ ରିକ୍ସା ଏବଂ ଟ୍ୟାକ୍ସିଗୁଡିକ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କର ଜୀବିକା ବିପନ୍ନ ହୋଇପଡିଛି। ଏଭଳି ସ୍ଥିତିରୁ ମୁକୁଳିବା ଲାଗି ରୋଡ୍ ଟ୍ୟାକ୍ସ ଛାଡ଼ କରିବା ସକାଶେ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସଡ଼କ ପରିବହନ ବ୍ୟବସ୍ଥା ଅଧିକ ବିପର୍ଯ୍ୟସ୍ତ ହେବାର ଆଶଙ୍କା ଉପୁଜିଲାଣି।

ଯାତ୍ରୀ ହେଉ ନ ଥିବାରୁ ମାଲିକମାନେ ବହୁ କ୍ଷତି ସହୁଛନ୍ତି। ବିଭିନ୍ନ ଜିଲାରେ ହେଉଥିବା ଲକ୍‌ଡାଉନ ଓ ଶଟ୍‌ଡାଉନ ବସ୍ ସେବାକୁ ଆହୁରି ବିପର୍ଯ୍ୟୟ ଆଡକୁ ଠେଲି ଦେଇଛି ।

ରାଜ୍ୟରେ ୧୪ ହଜାର ଘରୋଇ ବସ ଚଳାଚଳ କରୁଛି। ତେବେ କୋଭିଡ୍-୧୯ ଶଟ୍‌ଡାଉନ ଯୋଗୁ ମାର୍ଚ୍ଚ ୨୨ ତାରିଖଠାରୁ ଏହି ବସ ସେବା ପ୍ରାୟ ଅଢେଇ ମାସ କାଳ ବନ୍ଦ ରହିଥିଲା। ତେବେ ମେ ପହିଲାରୁ ବସ ଚଳାଚଳ କରିବାକୁ ରାଜ୍ୟ ସରକାର ଅନୁମତି ଦେଇଥିଲେ । ସରକାରୀ ଓ ଘରୋଇ ବସ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଆଉ ପୂର୍ବସ୍ଥିତିକୁ ଫେରିପାରୁ ନାହିଁ। ବସରେ ଯାତ୍ରୀ ସେବା ଏକ ପ୍ରକାର ଠପ ହୋଇଯାଇଛି। ବସରେ ୨୦ ପ୍ରତିଶତରୁ କମ ଯାତ୍ରୀ ଯାତାୟାତ କରୁଛନ୍ତି। ମେ ଓ ଜୁନରେ ଓଏସଆରଟିସି ୬୦ଟି ବସ ଚଳାଉଥିବା ବେଳେ ଜୁଲାଇରେ ୪୦କୁ ଖସି ଆସିଛି। ସେହିପରି ରାଜ୍ୟରେ ୧୪,୦୦୦ ଘରୋଇ ବସ୍ ମଧ୍ୟରୁ ୭୦୦ ବସ୍ ଚଳାଚଳ କରୁଥିଲା। ଜୁଲାଇ ମାସରେ ତାହା ୧୫୦କୁ ଖସି ଆସିଛି। ଗଞ୍ଜାମ, ରାଉରକେଲା, କଟକ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ଜିଲାରେ ଶଟ୍‌ଡାଉନ ଘୋଷଣା ହେବା ଦ୍ୱାରା ବସ୍ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହା ଉପରେ ନିର୍ଭର କରୁଥିବା ୪୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲି ଯାଇଛି। ବସ୍ ମାଲିକ, କର୍ମଚାରୀ ଏବଂ ପରୋକ୍ଷ ଭାବରେ ଏହା ଉପରେ ନିର୍ଭର କରୁଥିବା ଲୋକମାନଙ୍କ ପରିବାରକୁ ଯଦି ହିସାବ କରାଯାଏ ତେବେ ଯାତ୍ରୀ ପରିବହନ ସେବା ଉପରେ ନିର୍ଭର କରୁଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୁହଁରୁ ଆହାର ଯିବାକୁ ବସିଲାଣି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସୂଚନା ଅନୁଯାୟୀ ଗତ ୩ ମାସ ଧରି ବସ୍‌ଗୁଡିକ ନ ଚାଲିବା ଯୋଗୁ ଦୈନିକ ବସ୍‌ମାଲିକଙ୍କୁ ସାଧାରଣ ବସ ପାଇଁ ୮ ହଜାର ଏବଂ ଦୂରଗାମୀ ବସ୍ ପାଇଁ ୧୨ ହଜାର ଟଙ୍କା କ୍ଷତି ସହିବାକୁ ପଡୁଛି। ଯାତ୍ରୀ ପରିବହନକୁ ସ୍ୱାଭାବିକ କରିବାକୁ ସରକାର ଘୋଷଣା କରିବା ପରେ ଘରୋଇ ବସ୍ ମାଲିକମାନେ କ୍ଷତି ସତ୍ତ୍ୱେ ବିଭିନ୍ନ ରୁଟରେ ବସ୍ ଚଳାଉଛନ୍ତି।

ବସ୍ ଚଳାଇବା ଆରମ୍ଭ କରିବା ମାତ୍ରେ ଟିକସ ବାବଦରେ ବସ୍ ମାଲିକଙ୍କୁ ରାଜ୍ୟ ସରକାରଙ୍କୁ ମାସକୁ ୧୫ ହଜାର ଟଙ୍କା ଦେବାକୁ ପଡିଥାଏ। ଲଗାତର ଡିଜେଲ ଦର ବୃଦ୍ଧି ମଧ୍ୟ କ୍ଷତିକୁ ଆହୁରି ବଢାଇ ଦେଇଛି। ମାର୍ଚ୍ଚ ୨୧ରୁ ଜୁଲାଇ ୧ ତାରିଖ ମଧ୍ୟରେ ଡିଜେଲ ଦର ୧୫ ଟଙ୍କା ବୃଦ୍ଧିପାଇଛି। ଯଦିଓ ରାଜ୍ୟ ସରକାର ଦୁଇ ଥର ବସଭଡା ବଢାଇଛନ୍ତି ତେବେ ଯାତ୍ରୀ ଅଭାବରୁ ମାଲିକମାନଙ୍କର କ୍ଷତି ବଢି ଚାଲିଛି। ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ବସ୍ ମାଲିକମାନେ ପରିବହନ ଶିଳ୍ପକୁ ଛାଡ଼ିବାକୁ ବାଧ ହେବେ। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ବସ୍ ସେବାକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ରୋଡ୍ ଟ୍ୟାକ୍ସ ଛାଡ କରିବା ସହ ଡିଜେଲ ଲିଟର ପିଛା ୧୫ ଟଙ୍କା ରିହାତି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଅନ୍ୟ ରାଜ୍ୟ ସରକାର ଯେପରି ବସ କର୍ମଚାରୀଙ୍କୁ ସହଯୋଗ ହାତ ବଢାଇଛନ୍ତି ଓଡିଶା ସରକାର ପରିବହନ ଶିଳ୍ପକୁ ବଞ୍ଚାଇ ରଖିବା ଲାଗି ସେଭଳି ଉଦ୍ୟମ କରିବା ଆବଶ୍ୟକ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

କେବଳ ବସ ସେବା ନୁହେଁ ଅଟୋ ରିକ୍ସା ଏବଂ ଟ୍ୟାକ୍ସି ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଜୀବିକା ମଧ୍ୟ ଦୋହଲି ଯାଇଛି। ରାଜ୍ୟରେ ପ୍ରାୟ ୧.୪୦ ଲକ୍ଷ ଅଟୋ ରିକ୍ସା ଏବଂ ପ୍ରାୟ ୧ ଲକ୍ଷ ଯାତ୍ରୀ ପରିବହନ ଟ୍ୟାକ୍ସି ଚଳାଚଳ କରୁଛି। ଏହା ଉପରେ ନିର୍ଭର କରୁଥିବା ୨ ଲକ୍ଷ ପରିବାରର ଜୀବିକା ମଧ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ☞ପୃଷ୍ଠା-୪




ଚାଇନାର ସୁରକ୍ଷା ଆଇନକୁ ବିରୋଧ: ଭୋଟ ଦେଲେ ୫ ଲକ୍ଷ ହଂକଂବାସୀ ....... ୨
୭ ଜିଲାରେ ମରୁଡ଼ିର ପଦଧ୍ୱନି ....... ୫
-୪.୫ ପ୍ରତିଶତ ରହିବ ଅଭିବୃଦ୍ଧି: ଫିଚ୍ ସର୍ଭେ ....... ୮

**ଆଜିର ସମ୍ପାଦକୀୟ**

କାହିଁକି ଲୁଚାଉଛ

**ଆଜିର ମନ୍ତବ୍ୟ**

"ଦେଶରେ ଆର୍ଥିକ ଦୁରବସ୍ଥାର ସୁଧାର ଲାଗି ମନମୋହନ ସିଂଙ୍କ ଭଳି ଅର୍ଥନୀତିଜ୍ଞଙ୍କ ଆବଶ୍ୟକତା ରହିଛି।

-ଶରଦ ପାୱାର, ଏନ୍‌ସିପି ଅଧକ୍ଷ

# ସଙ୍କଟରେ ରାଜସ୍ଥାନ ସରକାର



ସଚିନ ପାଇଲଟ



ଅଶୋକ ଗେହଲଟ

- ସମର୍ଥକ ବିଧାୟକଙ୍କୁ ନେଇ ଦିଲ୍ଲୀରେ ପାଇଲଟ
- ଭାଜପା ସହ ସମ୍ପର୍କ ରଖିଥିବା ଚର୍ଚ୍ଚା
- ବିଧାୟକ ଦଳ ବୈଠକ ଡାକିଲେ ଗେହଲଟ

**ନୂଆଦିଲ୍ଲୀ,୧୨।୭**

ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଭାଙ୍ଗିବାର ୩ ମାସ ପରେ ରାଜସ୍ଥାନ କଂଗ୍ରେସରେ ବଡ଼ ସଙ୍କଟ ଦେଖାଦେଇଛି। ଦଳର ବରିଷ୍ଠ ଓ ଯୁବ ନେତୃତ୍ୱ ମଧ୍ୟରେ ଦୀର୍ଘଦିନରୁ ରହିଆସିଥିବା ଦ୍ୱନ୍ଦ୍ୱ ପୁଣିଥରେ ଉଗ୍ରରୂପ ଧାରଣ କରିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଦୌଡ଼ରେ ହାରିଯାଇ ଅସନ୍ତୁଷ୍ଟ ଥିବା ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଭାଜପା ସହ ଆଲୋଚନା ଚଳାଇଥିବା ଘନିଷ୍ଠ ସୂତ୍ରରୁ ସୂଚନା ମିଳିଛି। ତାଙ୍କ ପଛରେ ଦଳର ୧୬ ବିଧାୟକ ଏବଂ ୩ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ରହିଥିବା ପାଇଲଟ ଦାବି କରିଛନ୍ତି। ଲକ୍‌ଡାଉନ ପୂର୍ବରୁ ବିରୋଧୀ ଦଳ ସହ ପାଇଲଟଙ୍କ ଗୋଷ୍ଠୀର ଆଲୋଚନା ଚାଲିଥିଲେ ହେଁ ସରକାରରେ ଅସ୍ଥିରତା ସୃଷ୍ଟି ଅଭିଯୋଗରେ ଜେରା ପାଇଁ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି)ଠାରୁ ସମନ ପାଇବା ପରେ ସ୍ଥିତି ଗୁରୁତର ହୋଇଛି। ଏସ୍‌ଓଜି ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହାର ମୁଖ୍ୟ ଅଛନ୍ତି। ସମନ ପାଇବା ପରେ ପାଇଲଟ ରବିବାର ତାଙ୍କର କେତେଜଣ ଅନୁଗତ ବିଧାୟକଙ୍କୁ ସାଙ୍ଗରେ ନେଇ ଦିଲ୍ଲୀ ଆସିଛନ୍ତି। ତେବେ ଭାଜପା ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଦେବା ପାଇଁ ପ୍ରସ୍ତୁତ ନ ଥିବାରୁ ପାଇଲଟ ନୂଆ ଆଞ୍ଚଳିକ ଦଳ ଗଠନ କରିପାରନ୍ତି ବୋଲି କେତେଜଣ ନେତା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପାଇଲଟଙ୍କ ସହ କୌଣସି କଥାବାର୍ତ୍ତା ହୋଇ ନ ଥିବା ଭାଜପା କହିଛି।

ସରକାରରେ ସଙ୍କଟ ଦେଖାଦେବା ପରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪



## ଭାଜପାରେ ମିଶିଲେ କଂଗ୍ରେସ ବିଧାୟକ

ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକ ପ୍ରଦ୍ୟୁମ୍ନ ସିଂ ଲୋଧି ରବିବାର ଦଳ ତଥା ବିଧାନସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଶାସକ ଦଳ ଭାଜପାରେ ଯୋଗଦେଇଛନ୍ତି। ଛତରପୁର ଜିଲାର ବଡ଼ ମେଲହେରା ଆସନରୁ ସେ ପ୍ରତିନିଧିତ୍ୱ କରୁଥିଲେ। ଭାଜପା ରାଜ୍ୟ ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଲୋଧି ଗୈରିକ ଦଳରେ ସାମିଲ ହୋଇଛନ୍ତି।


କରୋନା ଆକ୍ରାନ୍ତ ବିଗ୍ ବି'ଙ୍କ ଆଶୁ ଆରୋଗ୍ୟ କାମନା କରି 'ଅଲ୍ ବେଙ୍ଗଲ ଅମିତାଭ୍ ବଚ୍ଚନ ଫ୍ୟାନ୍ସ ଆସୋସିଏଶନ'ର ଜଣେ ସଦସ୍ୟ କୋଲକାତାସ୍ଥିତ ଅମିତାଭ୍ ବଚ୍ଚନ ମନ୍ଦିରରେ ତାଙ୍କ ପ୍ରତିମୂର୍ତ୍ତିରେ ତିଳକ ଲଗାଉଛନ୍ତି।

# ଟ୍ରେନ୍‌ରେ ହେବ ସିସିଟିଭି ମନିଟରିଂ

**ନୂଆଦିଲ୍ଲୀ,୧୨।୭(ପି.ଟି.)**

ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ ଓ ଆରାମଦାୟକ କରିବା ଲାଗି ରେଲ୍‌ୱେ ବୋର୍ଡ ୨୦ଟି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଟ୍ରେନ୍ ଛାଡ଼ିବା ପୂର୍ବରୁ ଯାତ୍ରୀଙ୍କୁ ସତର୍କ ସୂଚନା ଦେବା, କୋଚ୍ ଭିତରେ ରିଅଲ ଟାଇମ୍ ସିସିଟିଭି ମନିଟରିଂ, ମୋବାଇଲ୍ ଆପ୍ଲିକେଶନ ଜରିଆରେ ଅଣସଂରକ୍ଷିତ ଟିକେଟ ପ୍ରିଣ୍ଟିଂ ଇତ୍ୟାଦି। ବିଭିନ୍ନ ଜୋନ୍‌ର କର୍ମଚାରୀମାନଙ୍କୁ ସେମାନଙ୍କର ନୂତନ ଚିନ୍ତାଧାରା ସମ୍ପର୍କରେ ଜଣାଇବାକୁ ରେଲ୍‌ୱେ ପକ୍ଷରୁ ୨୦୧୮ରେ ଏକ ପୋର୍ଟାଲ ଲଞ୍ଚ କରାଯାଇଥିଲା। ଏଥିରେ ବିଭିନ୍ନ ଜୋନ୍‌ରୁ ୨,୬୪୫ ପ୍ରସ୍ତାବ ଆସିଥିବାବେଳେ ସେଥିରୁ ପ୍ରାରମ୍ଭିକ ଭାବେ ୨୦ଟିକୁ ଚୟନ କରାଯାଇଛି। ରେଳଧାରଣାରେ ତ୍ରୁଟି ଚିହ୍ନଟ ଲାଗି

**ନିରାପଦ ଓ ଆରାମଦାୟକ ଯାତ୍ରା ପାଇଁ ୨୦ ଇନୋଭେଶନ**



ଉତ୍ତର କେନ୍ଦ୍ରୀୟ ରେଲ୍‌ୱେ ପକ୍ଷରୁ ଏକ ସିଷ୍ଟମର ବିକାଶ କରାଯାଇଛି। ସେହିପରି ଟ୍ରେନ୍‌ର ବେଗ ଓ ଟ୍ରାକ୍‌ର ଉତ୍ତାପ ଜାଣିବା ପାଇଁ ପୂର୍ବାଞ୍ଚଳ ରେଳପଥ ମାଲଦା ଡିଭିଜନ ପକ୍ଷରୁ ପାଇରୋମିଟର ବ୍ୟବହାର କରାଯାଉଛି। ଟ୍ରେନ୍‌କୁ ଲାଇନଚ୍ୟୁତ ହେବାରୁ ରକ୍ଷା କରିବା ପାଇଁ ଆଲ୍ଲାହାବାଦ ଡିଭିଜନ ୱାଗନ ବିଭାଗ ହଟ୍ ଅକ୍ସେଲ୍ ବକ୍ସ ଡିଟେକ୍ଟରର ବିକାଶ କରିଛି। ପଶ୍ଚିମାଞ୍ଚଳ ରେଲ୍‌ୱେ ପକ୍ଷରୁ ବିନା ବିଦ୍ୟୁତ୍‌ରେ ପ୍ରାକୃତିକ ଜଳ ଶୀତଳୀକରଣ ଉପକରଣ ପ୍ରସ୍ତୁତ କରାଯାଇଛି। ଏହାର ଦାମ୍ ୧.୨୫ ଲକ୍ଷ ଟଙ୍କା ହୋଇଥିବାବେଳେ ଏହି ଯନ୍ତ୍ର ୧୦ ବର୍ଷ କାର୍ଯ୍ୟ କରିବ। ଯାତ୍ରୀଙ୍କୁ ସତର୍କ କରିବା ଲାଗି ବେଲ୍ ସିଷ୍ଟମ୍ ଆଲ୍ଲାହାବାଦ ଡିଭିଜନ ପ୍ରସ୍ତୁତ କରିଛି। ହମ୍‌ସଫର ଟ୍ରେନ୍ କୋଚ୍‌ଗୁଡ଼ିକରେ ସିସିଟିଭି ଲାଗିଥିଲେ ହେଁ ଏହାର ରିଅଲ ଟାଇମ୍ ମନିଟର ବ୍ୟବସ୍ଥା ନ ଥିଲା। ଉତ୍ତର କେନ୍ଦ୍ରୀୟ ରେଲ୍‌ୱେ ପକ୍ଷରୁ ଏହାର ବିକାଶ କରାଯାଇଛି। ଏହାର ଡିସ୍‌ପ୍ଲେ ୟୁନିଟ ଗାର୍ଡ କମ୍ପାର୍ଟମେଣ୍ଟରେ ରହିବ। ଟ୍ରେନ୍ ଭିତରେ ଅପରାଧ ଆଦି ରୋକିବାରେ ଏହା ସହାୟକ ହେବ।

**ଚାଇନା ସୁରକ୍ଷା ଆଇନକୁ ବିରୋଧ**

# ଭୋଟ୍ ଦେଲେ ୫ ଲକ୍ଷ ହଂକଂବାସୀ

**ହଂକଂ,୧୨।୭**

ଚାଇନା ପକ୍ଷରୁ ହଂକଂରେ ଲାଗୁ ହୋଇଥିବା ନୂତନ ସୁରକ୍ଷା ଆଇନକୁ ସେଠାରେ ଜୋର୍‌ଦାର ବିରୋଧ କରାଯାଇଛି। ଲକ୍ଷାଧିକ ହଂକଂ ନାଗରିକ ଚାଇନାର ଏହି ଆଇନ ବିରୋଧରେ ଅଣଆନୁଷ୍ଠାନିକ ଭୋଟ ଦେଇଛନ୍ତି। ଏହା ବେଜିଂର କଠୋର ଆଇନ ବିରୋଧରେ ଏକ ପ୍ରତୀକାତ୍ମକ ପ୍ରତିବାଦ ଭୋଟ ବୋଲି ହଂକଂର ବିରୋଧୀ ଶିବିର ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବରରେ ହେବାକୁ ଥିବା ବିଧାନ ପରିଷଦ ନିର୍ବାଚନରେ ଗଣତନ୍ତ୍ର ସପକ୍ଷବାଦୀ ପ୍ରାର୍ଥୀ ଲଢ଼ିବେ କି ନାହିଁ ତାହା ଏହି ଅଣଆନୁଷ୍ଠାନିକ ଭୋଟରୁ ନିର୍ଦ୍ଧାରଣ ହେବ ବୋଲି କୁହାଯାଇଛି। ବେଜିଂ ସପକ୍ଷବାଦୀଙ୍କ କବଳରୁ ହଂକଂକୁ ମୁକ୍ତ କରିବା ପାଇଁ ପ୍ରଥମ ଥର ଏଭଳି ଚାଇନା ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଛି।

ହଂକଂର ଏହି ଅଣଆନୁଷ୍ଠାନିକ ଭୋଟ ଉପରେ ସମସ୍ତଙ୍କର ନଜର ରହିଛି। ହଂକଂ ସ୍ୱାଧୀନତାକୁ ସଙ୍କୁଚିତ କରିଥିବା ଚାଇନା ଆଇନକୁ କେତେ ବିରୋଧ କରାଯାଉଛି, ତାହା ଭୋଟ ଫଳାଫଳରୁ ସ୍ପଷ୍ଟ ହେବ। ଆଇନ ବିରୋଧରେ ଯେତେ ଅଧିକ ଭୋଟ ଯିବ, ଅନ୍ତର୍ଜାତୀୟ ସମୁଦାୟକୁ ସେତେ ବଡ଼ ବାର୍ତ୍ତା ଯିବ ବୋଲି କୁହାଯାଉଛି। ହଂକଂ ଜନସାଧାରଣ କେବେ ଛାଡ଼ିବେ ନାହିଁ ବୋଲି ଯୁବ ଡେମୋକ୍ରାଟ ନେତା ସନି ଚେଉଙ୍ଗ୍ କହିଛନ୍ତି। ଗଣତନ୍ତ୍ର ଓ ସ୍ୱାଧୀନତାକୁ ଆମର ସମର୍ଥନ ଅବ୍ୟାହତ ରହିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

ଅନ୍ୟପକ୍ଷରେ ହଂକଂର ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କୁ ଚେତାବନୀ ଦେଇ କହିଛନ୍ତି, ଏହା ଜାତୀୟ ସୁରକ୍ଷା ପ୍ରତି ଅବମାନନା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ସହରର ୨୫୦ରୁ ଊର୍ଦ୍ଧ୍ୱ ଭୋଟକେନ୍ଦ୍ରରେ ହଜାର ହଜାର ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିଲା। ଭୋଟ କେନ୍ଦ୍ର ବାହାରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଅନେକ ଲୋକ ମୋବାଇଲ ଫୋନ୍ ଯୋଗେ ଅନ୍‌ଲାଇନ୍ ବାଲଟରେ ଭୋଟ ଦେଇଥିଲେ। ସହରର ଲୋକ ସଂଖ୍ୟା ୭୫ ଲକ୍ଷ ହୋଇଥିବାବେଳେ ରବିବାର ସନ୍ଧ୍ୟା ସୁଦ୍ଧା ୫ ଲକ୍ଷ ଲୋକ ଭୋଟ ଦେଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଦୁଇଦିନର ଭୋଟିଂ ପରେ କେତେ ଭୋଟ ପଡ଼ିଛି ସୋମବାର ସକାଳେ ଘୋଷଣା କରାଯିବା ଆଶା କରାଯାଉଛି।

ଚାଇନା ଆଣିଥିବା ନୂଆ ସୁରକ୍ଷା ଆଇନ ଅନୁଯାୟୀ ବିଚ୍ଛିନ୍ନତାବାଦୀ, ଦେଶରୁ ବାଦ୍ ପଡ଼ିଥିବା ବ୍ୟକ୍ତି, ଆତଙ୍କବାଦୀ ଏବଂ ବିଦେଶୀ ଶକ୍ତି ସହ ମିଶି ଦେଶ ବିରୋଧରେ ଷଡଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଚାଇନା ସୁରକ୍ଷା ଆଇନ ବିରୋଧରେ ଭୋଟ୍ ଦେବା ପାଇଁ ଭୋଟରମାନଙ୍କ ଲମ୍ବା ଧାଡ଼ି।

ଏଥିପାଇଁ ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରହିଛି। ପ୍ରଥମ ଥର ପାଇଁ ହଂକଂରେ ଏହି ଆଇନ କାର୍ଯ୍ୟକାରୀ କରିବା ଦାୟିତ୍ୱ ଚାଇନା ମୁଖ୍ୟ ଭୂଖଣ୍ଡର ସୁରକ୍ଷା ଏଜେନ୍ସିମାନଙ୍କୁ ମିଳିଛି। ସେପ୍ଟେମ୍ବରରେ ହେବାକୁ ଥିବା ନିର୍ବାଚନରେ ଚାଇନା କର୍ତ୍ତୃପକ୍ଷ କେତେକ ପ୍ରାର୍ଥୀଙ୍କୁ ଲଢ଼ିବା ପାଇଁ ଅନୁମତି ଦେଇ ନ ପାରନ୍ତି ବୋଲି ଗଣତନ୍ତ୍ର ସପକ୍ଷବାଦୀ କର୍ମୀମାନେ ଆଶଙ୍କା କରୁଛନ୍ତି। ଉପଯୁକ୍ତ କାରଣ ନ ଥାଇ ସୁରକ୍ଷା ଆଇନ ଆଳରେ ବେଜିଂ ଯେକୌଣସି ପ୍ରାର୍ଥୀଙ୍କୁ ଗିରଫ କିମ୍ବା ଅଯୋଗ୍ୟ ଘୋଷଣା କରିପାରେ ବୋଲି ଓ୍ୱେନ୍ ଚୋ ନାମକ ଜଣେ ଗଣତନ୍ତ୍ର ସପକ୍ଷବାଦୀ କହିଛନ୍ତି।

# ପ୍ରଥମ କୋଭିଡ୍ ଟିକାର ସଫଳ ପରୀକ୍ଷା

**ମସ୍କୋ,୧୨।୭**

ରୁଷିଆ ଦ୍ୱାରା ପ୍ରସ୍ତୁତ ବିଶ୍ୱର ପ୍ରଥମ କରୋନା ଟିକାର କ୍ଲିନିକାଲ ପରୀକ୍ଷା ସଫଳ ହୋଇଛି। ସେଚେନୋଭ୍ ଫାଷ୍ଟ ମସ୍କୋ ଷ୍ଟେଟ୍ ମେଡିକାଲ ୟୁନିଭର୍ସିଟିରେ ଏହାର ପରୀକ୍ଷା ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଇନ୍‌ଷ୍ଟିଚ୍ୟୁଟ୍ ଫର ଟ୍ରାନ୍ସଲେଶନାଲ ମେଡିସିନ୍ ଆଣ୍ଡ ବାୟୋଟେକ୍‌ନୋଲୋଜିର ନିର୍ଦ୍ଦେଶକ ଭାଡିମ୍ ଟାରାସୋଭ୍ କହିଛନ୍ତି। ସ୍ୱେଚ୍ଛାସେବୀମାନଙ୍କ ପ୍ରଥମ ଗ୍ରୁପ୍, ଯେଉଁମାନଙ୍କ ଉପରେ ଏହି ପରୀକ୍ଷା ହୋଇଥିଲା ସେମାନଙ୍କୁ ବୁଧବାର ଓ ଦ୍ୱିତୀୟ ଗ୍ରୁପ୍‌ଙ୍କୁ ୨୦ ତାରିଖରେ ଛାଡ଼ିଦିଆଯିବ। ରୁଷିଆର ଗାମେଲେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ପକ୍ଷରୁ ପ୍ରସ୍ତୁତ ହୋଇଥିବା କୋଭିଡ୍ ଟିକାର ପରୀକ୍ଷା ଜୁନ୍ ୧୮ରୁ ଆରମ୍ଭ ହୋଇଥିଲା। ଟିକାକୁ ନିରାପଦର ସହିତ ମଣିଷ ଦେହରେ ପ୍ରୟୋଗ କରାଯାଇପାରିବ ବୋଲି ଏହି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଏହାକୁ ଆଧାର କରି ଟିକାକୁ ଅଧିକ ବିକଶିତ କରାଯାଇପାରିବ।

# ନଡ୍ଡାଙ୍କ ନୂଆ ଟିମ୍ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୨।୭(ପି.ଟି.)**



ଭାଜପାର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ସଂସଦୀୟ ବୋର୍ଡରେ ଅନେକ ନୂଆ ମୁହଁ ସ୍ଥାନ ପାଇବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ନୂଆ କାର୍ଯ୍ୟକର୍ତ୍ତା ଟିମ୍ ଘୋଷଣା କରାଯିବ ବୋଲି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଗତ ଜାନୁୟାରୀରେ ନଡ୍ଡା ଭାଜପା ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ ହେଁ କୋଭିଡ୍-୧୯ ଯୋଗୁ ନୂଆ କାର୍ଯ୍ୟକର୍ତ୍ତା ଘୋଷଣା ବିଳମ୍ବ ହୋଇଛି। ନୂଆ ଟିମ୍‌ରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହ ନୂଆ ମୁହଁ ସ୍ଥାନ ପାଇବେ। ବରିଷ୍ଠ ନେତା ଅନନ୍ତ କୁମାର, ସୁଷମା ସ୍ୱରାଜ, ଅରୁଣ ଜେଟଲୀଙ୍କ ପରଲୋକ ଏବଂ ଏମ୍ ଭେଙ୍କାୟାନାଇଡୁ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସଂସଦୀୟ ବୋର୍ଡରେ ସେମାନଙ୍କ ପଦବୀ ଖାଲି ପଡ଼ିଛି। ସୁଷମାଙ୍କ ସ୍ଥାନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୋର୍ଡରେ ସ୍ଥାନ ପାଇବା ଅନେକ ବିଶ୍ୱାସ କରୁନ୍ତି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବାକୁ ଥିବାରୁ କେତେକ ଭାଜପା କାର୍ଯ୍ୟକର୍ତ୍ତା ସ୍ଥାନ ପାଇପାରନ୍ତି। ସେମାନଙ୍କ ସ୍ଥାନରେ ସଂଗଠନରେ ନୂଆ ସଦସ୍ୟଙ୍କୁ ସ୍ଥାନ ମିଳିବ।

## ରାଜଭବନର ୧୮ କର୍ମଚାରୀଙ୍କୁ କରୋନା

ମୁମ୍ବାଇ,୧୨।୭: ମହାରାଷ୍ଟ୍ରରେ ମହାମାରୀ କରୋନା ସ୍ଥିତି ଅସମ୍ଭାଳ ସ୍ଥିତିରେ ପହଞ୍ଚିଲାଣି। ଦକ୍ଷିଣ ମୁମ୍ବାଇସ୍ଥିତ ରାଜଭବନରେ ରବିବାର ୧୮ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତେବେ ରାଜ୍ୟପାଳ ଭଗତ ସିଂ କୋଶ୍ୟାରୀ ସୁସ୍ଥ ଅଛନ୍ତି। ସେ ନିଜକୁ ସେଲ୍ଫ ଆଇସୋଲେଶନରେ ରଖିଛନ୍ତି। ଗତ ସପ୍ତାହରେ ୨ଜଣ କରୋନା ପଜିଟିଭ ବାହାରିବା ପରେ ଅନ୍ୟ ୧୦୦ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୬ ପଜିଟିଭ ବାହାରିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ରାଜଭବନର ଅନେକ ବରିଷ୍ଠ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ପ୍ରକାଶଥାଉ କି, ମହାରାଷ୍ଟ୍ର ଦେଶର ସବୁଠାରୁ ଅଧିକ କରୋନା ଆକ୍ରାନ୍ତ ରାଜ୍ୟ ହୋଇଥିବାବେଳେ ଏଠାରେ ୨.୫୦ ଲକ୍ଷ ଲୋକ ଭୂତାଣୁ ଆକ୍ରାନ୍ତ ଅଛନ୍ତି।


ପାଟନା ଲକ୍‌ଡାଉନ ଥିବାବେଳେ ଲୋକମାନେ ଡଙ୍ଗାରେ ଗଙ୍ଗାନଦୀ ପାର ହେଉଛନ୍ତି।

# ଅଭିନେତା ପାର୍ଥ ସମ୍‌ଥାନଙ୍କୁ କରୋନା

**ନୂଆଦିଲ୍ଲୀ,୧୨।୭**

ଅଭିନେତା ପାର୍ଥ ସମ୍‌ଥାନ କରୋନାରେ ଆକ୍ରାନ୍ତ ହୋଇଛନ୍ତି। 'କସୌଟି ଜିନ୍ଦେଗୀ କେ' ଟିଭି ସିରିୟଲରେ ଅନୁରାଗ ବସୁ ଭୂମିକାରେ ଅଭିନୟ କରି ସେ ଦର୍ଶକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ରବିବାର ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା କହିଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ଏହିକଥା ଶେୟାର କରି ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତି କରୋନା ଟେଷ୍ଟ କରିବା ଉଚିତ ବୋଲି କହିଛନ୍ତି। ସମସ୍ତେ ନିଜ ନିଜର ଯତ୍ନନେବା ସହ ସୁରକ୍ଷିତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ପାର୍ଥଙ୍କ ସହକର୍ମୀ ଓ ସମର୍ଥକମାନେ ତାଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ପାର୍ଥଙ୍କ ଅସୁସ୍ଥତା କାରଣରୁ ଏବେ ଶୁଟିଂ ବନ୍ଦ କରାଯାଇଥିବା ପ୍ରଯୋଜକ ଏକ୍‌ତା କପୁର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଟିଭି ଶୋ 'ଗୁମ୍‌ରାହ', 'ଏଣ୍ଡ ଅଫ୍ ଇନୋସେନ୍ସ', ସାବ୍‌ଧାନ ଇଣ୍ଡିଆ', 'ପ୍ୟାର୍ ତୁନେ କ୍ୟା କିୟା' ଭଳି ଅନେକ ସିରିୟଲରେ ପାର୍ଥଙ୍କ ନିଖୁଣ ଅଭିନୟର ଯାଦୁ ଦେଖିବାକୁ ମିଳେ। ସୋସିଆଲ ମିଡିଆରେ ଫ୍ୟାନ୍‌ମାନେ ତାଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।



## ମାସ୍କ ପିନ୍ଧିଲେ ଟ୍ରମ୍ପ



ୱାଶିଂଟନ,୧୨।୭: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ଲାଗି ମାସ୍କ ପିନ୍ଧିଛନ୍ତି। ମୁହଁରେ ସେ ଏକ କଳା ରଙ୍ଗର ମାସ୍କ ପିନ୍ଧି ୱାଶିଂଟନସ୍ଥିତ ସେନା ହସ୍ପିଟାଲ ବାହାରେ ଥିବା ଦେଖାଯାଇଛନ୍ତି। ଟ୍ରମ୍ପଙ୍କ ମାସ୍କପିନ୍ଧା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କେବେବି ମାସ୍କ ବିରୋଧରେ ସେ ନ ଥିବା କହିଛନ୍ତି। ପ୍ରତିଦିନ ୬୦ ହଜାର ନୂଆ ମାମଲା ଆମେରିକାରେ ଦେଖିବାକୁ ମିଳୁଛି। ସେଠାରେ କରୋନା ଭୂତାଣୁ ଜନିତ ମୃତ୍ୟୁସଂଖ୍ୟା ୧.୩୫ ଲକ୍ଷରେ ପହଞ୍ଚିଛି। ଭୂତାଣୁ ଦାଉରୁ ରକ୍ଷାପାଇବା ଲାଗି ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବା ଏବେ ଜରୁରୀ ହୋଇପଡ଼ିଛି।

# ତଦନ୍ତ ପାଇଁ କମିଶନ ଗଠିତ

**ଲକ୍ଷ୍ନୌ,୧୨।୭**

**ବିକାଶ ଦୁବେ ଏନ୍‌କାଉଣ୍ଟର ମାମଲା**

**୨ମାସରେ ଦାଖଲ ହେବ ରିପୋର୍ଟ**

ଏନ୍‌କାଉଣ୍ଟରରେ ପୋଲିସ ଗୁଳିର ଶିକାର ହୋଇ ପ୍ରାଣ ହରାଇଥିବା ଉତ୍ତରପ୍ରଦେଶ କାନପୁରର ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ଘଟଣାର ତଦନ୍ତ କରାଯିବ। ଜଣିକିଆ କମିଶନ ଏହାର ତଦନ୍ତ କରିବେ। ଦୁର୍ଘଟଣା ପରେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଗତ ସପ୍ତାହରେ ଦୁବେଙ୍କୁ ଗୁଳିମାଡ଼ କରାଯାଇଥିଲା। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଏହାର ତଦନ୍ତ କରିବା ସହ ୨ ମାସ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବେ ବୋଲି ଉତ୍ତରପ୍ରଦେଶ ସରକାର ରବିବାର କହିଛନ୍ତି। ଗତ ଶନିବାର ସରକାର ଦୁବେଙ୍କ କଳଙ୍କିତ ଅଧ୍ୟାୟର ଅନୁଧ୍ୟାନ କରିବା ଲାଗି ଏସ୍‌ଆଇଟି ଗଠନ କରିଥିଲେ। ଏଥିରେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ଓ ୨ ପୋଲିସଙ୍କୁ ସାମିଲ କରାଯାଇଥିବାବେଳେ ରିପୋର୍ଟ ଜୁଲାଇ ୩୧ ସୁଦ୍ଧା ଦେବା ଲାଗି କୁହାଯାଇଛି।

ଦୁବେଙ୍କୁ ଗିରଫ କରାଯାଇ ଗାଡ଼ିରେ ଅଣାଯିବା ସମୟରେ ହାତକଡ଼ି ପକାଯାଇ ନ ଥିଲା କାହିଁକି ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ଦୁବେଙ୍କ ସହ ବହୁ ପୋଲିସ ଓ ରାଜନେତାଙ୍କ ସମ୍ପର୍କ ରହିଛି। କେତେକ ପୋଲିସଙ୍କୁ ଗିରଫ କରାଯାଇଥିବାବେଳେ ଜେରା ଚାଲିଛି। ୪ ଜଣଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ୩୦ ଜଣ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ପ୍ରକାଶଥାଉ କି, ଦୁବେଙ୍କ ବିରୋଧରେ ୨୦ ହତ୍ୟା ଓ ହତ୍ୟା ଉଦ୍ୟମ ମାମଲା, ୧୯ ଦଙ୍ଗା ମାମଲା ସହ ୬୦ ମାମଲା ରହିଛି। ଗୁରୁବାର ସକାଳେ ମଧ୍ୟପ୍ରଦେଶର ଉଜ୍ଜୟିନୀରୁ ତାଙ୍କୁ ଗିରଫ କରି ଅଣାଯାଉଥିଲା।

# ସୁସ୍ଥ ହାର ୬୨.୯୩%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨।୭**

ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି କରୋନା ପ୍ରକୋପ। ଶନିବାର ୨୮ ହଜାର ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ରବିବାର ରାତି ସୁଦ୍ଧା ୨୦ ହଜାର ମାମଲା ନଜରକୁ ଆସିଛି। ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮.୭୦ ଲକ୍ଷରେ ପହଞ୍ଚିଥିବାବେଳେ ୨୨,୯୮୦ ମୁଣ୍ଡ ଗଡ଼ିଲାଣି। କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ରୋଗୀଙ୍କୁ ସୁସ୍ଥକରିବା ଲାଗି ପ୍ରୟାସ ଜାରି ରହିଛି। ଏବେ ସୁସ୍ଥହାର ୬୨.୯୩% ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ ୫ ଲକ୍ଷ ୪୬ ହଜାର ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି। ତେବେ ଆକ୍ଟିଭ୍ ମାମଲା ୨.୯୭ ଲକ୍ଷ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ପାଖାପାଖି ୨୦ ହଜାର ଲୋକ ସୁସ୍ଥ ହୋଇଥିବା ଜଣାପଡ଼ିଛି।

ଭାରତରେ ଏବେ ୧,୩୭୦ କୋଭିଡ୍ ହସ୍ପିଟାଲ, ୩,୦୬୨ କୋଭିଡ୍ ହେଲ୍‌ଥସେଣ୍ଟର ଓ ୧୦,୩୩୪ କୋଭିଡ୍ କେୟାର ସେଣ୍ଟର୍‌ରେ ରୋଗୀଙ୍କୁ ଚିକିତ୍ସା ଚାଲିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨୨.୩୬ ଲକ୍ଷ ପିପିଇ କିଟ୍ସ, ୨୨୩.୩୩ ଲକ୍ଷ ଏନ୍-୯୫ ମାସ୍କ ଏବଂ ୨୧,୬୮୫ ଭେଣ୍ଟିଲେଟର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦିଆଯାଇଛି। ବିଭିନ୍ନ ସ୍ଥାନରେ ଯୁଦ୍ଧକାଳୀନ ଭିତ୍ତିରେ କରୋନା ଟେଷ୍ଟ କରାଯାଉଛି। ପ୍ରାୟ ୧କୋଟି ୧୫ ଲକ୍ଷରୁ ଅଧିକ ପରୀକ୍ଷା ସରିଲାଣି।


ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଦିଲ୍ଲୀର ଛତ୍ରପୁରଠାରେ ଥିବା କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

- **ଆକ୍ରାନ୍ତଙ୍କ ସଂଖ୍ୟା ୮.୭୦ ଲକ୍ଷ**
- **୨୨,୯୮୦ ଜୀବନ ଗଲାଣି**
- **ମହାରାଷ୍ଟ୍ରରେ ୨.୫୫ ଲକ୍ଷ ଆକ୍ରାନ୍ତ**

କେବଳ ମହାରାଷ୍ଟ୍ରରେ ୨.୫୫ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୧୦,୨୮୯ ଜଣଙ୍କ ଜୀବନ ଗଲାଣି। ତାମିଲନାଡୁ ଓ ଦିଲ୍ଲୀରେ ଯଥାକ୍ରମେ ୧.୩୪ ଲକ୍ଷ ଓ ୧.୧୨ ଲକ୍ଷ ଭୂତାଣୁ ଆକ୍ରାନ୍ତ ଥିବାବେଳେ ମୋଟ ୫,୨୦୦ ଲୋକଙ୍କ ଜୀବନ ଗଲାଣି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଫଳ ଔଷଧ ବାହାରି ନ ଥିବାବେଳେ ପ୍ରବାସୀଙ୍କ ଆଗମନ ଚିନ୍ତା ବଢ଼ାଇଥିବା କୁହାଯାଉଛି।




ମେଗାଷ୍ଟାର ଅମିତାଭ ବଚ୍ଚନ କରୋନା ସଂକ୍ରମିତ ହେବା ପରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୧୨ ଦିନରେ ୧,୮୦୬ ସ୍ଥାନୀୟ ଆକ୍ରାନ୍ତ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ରାଜ୍ୟରେ ଲମ୍ବଡିଆଁ ମାରିଲାଣି କୋଭିଡ୍-୧୯ ଭୂତାଣୁ। ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ପ୍ରତିଦିନ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଉପରେ ରହୁଛି। ତେବେ ଅଧିକରୁ ଅଧିକ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଓଡ଼ିଶା ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପହଞ୍ଚିଯାଇଥିବା ଆଶଙ୍କା କରାଯାଉଛି। କିନ୍ତୁ ଏଯାଏ ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ସରକାର କହୁଛନ୍ତି। ହେଲେ ସରକାରୀ ତଥ୍ୟକୁ ଦେଖିଲେ ବିଶେଷଜ୍ଞଙ୍କ ଆଶଙ୍କା ଧୀରେ ଧୀରେ ବାସ୍ତବତା ରୂପ ନେବାରେ ଲାଗିଛି। ଗତ ୧୨ ଦିନରେ ରାଜ୍ୟରେ ମୋଟ ୬,୦୫୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ୧,୮୦୬ଜଣ ହେଉଛନ୍ତି ସ୍ଥାନୀୟ ଆକ୍ରାନ୍ତ। ଏହି ସ୍ଥାନୀୟ ଆକ୍ରାନ୍ତଙ୍କ ପାଇଁ ଏବେ ରାଜ୍ୟରେ କରୋନା ମହାମାରୀ ଉଗ୍ର ହେବାରେ ଲାଗିଛି।

ରବିବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ, ରାଜ୍ୟରେ ପୁଣି ୨୧ ଜିଲାରୁ ୫୯୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୧ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୩୯୪ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଇଛି।

> **ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ଓଡ଼ିଶା**
>
> **୫୯୫** ପଜିଟିଭ୍ ଚିହ୍ନଟ, ୩୯୦ ସୁସ୍ଥ
>
> ■ ଆଉ ୩ ମୃତ
>
> **୬୪** ଛୁଇଁଲା ମୃତ୍ୟୁ ସଂଖ୍ୟା

ଗଞ୍ଜାମରୁ ସର୍ବାଧିକ ୨୩୦ଜଣ ରହିଛନ୍ତି। ସେହିପରି ଯାଜପୁରରୁ ୯୭, ଖୋର୍ଦ୍ଧାରୁ ୭୬, କୋରାପୁଟରୁ ୪୪, ମାଲକାନଗିରିରୁ ୩୬, ଗଜପତିରୁ ୨୦, ମୟୂରଭଞ୍ଜରୁ ୧୪, ବାଲେଶ୍ୱର, ଭଦ୍ରକ ଓ କଟକରୁ ୧୧ଜଣ ଲେଖାଏ, ପୁରୀରୁ ୧୦, ସୁନ୍ଦରଗଡ଼ରୁ ୮, ଜଗତ୍‌ସିଂହପୁର ଓ ନୟାଗଡ଼ରୁ ୫ଜଣ ଲେଖାଏ, କଳାହାଣ୍ଡିରୁ ୪, କେନ୍ଦୁଝରରୁ ୩, କେନ୍ଦ୍ରାପଡ଼ା, ରାୟଗଡ଼ା ଓ ସମ୍ବଲପୁରରୁ ୨ଜଣ ଲେଖାଏ, ବରଗଡ଼ରୁ ୩ ଏବଂ ବଲାଙ୍ଗୀରରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୩,୧୨୧କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ କରୋନା ମହାମାରୀରେ ଆଉ ୩ଜଣଙ୍କ ଜୀବନ ଯାଇଛି। ଏମାନେ ସମସ୍ତେ ପୁରୁଷ ଓ ଗଞ୍ଜାମ ଜିଲାର ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରୁ ଜଣେ ୫୬ ବର୍ଷୀୟ ବ୍ୟକ୍ତି ମଧୁମେହ ଓ ଉଚ୍ଚ ରକ୍ତ ଚାପରେ ପୀଡିତ ଥିଲେ। ଅନ୍ୟଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କର ମଧୁମେହ ରୋଗ ଥିବାବେଳେ ତୃତୀୟ ମୃତକଙ୍କ ବୟସ ୫୦ ବର୍ଷ। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୪ ଛୁଇଁଥିବାବେଳେ କେବଳ ଗଞ୍ଜାମ ଜିଲାରେ ୩୯ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏହା ବ୍ୟତୀତ ରାଜ୍ୟରେ ଆଉ ୨ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ କହିଛି। ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଖୋର୍ଦ୍ଧାର ୫୦ବର୍ଷୀୟ ବ୍ୟକ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅନ୍ୟ ଜଣେ ଭୁବନେଶ୍ୱରର ୫୭ ବର୍ଷୀୟ ବ୍ୟକ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ୨୦ଜଣ କରୋନା ଆକ୍ରାନ୍ତ ଅନ୍ୟ ରୋଗରେ ଆଖିବୁଜିଛନ୍ତି।

ସେପଟେ ରବିବାର ଆଉ ୨୦ଜିଲାରୁ ୩୯୦ଜଣ ଆକ୍ରାନ୍ତ ସୁସ୍ଥହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୮,୭୫୦କୁ ବୃଦ୍ଧି ପାଇଥିବାବେଳେ ୪,୨୮୭ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ବାପାଙ୍କ ମୃତଦେହ ଛୁଇଁ ପାରିଲେନି ଝିଅ

**ପାତ୍ରପୁର,୧୨।୭(ଡି.ଏନ୍.ଏ.)**

ବାପାଙ୍କ ମୃତଦେହ ଛୁଇଁ ପାରିଲେନି କରୋନା ସଂକ୍ରମିତ ଝିଅ। କୋଭିଡ୍ ହସ୍‌ପିଟାଲରୁ ଆସି କେବଳ ଶେଷ ଦର୍ଶନ କଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖାରିଆଗୁଡା ଗ୍ରାମରେ। ଉକ୍ତ ଗ୍ରାମରେ କିଛିବର୍ଷ ହେଲା ପରିବାର ସହ ରହୁଥିଲେ କେ. ଲକ୍ଷ୍ମଣମୂର୍ତ୍ତି (୫୮)। ତାଙ୍କର ୪ ଝିଅ। ବଡ ମଝିଆ ଝିଅ ଜଣେ ଏଏନ୍‌ଏମ୍ ଓ ସେ କିଛିଦିନ ତଳେ କରୋନା ସଂକ୍ରମିତ ଜଣାପଡିବା ପରେ ଶୀତଳାପଲ୍ଲୀ କୋଭିଡ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶନିବାର ଏକ ଦୁର୍ଘଟଣାରେ ଲକ୍ଷ୍ମଣ ଆହତ ହୋଇ ବ୍ରହ୍ମପୁର ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ରାତି ପ୍ରାୟ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଝିଅମାନେ ମେଡିକାଲରେ ପହଞ୍ଚିଥିଲେ। ବଡ ମଝିଆ ଝିଅ ମଧ୍ୟ କୋଭିଡ୍ ହସ୍‌ପିଟାଲରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଆସି ପହଞ୍ଚିଥିଲେ। ୩ ଭଉଣୀ ବାପାଙ୍କ ମୃତଦେହ ନିକଟରେ କାନ୍ଦୁଥିଲେ ମଧ୍ୟ ସେ ପାଖକୁ ଯାଇ ପାରି ନ ଥିଲେ। ପରେ ମୃତଦେହ ଗ୍ରାମକୁ ଅଣାଯାଇଥିଲା। ଦୁଇଝିଅ, ଜ୍ୱାଇଁ ଓ ସାନ ଭାଇ ଗ୍ରାମବାସୀଙ୍କ ସହଯୋଗରେ ସଂସ୍କାର କରିଥିଲେ। ପରେ ବଡ ମଝିଆ ଝିଅ ପୁଣି କୋଭିଡ୍ ହସ୍‌ପିଟାଲକୁ ଫେରି ଯାଇଥିଲେ।

# ମୁହଁମାଡ଼ି ପଡ଼ିଛି ପର୍ଯ୍ୟଟନ ଶିଳ୍ପ




ଶୂନ୍‌ଶାନ୍ ପୁରୀ ବେଳାଭୂମି

**ପୁରୀ ଅଫିସ,୧୨।୭**

ପୁରୀ ଜିଲାର ପର୍ଯ୍ୟଟନ ସ୍ଥଳ ହେଉ କି ବେଳାଭୂମି ସବୁଠି ଏବେ ଛାଇଯାଇଛି ନିର୍ଜନତା। କୌଣସି ଦର୍ଶନୀୟ ସ୍ଥାନରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳୁନାହିଁ କି ଶୁଣାଯାଉନି କୋଳାହଳ। ପୁରୀ ହୋଟେଲଗୁଡ଼ିକରେ ସତେଯେମିତି ଜାରି ହୋଇଛି ଅଘୋଷିତ କର୍ଫ୍ୟୁ। ପ୍ରଥମେ ପୁରୀ ପର୍ଯ୍ୟଟନ ଶିଳ୍ପର ଅଣ୍ଟା ଭାଙ୍ଗି ଦେଇଥିଲା ବାତ୍ୟା ଫନୀ। ଏଥିରୁ ମୁକୁଳିବାକୁ ଚେଷ୍ଟା ଚାଲିଥିବା ବେଳେ ହଠାତ୍ ମହାମାରୀ କରୋନା ଦେଇଛି ଶକ୍ତ ପ୍ରହାର। ଫଳରେ ମୁହଁ ମାଡ଼ିପଡିଛି ପୁରୀ ପର୍ଯ୍ୟଟନ ଶିଳ୍ପ। ସ୍ଥିତିରେ କେବେ ସୁଧାର ଆସିବ ତାହାର କୌଣସି ଠିକ୍ ଠିକଣା ନ ଥିବାବେଳେ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନେ ଦେବାଳିଆ ହୋଇପଡ଼ିଲେଣି।

ପୁରୀ ଜିଲାରେ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, କାକଟପୁର ମା' ମଙ୍ଗଳା ମନ୍ଦିର, ଅଲାରନାଥ, ବାଲିହରଚଣ୍ଡୀ, ରାମଚଣ୍ଡୀ, ଚଉରାଶିର ବରାହୀ ମନ୍ଦିର, ଚିଲିକା, ସାତପଡ଼ା, ଜାହାନିଆଁ, ପୁରୀ ବେଳାଭୂମି, ରଘୁରାଜପୁର, କୁରୁମ ବୌଦ୍ଧପୀଠ ପ୍ରଭୃତି ଦର୍ଶନୀୟ ସ୍ଥାନ ରହିଛି। ଏସବୁ ସ୍ଥାନକୁ ବର୍ଷତମାମ୍ ଯାତ୍ରୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଦେଶ ବିଦେଶରୁ ଆସିଥାନ୍ତି। ଫଳରେ ଶହ ଶହ ଗାଡ଼ି ମାଲିକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟୀ ଉପକୃତ ହୋଇଥାନ୍ତି। ପର୍ଯ୍ୟଟନ ଶିଳ୍ପ ଉପରେ ଜିଲାର ଅନେକ ଲୋକ ନିର୍ଭରଶୀଳ। ହେଲେ କରୋନା ପାଇଁ ୫ ମାସ ହେବ ସମସ୍ତେ ଏକପ୍ରକାର ହାତବାନ୍ଧି ବସିଛନ୍ତି।

ଗତବର୍ଷ ମେ ୩ରେ ବାତ୍ୟା ଫନୀ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଛିନ୍‌ଛତ୍ର କରିଦେଇଥିଲା। ହୋଟେଲ ଶିଳ୍ପକୁ ଉଜାଡ଼ି ଦେଇଥିଲା। କୋଟି କୋଟି ଟଙ୍କା କ୍ଷତି ସହିଥିଲେ ହୋଟେଲ ମାଲିକ। ପର୍ଯ୍ୟଟନ ଶିଳ୍ପର ଏକ ପ୍ରମୁଖ ଅଂଶ ହେଉଛି ହୋଟେଲ। ପୁରୀ ସହରରେ ପ୍ରାୟ ୧,୦୦୦ ଛୋଟ ବଡ଼ ହୋଟେଲ ରହିଛି। ତେବେ କରୋନା ପାଇଁ ଗତ ମାର୍ଚ୍ଚ ୨୦ରୁ ହୋଟେଲଗୁଡ଼ିକ ବନ୍ଦ ରହିଥିଲା। ଜୁନ୍ ୮ରୁ ସର୍ତ୍ତମୂଳକ ଅନୁମତି ପରେ ହୋଟେଲ ଖୋଲିଛି। ମାତ୍ର ପର୍ଯ୍ୟଟକ ଆସୁନାହାନ୍ତି। କରୋନାର ଭୟାବହତାକୁ ଦେଖି ବାହାର ଲୋକଙ୍କୁ ଜିଲା ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି। ଫନୀ ପରେ ଜିଲାର ଅଧିକାଂଶ ପର୍ଯ୍ୟଟନସ୍ଥଳ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ବେଳେ କରୋନା ସମସ୍ତ ଆଶାକୁ ଧଳିସାତ୍ କରିଛି। ସବୁ ଧର୍ମସ୍ଥଳୀକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଥିବାବେଳେ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଫଳରେ ପୁରୀ ପର୍ଯ୍ୟଟନ ଶିଳ୍ପ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି। ପର୍ଯ୍ୟଟକଙ୍କୁ ଭିତ୍ତିକରି ଚଳୁଥିବା ଛୋଟ ବଡ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। କେବେ କରୋନାର ଭୟାବହତା କମିବ ଏବଂ ପର୍ଯ୍ୟଟନ ଶିଳ୍ପ ଅଣ୍ଟା ସଳଖିବ ତାହା ଏବେ ବଡ ପ୍ରଶ୍ନ ହୋଇଛି।

# ମାସ୍କ ଜୀବନ ସହ ଜଡିତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ସାରା ବିଶ୍ୱରେ କରୋନା ମହାମାରୀ ରୂପ ନେଇଥିବା ବେଳେ ଏହାକୁ ରୋକିବା ସକାଶେ ସମସ୍ତେ ଉଦ୍ୟମ ଜାରି ରଖିଛନ୍ତି। କିଛି ନିର୍ଦ୍ଦିଷ୍ଟ ସାବଧାନତା ରକ୍ଷା କରି ଲୋକମାନେ ଏହି ମହାମାରୀରୁ ଦୂରେଇ ରହିପାରିବେ ବୋଲି ସରକାର କହୁଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏକ ଭିଡିଓ ବାର୍ତ୍ତା ଛାଡିଛନ୍ତି। ସେଥିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମାସ୍କ ଏବେ ଆମ ଜୀବନ ସହ ଜଡିତ। ନିଜଠାରୁ କରୋନା ଦୂରେଇ ରଖିବାକୁ ହେଲେ ମାସ୍କକୁ ଦୈନନ୍ଦିନ ଜୀବନରେ ଏକ ଅଂଶଭାବେ ଗ୍ରହଣ କରନ୍ତୁ। ବ୍ୟକ୍ତିଗତସ୍ତରରେ ଆପଣଙ୍କ ଶୃଙ୍ଖଳା ଓ ସାବଧନତା ହିଁ କରୋନା ଠାରୁ ସୁରକ୍ଷା ଦେଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:.................................
ଜନ୍ମ ତାରିଖ: ............................


ବନିତା
ପରିବାରବର୍ଗ


ଲାଡ଼ଲି
ପରିବାରବର୍ଗ


ଚିତ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବ୍ରହ୍ମପୁର ଆଇଟିଆଇର ୟୁଭିସି ରୋବୋ ୱାରିୟର

■ ବସ୍, ଆବଦ୍ଧ କୋଠରୀ କରିବ ବିଶୋଧନ
■ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀଙ୍କ ପ୍ରଶଂସା

ବ୍ରହ୍ମପୁର ଅଫିସ,୧୨।୭-ରାଜ୍ୟ ତଥା ଦେଶରେ ଦିନକୁ ଦିନ କରୋନା ସ୍ଥିତି ଗମ୍ଭୀର ହେଉଥିବା ବେଳେ ସଂକ୍ରମଣକୁ ପ୍ରତିହତ କରିବା ନେଇ ବ୍ରହ୍ମପୁର ଆଇଟିଆଇ ପୁଣି କରିଛି ଆଉ ଏକ ଉଦ୍ଭାବନ । କ୍ୱାରାଣ୍ଟାଇନ୍ ସେଣ୍ଟର, ବସ୍ ତଥା କରୋନା ସଂକ୍ରମିତ ରହୁଥିବା କିମ୍ବା ସଂକ୍ରମଣ ସମ୍ଭାବନା ଥିବା ଆବଦ୍ଧ କୋଠରିକୁ ବିଶୋଧନ କରିବାକୁ ନେଇ ଅନୁଷ୍ଠାନ ନିର୍ମାଣ କରିଛି ୟୁଭିସି ରୋବୋ ୱାରିୟର । ଅନୁଷ୍ଠାନର ଇଲେକ୍ଟ୍ରିସିଆନ ଓ ଇଲୋକ୍ଟ୍ରୋନିକ୍ସ ଟ୍ରେଡ୍‌ର ଶିକ୍ଷକମାନଙ୍କ ଦ୍ୱାରା ନିର୍ମିତ ଏହି ରୋବର୍ଟ ବସ୍, କ୍ୱାରାଣ୍ଟାଇନ୍ ସେଣ୍ଟର ସମେତ ବିଭିନ୍ନ କୋଭିଡ୍ ସଂକ୍ରମିତ ଅଞ୍ଚଳ ତଥା ଆବଦ୍ଧ କୋଠରିରେ ଅତି ବାଇଗଣି ରଶ୍ମି(ୟୁଭିସି ଲାଇଟ୍) ଦ୍ୱାରା ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ କରିବ । ଏହାକୁ ଜଣେ ବ୍ୟକ୍ତି ମୋବାଇଲ ଫୋନରେ୍ ଆପ୍ ଦ୍ୱାରା ପରିଚାଳନା କରିପାରିବ । ମୋବାଇଲର ପ୍ରାୟ ୫୦ ରେଡିୟସ୍ ପର୍ଯ୍ୟନ୍ତ ଅଞ୍ଚଳ ମଧ୍ୟରେ ଏହାକୁ ପରିଚାଳନା କରାଯାଇ ପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ରୋବୋଟର ଆଖି ବିଶୋଧନ ଅଞ୍ଚଳର ଫଟୋ ଉତ୍ତୋଳନ ପାଇଁ ବ୍ଲୁଟୁଥ୍ କ୍ୟାମେରା ଖଞ୍ଜାଯାଇଥିବା ବେଳେ ଏହା ପ୍ଲାଏରେ ନିର୍ମିତ ହୋଇଛି। ଏଥିରେ ସେନ୍ସର ଖଞ୍ଜାଯାଇଥିବା ବେଳେ ଏହାର ଉଚ୍ଚତା ମାତ୍ର ୩ ଫୁଟ ରହିଛି। ପ୍ରାୟ ୮ ହଜାର ଟଙ୍କାରେ ଏହା ପ୍ରସ୍ତୁତ କରାଯାଇଥିବା ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଡ. ମହେନ୍ଦ୍ରନାଥ ପାଣ୍ଡେ ଟୁଇଟ୍ କରି ଏହାର ପ୍ରଶଂସା କରିଛନ୍ତି।



ଆଇଟିଆଇ ଦ୍ୱାରା ପ୍ରସ୍ତୁତ ୟୁଭିସି ରୋବୋ ୱାରିୟର

# ପୁଅ ଆଗରେ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା

■ ଆତ୍ମସମର୍ପଣ ପରେ ଅଭିଯୁକ୍ତ ସ୍ୱାମୀ ଗିରଫ
■ ସମ୍ପତ୍ତି ପାଇଁ ମାରିଦେଇଥିବା ଅଭିଯୋଗ

**ଖୋର୍ଦ୍ଧା ଅଫିସ/ବାଣପୁର, ୧୨।୭**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପତ୍ତି ପାଇଁ ପୁଅ ସମ୍ମୁଖରେ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ସ୍ୱାମୀ ରବିବାର ସକାଳେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ସ୍ତ୍ରୀ ହେଲେ ରଶ୍ମିତା ପ୍ରଧାନ। ତାଙ୍କ ମା’ ରେଣୁବାଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ତପନ ପ୍ରଧାନଙ୍କୁ ଗିରଫ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାୟାଧର ସେଠୀ, ଥାନାଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ଲାଗି ମେଡିକାଲକୁ ପଠାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ୮ବର୍ଷ ତଳେ ନରେନ୍ଦ୍ରପୁରର ତପନ (ବୁଲା) ପ୍ରଧାନ ଭୀମପୁର ବାଘୁଆପଦରର ରଶ୍ମିତା (ରୋଜାଲିନ)ଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ଉଭୟେ ସ୍ୱାମୀ ସ୍ତ୍ରୀ ହାଇଦ୍ରାବାଦରେ ରହୁଥିଲେ। କରୋନା ଯୋଗୁ ସେଠାରୁ ଫେରି କ୍ୱାରାଣ୍ଟାଇନରେ ରହି ଘରକୁ ଆସିଥିଲେ। ତେବେ ଶ୍ୱଶୁର ଘରେ ରଶ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ସାନ ଭଉଣୀକୁ ଦ୍ୱିତୀୟ ବିବାହ କରି ସମ୍ପତ୍ତି ହଡ଼ପ ଲାଗି ଯୋଜନା କରୁଥିବା ନେଇ ରଶ୍ମିତା ପରିବାର ଲୋକଙ୍କୁ ପୂର୍ବରୁ ଜଣାଇଥିଲେ। ଶୁକ୍ରବାର ବୁଲା ରଶ୍ମିତାଙ୍କୁ ଛାତରୁ ଠେଲି ହତ୍ୟା ପାଇଁ ଉଦ୍ୟମ କରିଥିଲେ। ମାତ୍ର କୌଶଳ କ୍ରମେ ନିଜ ଜୀବନ ବଞ୍ଚାଇଥିଲେ। ଏ ନେଇ ସେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ତେବେ ଏହାର ୧୨ଘଣ୍ଟା ନ ପୂରୁଣୁ ରବିବାର ଏଭଳି କାଣ୍ଡ ଘଟିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବ୍ୟୟଭାବରେ ମଙ୍ଗଳଥିବାରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ହାସଲ କରିବେ । ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ । ପାରିବାରିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ ।

**ବୃଷ**
ଲାଭସ୍ଥାନରେ ଚନ୍ଦ୍ର ଥିବାରୁ ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସୀ ହୋଇଯିବ । ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ନ ହୋଇପାରେ । ସରକାରୀ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ପାଖ ପଡୋଶୀଙ୍କଠାରୁ ସାହାଯ୍ୟଲାଭ କରି କାର୍ଯ୍ୟ ହାସଲ କରିବେ ।

**ମିଥୁନ**
ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି । ଆର୍ଥିକ ଅନଟନ ଦୂରେଇବା କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ । ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା, ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର କେତେକାଂଶରେ ଭଲ ରହିବ ।

**କର୍କଟ**
କର୍ମାଧିପ ଭାଗ୍ୟସ୍ଥ ହେତୁ ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ଖଳଲୋକମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ ।

**ସିଂହ**
ଗୁରୁଜନମାନଙ୍କ ପରାମର୍ଶ ଓ ସହଯୋଗରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ । କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ । ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ । ଆଗାମୀ ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ଅନୁଭବ ବୃଦ୍ଧି ପାଇବ ।

**କନ୍ୟା**
ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ଭଦ୍ରଲୋକମାନଙ୍କ ସହାୟତାରେ ଦୀର୍ଘଦିନର ଶତ୍ରୁତା ସଙ୍ଗକୁ ଜମିଜମା ବିବାଦର ଅବସାନ ଘଟିବ । ହଠାତ୍ ଦୂରଯାତ୍ରା କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ଅତିରିକ୍ତ ଦାୟିତ୍ୱ ନେବାକୁ ପଡିବାର ସମ୍ଭାବନା ରହିଛି।

**ତୁଳା**
ଶନି ଓ ଚନ୍ଦ୍ରଙ୍କ ସମ୍ବନ୍ଧ କାରଣରୁ ପୂର୍ବସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ବନ୍ଧୁ ମିଳନ ସହିତ କାର୍ଯ୍ୟ ସମ୍ପନ୍ନ କରିବେ । ପାଖପଡୋଶୀ ଓ ଆତ୍ମୀୟମାନଙ୍କ ଠାରୁ ଆବଶ୍ୟକୀୟ ସାହାଯ୍ୟ ପାଇବାରେ କୌଣସି ଅସୁବିଧା ହେବନାହିଁ । ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶା ଅନୁରୂପ ଫଳ ପାଇବେ ।

**ବିଛା**
ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ । ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ସ୍ୱାର୍ଥବାଦୀ ହେବାରୁ ମାନସିକ ଆଘାତ ଲାଗିପାରେ । ଶୃଙ୍ଖଳାବିହୀନ କାର୍ଯ୍ୟକଳାପ ପାଇଁ ସମାଲୋଚିତ ହୋଇପାରନ୍ତି । ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ ।

**ଧନୁ**
ରାଶିରେ କେତୁ ଯୁକ୍ତ ବୃହସ୍ପତି କାରଣରୁ ଶାରୀରିକ ଅସୁସ୍ଥତା ସହ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ । ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁଁ ଅଗ୍ରଗତି ହୋଇପାରିବ ନାହିଁ। ପରକଥାରେ ପ୍ରଭାବିତ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମକର**
ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଓ ମଙ୍ଗଳ ଥିବାରୁ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ । ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ । କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି । ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ।

**କୁମ୍ଭ**
କର୍ମାଧିପ ପାପଗ୍ରହ ଦୃଷ୍ଟିରେ ଥିବାରୁ ଯୁକ୍ତିତର୍କ ଜନିତ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବାର ସୂଚନା ରହିଛି । ଆର୍ଥିକ ସଂକଟ ମଧ୍ୟଦେଇ ଗତି କରିବାକୁ ପଡିପାରେ। ପରୋକ୍ଷ ଶତ୍ରୁତା କାରଣରୁ ଅଶାନ୍ତ ରହିପାରନ୍ତି ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ପାପଯୁକ୍ତ ରାଶ୍ୟାଧିପତିଜନିତ ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବାର ଆଶା କରାଯାଇପାରେ । କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

ଆଜି ଶ୍ରାବଣ କୃଷ୍ଣ ଅଷ୍ଟମୀ ସୋମବାର, ଜୁଲାଇ ୧୩ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୧୧.୧୪ମି. ଗତେ ଅଶ୍ୱିନୀ/ମେଷ, ଧନୁ ଓ ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ.୦୮.୪୯ମି.ଗତେ ଘ.୧୦.୩୪ମି. ମଧ୍ୟେ, ରାତ୍ରି ଘ.୦୯.୨୦ମି. ଗତେ ଘ.୧୨.୧୪ମି. ମଧ୍ୟେ, ଘ.୦୧.୪୧ମି. ଗତେ ଘ.୦୩.୦୯ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩.୫୨ମି. ଗତେ ଘ.୦୪.୩୬ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୬.୫୭ମି.ଗତେ ଘ.୦୮.୩୬ମି.ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚକେ ଗଲେ ବାର ହାତ ।**
ସାଧାରଣତଃ। ଶଗଡ଼ ଚକର ଗୋଲେଇ ଅଠର ଫୁଟ ବା ଛ’ ମିଟର ହୋଇଥାଏ। ଏହା ଥରେ ଗଡ଼ିଗଲେ ହାରାହାରି ବାର ହାତ ବାଟ ଯାଇଥାଏ। ଏଇ ସମୟ ଭିତରେ ଅନେକ କଥା ଘଟିଯାଇପାରେ, ପରିସ୍ଥିତି ଅନେକାଂଶରେ ବଦଳିଯାଇପାରେ। ପରୋକ୍ଷରେ ବାହାନା ଦେଖାଇ ଖସିଯିବା ବା କିଛି ସମୟ କଟିଗଲେ ପୁଣି କିଛି ସମୟ ନିଶ୍ଚିନ୍ତରେ କଟାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲି ନ ଜାଣି ଦେହୁଡ଼ି ବଙ୍କା ।**
ସିଧା ଚାଲି କରି ଯାଇପାରୁ ନ ଥିବା ବ୍ୟକ୍ତି ଦେହୁଡ଼ି ବା ଦୁଆର ବଙ୍କା ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ଐଶ୍ୱର୍ଯ୍ୟା, ଆରାଧ୍ୟାଙ୍କୁ ...

ଆଣ୍ଟିଜେନ୍ ପରୀକ୍ଷା ହୋଇଛି ଓ ଫଳାଫଳକୁ ଅପେକ୍ଷା କରାଯାଇଛି ବୋଲି ସେ ଜଣାଇଥିଲେ। ଗତ ୧୦ ଦିନ ମଧ୍ୟରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜର କୋଭିଡ୍ ପରୀକ୍ଷା କରାଇନେବା ଲାଗି ଅମିତାଭ ଅନୁରୋଧ କରିଥିଲେ। ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ମେଗାଷ୍ଟାରଙ୍କ ଜୁହୁସ୍ଥିତ ବାସଭବନ ଓ ଅଫିସ୍ ପରିସରକୁ ବିଶୋଧନ କରାଯାଇଛି। ବଚ୍ଚନ ପରିବାରର ମୁମ୍ବାଇର ବିଭିନ୍ନ ସ୍ଥାନରେ ଥିବା ୪ଟି ବଙ୍ଗଳା ଜଲ୍‌ସା, ପ୍ରତିକ୍ଷା, ଜନକ ଏବଂ ବତ୍ସକୁ ବିଏମ୍‌ସି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବା ସହ ସିଲ୍ କରିଦେଇଛି। ଉକ୍ତ ବଙ୍ଗଳାଗୁଡ଼ିକୁ ବିଶୋଧନ କରାଯିବା ସହ ପ୍ରାୟ ୩୦ ଜଣ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏହା ବ୍ୟତୀତ ତାଙ୍କ ପରିବାର ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ତାହା ଜାଣିବା ପାଇଁ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ କଣ୍ଟାକ୍ଟ-ଟ୍ରେସିଂ ଚାଲିଛି। ନାନାବତୀ ହସ୍ପିଟାଲ ବାହାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ହସ୍ପିଟାଲ ବାହାରେ ରୁଣ୍ଡ ହୋଇଥିବା ଲୋକମାନଙ୍କୁ ତଡ଼ିଦିଆଯାଇଛି। ସାମାନ୍ୟ ଲକ୍ଷଣ ସହ ୭୭ ବର୍ଷୀୟ ଅମିତାଭଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନାନାବତୀ ସୁପର ସ୍ପେଶିଆଲିଟି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ବଲିଉଡ୍‌ର ଅନ୍ୟତମ ବରିଷ୍ଠ ଅଭିନେତା ଅନୁପମ ଖେର୍‌ଙ୍କ ପରିବାରର ୪ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଅନୁପମଙ୍କ ମାଆ ଦୁଲାରୀ, ଭାଇ ରାଜୁ, ଭାଉଜ ଏବଂ ଝିଆରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ସେମାନେ କ୍ୱାରାଣ୍ଟାଇନରେ ରହିଛନ୍ତି। ଦୁଇଦିନ ହେଲା ମାଆଙ୍କୁ ଭୋକ ହେଉ ନ ଥିଲା, ତେବେ ରକ୍ତ ପରୀକ୍ଷାରୁ କିଛି ଜଣାପଡ଼ି ନ ଥିଲା ବୋଲି ଅନୁପମ ଟୁଇଟ୍ କରି କହିଛନ୍ତି। ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସିଟି ସ୍କାନ୍ ସେଣ୍ଟରକୁ ନେଇ ପରୀକ୍ଷା କରିବା ପରେ କୋଭିଡ୍ ପଜିଟିଭ୍ ଜଣାପଡିଥିଲା। ଏହା ପରେ ଅନୁପମ ନିଜେ ଓ ତାଙ୍କ ଭାଇଙ୍କର ପରୀକ୍ଷା କରାଇଥିଲେ। ଅଭିନେତାଙ୍କର ନେଗେଟିଭ୍ ଆସିଥିବାବେଳେ ଭାଇ ରାଜୁଙ୍କର ପଜିଟିଭ୍ ଆସିଛି। ସେହିପରି ଭାଉଜ ଓ ଝିଆରୀଙ୍କର ମଧ୍ୟ ପଜିଟିଭ୍ ଆସିଥିବା ଅନୁପମ ଜଣାଇଛନ୍ତି। ତାଙ୍କ ମାଆଙ୍କୁ କୋକିଳାବେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଭାଇଙ୍କ ପରିବାର ଘରେ କ୍ୱାରାଣ୍ଟାଇନରେ ରହିଛନ୍ତି। ଅନ୍ୟପକ୍ଷରେ ବଲିଉଡ୍ ଅଭିନେତ୍ରୀ ରେଖାଙ୍କ ବଙ୍ଗଳାର ଜଣେ ସୁରକ୍ଷା କର୍ମୀଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ଉକ୍ତ ବଙ୍ଗଳାକୁ ସିଲ୍ କରିଦେଇଛନ୍ତି। ରେଖାଙ୍କ ‘ସି ସ୍ପ୍ରିଙ୍ଗ୍ସ’ ବଙ୍ଗଳାର ୬୫ ବର୍ଷୀୟ ସୁରକ୍ଷା କର୍ମୀଙ୍କଠାରେ କରୋନା ପଜିଟିଭ୍ ଥିବା ମଙ୍ଗଳବାର ଜଣାପଡିଥିଲା। ବଙ୍ଗଳା ସମ୍ମୁଖରେ ବିଏମ୍‌ସି ବୋର୍ଡ ଲଗାଇ ତାହାକୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଘୋଷଣା କରିଛି। ସୁରକ୍ଷା କର୍ମୀଙ୍କୁ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଥିବା ବିଏମ୍‌ସିର କୋଭିଡ-୧୯ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


ଅଭିନେତା ଅନୁପମ ଖେରଙ୍କ ସହ ମା’ ଦୁଲାରୀ ଦେବୀ ଓ ଭାଇ ରାଜୁ ଖେର।

### ରୋଡ୍ ଟ୍ୟାକ୍ସ ...

ଅନ୍ୟପକ୍ଷରେ ଯାତ୍ରୀ ପରିବହନ ବିପର୍ଯ୍ୟସ୍ତ ହେବା ସହ ନୂତନ ଯାନବାହନ କ୍ରୟ ମଧ୍ୟ ହ୍ରାସ ପାଇଛି। ଏହାର ପ୍ରଭାବ ସିଧାସଳଖ ରାଜକୋଷ ଉପରେ ପଡିଛି। ନୂତନ ଯାନବାହନ ବିକ୍ରି ହ୍ରାସ ପାଇଥିବାରୁ ପଞ୍ଜୀକରଣ ଟିକସଠାରୁ ଆରମ୍ଭ କରି ରୋଡ୍ ଟ୍ୟାକ୍ସ ଆଦି କମିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଏପ୍ରିଲରୁ ଜୁଲାଇ ୧୦ ତାରିଖ ମଧ୍ୟରେ ପରିବହନ ବିଭାଗକୁ ମିଳୁଥିବା ୫୮ ପ୍ରତିଶତ ଟିକସ ହ୍ରାସ ପାଇଛି। ୨୦୧୯ ଏହି ସମୟ ମଧ୍ୟରେ ଟିକସ ଆଦାୟ ୩୮୬ କୋଟି ଟଙ୍କା ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୫୮ କୋଟି ହୋଇପାରିଛି। ଆଗକୁ ପରିସ୍ଥିତି ନ ସୁଧୁରିଲେ ଟିକସ ହ୍ରାସ ପ୍ରକ୍ରିୟା ଜାରି ରହିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ସଙ୍କଟରେ ରାଜସ୍ଥାନ ...

ଗେହଲଟ ରବିବାର ରାତି ୯ଟାରେ ତାଙ୍କ ବାସଭବନରେ ବିଧାୟକ ଦଳ ବୈଠକ ଡାକିଛନ୍ତି। ତେବେ ପାଇଲଟଙ୍କୁ ଜେରା ଲାଗି ସମନ ଜାରି କରିବା ଘଟଣାକୁ ନେଇ କଂଗ୍ରେସ ହାଇକମାଣ୍ଡ ଅସନ୍ତୁଷ୍ଟ ଥିବା ଏକ ସୂତ୍ରରୁ ଜଣାପଡିଛି। ସ୍ଥିତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଅବଗତ କରାଯାଇଛି। ମଧ୍ୟପ୍ରଦେଶ ସ୍ଥିତି ହେବାକୁ ଦିଆଯିବ ନାହିଁ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ପାଇଲଟଙ୍କୁ ବୈଠକକୁ ଡାକିବା ପାଇଁ ଉଦ୍ୟମ ହୋଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ଗେହଲଟଙ୍କ ଜଣେ ସହଯୋଗୀ କହିଛନ୍ତି। ଦଳର ସବୁ ବିଧାୟକଙ୍କୁ ଏକାଠି ରଖିବାକୁ ଯଥେଷ୍ଟ ସାବଧାନତା ଅବଲମ୍ବନ କରାଯାଉଛି ବୋଲି ଏହି ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ଭାଜପାରେ ଆଭ୍ୟନ୍ତରୀଣ ନେତୃତ୍ୱ ପ୍ରସଙ୍ଗ ଥିବାରୁ ସଚିନ ପାଇଲଟଙ୍କୁ ମୁଖ୍ୟମନ୍ତ୍ରୀ ପଦ ଯଚାଯିବା ଖବରକୁ ଭାଜପା ଖଣ୍ଡନ କରିଛି। ଗେହଲଟ ସରକାରର ପତନ ଘଟାଇବାକୁ ସେମାନେ ଏବେ ପ୍ରାଥମିକତା ଦେଉଛନ୍ତି। ପାଇଲଟ ନିଜେ ମଧ୍ୟ ଭାଜପାରେ ଯୋଗ ନ ଦେଇ ଆଞ୍ଚଳିକ ଦଳ ଗଢ଼ିବେ ବୋଲି କଂଗ୍ରେସ ହାଇକମାଣ୍ଡକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଘୋଡ଼ାବେପାର ଅଭିଯୋଗର ତଦନ୍ତ ପାଇଁ ପାଇଲଟଙ୍କୁ ହାଜର ହେବା ଲାଗି ସମନ କରାଯିବା ତାଙ୍କୁ କ୍ଷୁବ୍ଧ କରିଛି। ମୁଖ୍ୟ ହ୍ୱିପ୍ ମହେଶ ଜୋଷୀଙ୍କ ଅଭିଯୋଗ କ୍ରମେ ଏସ୍‌ଓପି ଶୁକ୍ରବାର ତାଙ୍କ ପାଖକୁ ସମନ ପଠାଇଥିଲା। ତଦନ୍ତ ନିର୍ଦ୍ଦେଶ ପରେ ପାଇଲଟଙ୍କ ଅନୁଗତମାନେ ବିଦ୍ରୋହ ଧମକ ଦେଇଛନ୍ତି। ପୂର୍ବରୁ କେବେ ଦଳର ସଭାପତି ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଏଭଳି ପତ୍ର ଲେଖାଯାଇ ନ ଥିଲା ବୋଲି ସେମାନେ କହିଛନ୍ତି। ଅନ୍ୟ ପକ୍ଷରେ ଗେହଲଟ କହିଛନ୍ତି, ତାଙ୍କୁ ମଧ୍ୟ ଜେରା ପାଇଁ ସମନ ହୋଇଛି। ତଦନ୍ତରେ ସହଯୋଗ କରିବା ସମସ୍ତଙ୍କ କର୍ତ୍ତବ୍ୟ। କେହି ଆଇନର ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ତାଙ୍କ ସରକାର ଭାଙ୍ଗିବା ପାଇଁ ଭାଜପା ଷଡ଼ଯନ୍ତ୍ର ଚଳାଇଥିବା ଓ କଂଗ୍ରେସ ବିଧାୟକମାନଙ୍କୁ ୧୫ କୋଟି ଟଙ୍କା ଲେଖାଏ ଯାଚୁଥିବା ମୁଖ୍ୟମନ୍ତ୍ରୀ ଗେହଲଟ ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ।

ରାଜସ୍ଥାନରେ କଂଗ୍ରେସ କ୍ଷମତାକୁ ଆସିବା ପରେ ପାଇଲଟ ମୁଖ୍ୟମନ୍ତ୍ରୀ ଦାବିଦାର ଥିଲେ ହେଁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇଥିଲା। ଏଥିସହିତ ତାଙ୍କୁ କଂଗ୍ରେସର ରାଜ୍ୟ ସଭାପତି କରାଯାଇଥିଲା। ତେବେ ସରକାର ଗଠନ ଦିନଠାରୁ ଗେହଲଟ ଓ ତାଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଆସିଛି। ଗତ ଲୋକ ସଭା ନିର୍ବାଚନରେ ଗେହଲଟଙ୍କ ପୁଅ ହାରିଯିବାରୁ ଏଥିପାଇଁ ସେ ପାଇଲଟଙ୍କୁ ଦୋଷ ଦେଇଥିଲେ। ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭାରେ କଂଗ୍ରେସର ୧୦୭ ବିଧାୟକ ରହିଥିବାବେଳେ ୧୨ ଜଣ ସ୍ୱାଧୀନ ସଦସ୍ୟ ସମର୍ଥନ ଦେଉଛନ୍ତି। ଏହା ବ୍ୟତୀତ ରାଷ୍ଟ୍ରୀୟ ଲୋକ ଦଳ, ସିପିଏମ୍ ଏବଂ ଭାରତୀୟ ଟ୍ରାଇବାଲ ପାର୍ଟିର ୫ ସଦସ୍ୟ ମଧ୍ୟ ଗେହଲଟ ସରକାରଙ୍କୁ ସମର୍ଥନ କରୁଛନ୍ତି। ଭାଜପାର ୭୨ ବିଧାୟକ ରହିଥିବାବେଳେ ସହଯୋଗୀ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟିର ୩ ବିଧାୟକ ଅଛନ୍ତି। ଅନ୍ୟ ପକ୍ଷରେ ୨୦ରୁ ୨୫ କଂଗ୍ରେସ ବିଧାୟକ ପାଇଲଟଙ୍କୁ ସମର୍ଥନ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ଯଦି ସେମାନେ ଦଳ ଛାଡ଼ନ୍ତି ତେବେ କଂଗ୍ରେସର ସଂଖ୍ୟା ୧୦୦ ତଳକୁ ଖସିଯିବ ବୋଲି କୁହାଯାଉଛି। କଂଗ୍ରେସରେ ସଙ୍କଟ ପାଇଁ ଦଳୀୟ ଅନ୍ତଃକଳହ ଦାୟୀ। ଏଥିରେ ଭାଜପାର କୌଣସି ଭୂମିକା ନାହିଁ ବୋଲି ଏହାର ରାଜ୍ୟ ସଭାପତି ସତୀଶ ପୁନିଆ କହିଛନ୍ତି।

## ସଚିନଙ୍କୁ ଦଳରେ କୋଣଠେସା କରାଯାଇଛି: ଜ୍ୟୋତିରାଦିତ୍ୟ

ନୂଆଦିଲ୍ଲୀ,୧୨।୭: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ରାଜନୀତିରେ ସଙ୍କଟ ସୃଷ୍ଟି ହୋଇଥିବାବେଳେ ମଧ୍ୟପ୍ରଦେଶର ଭାଜପା ରାଜ୍ୟ ସଭା ସଦସ୍ୟ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ନିଆଁରେ ଘିଅ ଢାଳିଛନ୍ତି। ପାଇଲଟଙ୍କ ଭଳି ଜଣେ ଦକ୍ଷ ଓ ସମର୍ଥ ନେତାଙ୍କୁ ଦଳ ଭିତରେ ଗୁରୁତ୍ୱ ଦିଆ ନଯାଇ ତାଙ୍କୁ କୋଣଠେସା କରାଯାଇଥିବା ସିନ୍ଧିଆ ଟୁଇଟ୍ କରିଛନ୍ତି। କଂଗ୍ରେସ ଦଳରେ ପ୍ରତିଭା ଓ ଦକ୍ଷତାକୁ ପ୍ରାଧାନ୍ୟ ଦିଆଯାଉ ନ ଥିବା ସେ କହିଛନ୍ତି।

## ମାନେସାର ହୋଟେଲରେ ୧୨ ବିଦ୍ରୋହୀ କଂଗ୍ରେସ ବିଧାୟକ

ଗୁରୁଗ୍ରାମ,୧୨।୭ (ଆଇଏଏନ୍‌ଏସ୍): ଭାଜପାକୁ ସମର୍ଥନ ଦେବା ଲାଗି ନିଷ୍ପତ୍ତି ନେଇଥିବା ରାଜସ୍ଥାନର ୧୨ ବିଦ୍ରୋହୀ କଂଗ୍ରେସ ବିଧାୟକ ମାନେସାରର ଏକ ପଞ୍ଚତାରକା ହୋଟେଲରେ ଅବସ୍ଥାନ କରୁଥିବା ଜଣାପଡିଛି। ଭାଜପାର ପ୍ରାୟ ୪୦ ବିଧାୟକଙ୍କୁ ମଧ୍ୟ ଉକ୍ତ ଆଇଟିସି ଗ୍ରାଣ୍ଡ ଭାରତ ହୋଟେଲରେ ରଖାଯାଇଛି। ସେମାନେ କଂଗ୍ରେସ ଆଡ଼କୁ ଢଳିପାରନ୍ତି ବୋଲି ଦଳ ଆଶଙ୍କା କରୁଛି। ସଚିନ ପାଇଲଟ ଉକ୍ତ ବିଧାୟକମାନଙ୍କୁ ଭେଟିଥିଲେ। ହୋଟେଲ କର୍ତ୍ତୃପକ୍ଷ ମୁଖ୍ୟ ଫାଟକଠାରୁ ୫୦୦ ମିଟର ଦୂରରୁ ବାରିକେଡ କରିବା ସହ ବାଉନ୍ସରମାନଙ୍କୁ ମୁତୟନ କରିଛନ୍ତି।

## classifieds Everyday
0674-2580101, 2549302

**to-let**

Vacant 2BHK of Tile Flooring with 24hours water supply at Niccopark Lane, Nayapalli. Contact: 8 2 7 0 8 8 7 5 5 1, 9090606433. D-68355

2BHK House near Telephone Exchange, 1100 sqft. Chandrasekharpur, BBSR, and Student/Bachelor Accommodation available. Contact: 8336937795 D-38572

**3BHK Flat in Jagannath Mansion, Acharya Vihar, Near RTO Office, Bhubaneswar and side of National Highway, available for rent immediately. Contact : 9861024164.** D-17736

**healthcare**

Newly open full body massage SPA in Bhubaneswar. Contact: 7205058838. D-69703

Get refreshment body massage by expert therapist contact for. 9556978408. D-69298

Herbal full body massage by smart / expert therapist. Contact: 8338067247. D-69702

Rejuvenate and Ayurvedic full body massage by smart therapist. 9114402304. D-69299

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Ayurvedic full body massage ladies and gents, Contact: 9861064981. D-69523

Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

**business**

ଘରେବସି ୩,୦୦୦/- ବିନିଯୋଗରେ SMS send କରି ମାସିକ ୧୨,୦୦୦/- ରୋଜଗାର କରନ୍ତୁ। 7077448116. D-59954

**AFFIDAVIT**

By virtue of an Affidavit before the Notary Public, Bhubaneswar on dated 6.7.2020, I, Manomaya Mishra changed my surname from Mishra to Pani after marriage with Sri Mrutyunjaya Pani. Henceforth I shall be known as Manomaya Pani for all purpose. D-17716

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୭ ଜିଲାରେ ମରୁଡ଼ିର ପଦଧ୍ୱନି

## ଧୋକା ଦେଉଛି ମୌସୁମୀ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଜୁଲାଇ ଅଧା ହେବାକୁ ବସିଲାଣି। ମାସେ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ ରାଜ୍ୟକୁ ପ୍ରବେଶ କଲାଣି। ହେଲେ ଆଶାନୁରୂପ ବର୍ଷା ମିଳିପାରୁ ନାହିଁ। ଦୁର୍ବଳ ମୌସୁମୀ ସାଙ୍ଗକୁ ଲଘୁଚାପ ସୃଷ୍ଟି ହେଉ ନ ଥିବାରୁ ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହେଲାଣି। ରାଜ୍ୟର ୭ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଜୁନ୍ ପହିଲାରୁ ଜୁଲାଇ ୧୨ ତାରିଖ ମଧ୍ୟରେ ବାଲେଶ୍ୱରରେ ୨୫ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଟକ ୩୧, ଯାଜପୁର ୩୬, କେନ୍ଦ୍ରାପଡା ୩୬, ଖୋର୍ଦ୍ଧା ୩୧, ପୁରୀ ୪୪ ଏବଂ ସୁବର୍ଣ୍ଣପୁର ଜିଲାରେ ୨୧ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ମାତ୍ର ୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କରିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୩୩୫.୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୩୪୬.୨ ମିଲିମିଟର। ଆସନ୍ତା ୫ ଦିନ ମଧ୍ୟରେ ବର୍ଷା ପରିମାଣ ବଢ଼ିବାର କୌଣସି ସୂଚନା ମଧ୍ୟ ମିଳୁ ନାହିଁ। ପାଣି ଅଭାବରୁ ଉକ୍ତ ଜିଲାଗୁଡିକରେ ଧାନ ରୁଆ ବେଉଷଣ କାର୍ଯ୍ୟ ମଧ୍ୟ ହୋଇପାରୁ ନାହିଁ। ପୂର୍ବ ବିହାର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୋନପୁର, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସୋନପୁର, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ, ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି।

ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୨୭.୬, ସମ୍ବଲପୁର ୧୧, ଟିଟିଲାଗଡ ୪୬, ବଲାଙ୍ଗୀର ୩୨.୨, ସୋନପୁର ୧୦, ରାୟଗଡା ୩୨, ଭବାନୀପାଟଣା ୪.୬ ଏବଂ ମାଲକାନଗିରି ଜିଲାରେ ୧୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



ଚିଲିକାର ବଡ଼କୁଳ ନିକଟରେ ତିଆରି ହୋଇଥିବା ମାଛ ସଂଗ୍ରହାଳୟ। କରୋନା ସ୍ଥିତି ସୁଧୁରିଲେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ।

# ଚିଲିକାରେ ମାଛ ସଂଗ୍ରହାଳୟ

## ଓଡ଼ିଶାରେ ପ୍ରଥମ

- ଦେଖିବାକୁ ମିଳିବ ୩୩୦ ପ୍ରକାରର ମାଛ ୧୨ ପ୍ରଜାତିର ଚିଙ୍ଗୁଡ଼ି
- ଘେରି ଉଚ୍ଛେଦ ଯୋଗୁ ବଢୁଛି ଜଳସ୍ତର, ପ୍ରାକୃତିକ ପରିବେଶ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଚିଲିକା ସହ ଯୋଡ଼ିହୋଇଛି ଆଉଏକ ସଫଳତା। ଦୀର୍ଘଦିନର ପ୍ରତୀକ୍ଷା ପରେ ଚିଲିକା ହ୍ରଦ କୂଳରେ ନିର୍ମାଣ ହୋଇଛି ଓଡ଼ିଶାର ପ୍ରଥମ ଫିଶ୍ ମ୍ୟୁଜିୟମ୍ ବା ମାଛ ସଂଗ୍ରହାଳୟ। ଏସିଆ ମହାଦେଶର ଏହି ସର୍ବବୃହତ୍ ଲବଣାକ୍ତ ହ୍ରଦ ଶତାଧିକ ପ୍ରଜାତି ମାଛଙ୍କ ବାସସ୍ଥାନ ହୋଇଥିବାବେଳେ ଏହାକୁ ପର୍ଯ୍ୟଟକ ଓ ବିଶ୍ୱବାସୀଙ୍କ ନଜରକୁ ଆଣିବାକୁ ଏହି ସଂଗ୍ରହାଳୟ ନିର୍ମାଣ କରାଯାଇଛି। ଚିଲିକାରେ ରହୁଥିବା ବିବିଧ ପ୍ରଜାତିର ମାଛଙ୍କୁ ଏହି ମ୍ୟୁଜିୟମ୍ ମଧ୍ୟରେ ଲୋକେ ଦେଖିପାରିବେ। ତେବେ ଏହି ମ୍ୟୁଜିୟମ୍ ଏବେ ଖୋଲାଯିବ ନାହିଁ। କରୋନା ମହାମାରୀ ପରିସ୍ଥିତିରେ ସୁଧାର ଆସିଲେ ଏହାକୁ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କରାଯିବ ବୋଲି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

ବର୍ତ୍ତମାନ ଏହି ହ୍ରଦରେ ୩୩୦ ପ୍ରକାରର ମାଛ ଓ ୧୨ ପ୍ରଜାତିର ଚିଙ୍ଗୁଡ଼ି ରହୁଥିବା ଦେଖାଯାଏ। ଏଥିପାଇଁ ଚିଲିକା ଉପରେ ନିର୍ଭର କରି ଆଖପାଖ ୧୩୨ ଗାଁର ୨ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରୁଛନ୍ତି। ଓଡ଼ିଶାରୁ ବାହାରକୁ ରପ୍ତାନି ହେଉଥିବା ସାମୁଦ୍ରିକ ଖାଦ୍ୟ ବା ସି' ଫୁଡ୍‌ର ୨୦% କେବଳ ଚିଲିକାରୁ ମିଳୁଛି, ଯାହାକୁ ଏହି ମ୍ୟୁଜିୟମ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବ। କନ୍‌ଭେନଶନାଲ ଆର୍‌ସିସି ଷ୍ଟ୍ରକ୍‌ଚରରେ ମାଛ ଆକୃତିରେ ନିର୍ମିତ ଏହି ମ୍ୟୁଜିୟମ୍ ଚିଲିକାର ପଶ୍ଚିମ ଦିଗରେ ବଡ଼କୁଳ ନିକଟରେ ରହିଛି। ଏହାର ଆର୍କିଟେକ୍‌ଚର୍ ଡିଜାଇନ୍ ବିଶେଷ ଆକର୍ଷଣୀୟ ହୋଇଥିବାବେଳେ ଆଗାମୀଦିନରେ ଏହା ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି କୁହାଯାଉଛି। ବିଶ୍ୱ ଐତିହ୍ୟସ୍ଥଳୀର ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ଚିଲିକାର ବିକାଶ ଲାଗି ଗତ କିଛିବର୍ଷ ହେଲା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ଥିବା ଜୈବ ବିବିଧତାର ସଂରକ୍ଷଣ କରାଯିବା ସହ ସ୍ଥାନୀୟ ଲୋକଙ୍କୁ କିଭଳି ରୋଜଗାର ଓ ଥଇଥାନ କରାଯିବ ସେନେଇ ଆଲୋଚନା ହୋଇଛି। ସିଡିଏ ପକ୍ଷରୁ ଚିଲିକାରେ ଥିବା ବେଆଇନ୍ ଚିଙ୍ଗୁଡି ଘେରି ହଟାଇ ଦିଆଯିବା ସହ ପର୍ଯ୍ୟଟନ ବିଭାଗ ପକ୍ଷରୁ ହ୍ରଦ ଚାରିପାର୍ଶ୍ୱରେ ଥିବା ଦ୍ୱୀପକୁ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ କରିବାକୁ ଯୋଜନା ହୋଇଛି। ଗତ ୩ବର୍ଷ ମଧ୍ୟରେ ଚିଲିକା ହ୍ରଦରେ ଥିବା ୧୬୦ ବର୍ଗକିମିରୁ ଅଧିକ ବେଆଇନ ଘେରିକୁ ଉଚ୍ଛେଦ କରାଯାଇଛି। ଏହାର ଅନୁକୂଳ ପ୍ରଭାବ ଏବେ ଚିଲିକାର ପ୍ରାକୃତିକ ପରିବେଶ ଉପରେ ପଡିଛି। ହ୍ରଦରେ ସାମୁଦ୍ରିକ ଘାସ ତଥା ସବୁଜିମା ବୃଦ୍ଧି ପାଇବା ସହ ପୂର୍ବଭଳି ସ୍ୱଚ୍ଛ ସୃଷ୍ଟିହୋଇଛି। ମୁହାଣରୁ ଘେରି ଓ ଖନ୍ଦା ସଫା ହେବାଦ୍ୱାରା ଚିଲିକା ଓ ସଂଲଗ୍ନ କେନାଲଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଦୀର୍ଘ ଦଶନ୍ଧି ପରେ ଗଞ୍ଜାମ ଜିଲାର ପାଲୁର କେନାଲରେ ଇରାୱାଡ଼ି ଡଲ୍‌ଫିନଙ୍କୁ ଦେଖିବାକୁ ମିଳୁଛି। ଦଳ ଦଳ ଡଲ୍‌ଫିନ୍ କେନାଲ ମଧ୍ୟକୁ ଖାଦ୍ୟ ସନ୍ଧାନରେ ଆସୁଥିବାରୁ ଆଗାମୀଦିନରେ ଏହି ବିରଳ ସାମୁଦ୍ରିକ ପ୍ରାଣୀଙ୍କ ବଂଶବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହାଛଡ଼ା ବିଭିନ୍ନ ପ୍ରକାର ମାଛ ସହ ୩୭ ପ୍ରଜାତିର ସରୀସୃପ ଏବଂ ଉଭୟଚର ପ୍ରାଣୀ ଓ ଶୀତଦିନେ ଚିଲିକା ଆସୁଥିବା ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ବାସସ୍ଥାନ ସୁରକ୍ଷିତ ରହିପାରିଛି।

# ଟିଏମ୍‌ସିରୁ ବିଏସ୍‌ଏଫ୍ ଯବାନ ଫେରାର

ନବରଙ୍ଗପୁର,୧୨।୭(ବି.ପ୍ର.)

ନବରଙ୍ଗପୁର ସଦର ବ୍ଲକ୍ ଅନ୍ତର୍ଗତ ପଲିଟେକ୍ନିକ୍ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରୁ ଜଣେ ବିଏସ୍‌ଏଫ୍ ଯବାନ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ବିଏସ୍‌ଏଫ୍-୧୫ ବାଟାଲିଅନ୍ କମାଣ୍ଡାଣ୍ଟ ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ନବରଙ୍ଗପୁର ବିଏସ୍‌ଏଫ୍ କ୍ୟାମ୍ପର ଜଣେ ଯବାନ ଜୁନ୍ ୨୪ରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ନବରଙ୍ଗପୁର କୋଭିଡ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ୩୦ରେ ସେ ସୁସ୍ଥ ହୋଇଥିବା ଜଣାପଡ଼ିଥିଲା। ତେବେ ବିଏସ୍‌ଏଫ୍ ପକ୍ଷରୁ ଜୁଲାଇ ୧ରେ ତାଙ୍କୁ ପଲିଟେକ୍ନିକ୍ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍‌ଜରଭେଶନରେ ରଖାଯାଇଥିଲା। ଯବାନ ଜଣକ ଟିଏମ୍‌ସିରେ ନ ରହି ଘରକୁ ଯିବାକୁ ଛୁଟି ମାଗିଥିଲେ। କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏସ୍‌ଏଫ୍ କର୍ତ୍ତୃପକ୍ଷ ଛୁଟି ଦେଇ ନ ଥିଲେ। ୧୦ତାରିଖ ସକାଳେ କାହାକୁ ନ ଜଣାଇ ଯବାନ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏତଲାକୁ ଭିତ୍ତିକରି ନବରଙ୍ଗପୁର ଥାନାରେ ନଂ.୧୬୧/୨୦ରେ ଏକ ମାମଲା ରୁଜୁ ହୋଇଛି। ଫେରାର ଯବାନଙ୍କ ଘର ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ଅନ୍ତର୍ଗତ କଟିପୁଡ଼ି ଗ୍ରାମରେ। ନବରଙ୍ଗପୁର ପୋଲିସ ସେଠାକାର ଥାନାକୁ ଖବର ଦେଇଛି। ଯବାନ ଜଣକ ଗୃହ ସଙ୍ଗରୋଧରେ ଥିବାବେଳେ ସୋମବାର ତାଙ୍କୁ ଟିଏମ୍‌ସିକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି। କିଛିଦିନ ତଳେ ନବରଙ୍ଗପୁର କୋଭିଡ୍ ହସ୍ପିଟାଲରୁ ମଧ୍ୟ ଜଣେ କରୋନା ସଂକ୍ରମିତ ବ୍ୟକ୍ତି କାନ୍ଥ ଡେଇଁ ଫେରାର ହୋଇଥିଲେ।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

ଭଞ୍ଜନଗର,୧୨।୭(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ସାର୍ଦ୍ଦୁଳ ଗ୍ରାମର ଜଣେ ଚାଷୀ ରବିବାର ଜମିରେ କାମ କରୁଥିବାବେଳେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ସେ ହେଲେ ବାଛିଆ ନାୟକ (୮୦)। ଆଉ ୩ ଚାଷୀ ଅମର ନାୟକ, ମୁନା ନାୟକ ଓ ବଳିଆ ନାୟକ ସାମାନ୍ୟ ଆହତ ହୋଇଛନ୍ତି। ବାଛିଆ ଓ ଅନ୍ୟମାନେ ରବିବାର ଅପରାହ୍ନରେ ବିଲରେ କାମ କରୁଥିଲେ। ପ୍ରାୟ ୫ଟାବେଳେ ବର୍ଷାପବନ ସହ ବଜ୍ରପାତ ହୋଇଥିଲା। ଫଳରେ ୪ ଚାଷୀ ଆହତ ହୋଇଥିଲେ। ଏହାପରେ ଗ୍ରାମବାସୀ ଗୁରୁତର ଆହତ ବାଛିଆଙ୍କୁ ଉଦ୍ଧାର କରି ଆଣି ଖତଗଦାରେ ପୋତିଥିଲେ। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍‌ପିଟାଲକୁ ଆଣିଥିଲା। ମେଡିକାଲରେ ବାଛିଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

THANKS TO ALL HAVING TRUST US FROM LAST 10 YEARS
ORIGINAL NAVRATNA BHAVISHYA
LIVE 24 X 7 NEWS & ANB NEWS
NEPAL 1 TV ALSO
Lucky Yantra In Every 15 Minutes
Check Your Lucky Yantra on 24X7 NEWS
DTH Platform Channel No.
AIRTEL - 362
DD DIRECT - 102
DEN - 316
HATHW@Y - 210
VIDEOCON - 335
GTPL - 250
F W - 193
SITI - 372
JIO TV -
ADARSH CABLE - 432
Check Your Lucky Yantra on ANB NEWS
DTH Platform Channel No.
AIRTEL - 356 KGMP -305
TATA SKY -1923 GFC -180
SITI -348 BATHINDA CCN- 79
MC CABLE -194 JIO TV

| 12.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 44 | 58 | 83 | 41 |
| 09.00 | 93 | 12 | 43 | 69 |
| 09.30 | 72 | 59 | 65 | 43 |
| 10.00 | 37 | 64 | 03 | 50 |
| 10.30 | 54 | 78 | 32 | 25 |
| 11.00 | 74 | 42 | 29 | 30 |
| 11.30 | 12 | 01 | 36 | 71 |
| 12.00 | 73 | 62 | 53 | 85 |
| 12.30 | 64 | 22 | 20 | 90 |
| 01.00 | 22 | 61 | 58 | 11 |
| 01.30 | 62 | 50 | 98 | 83 |
| 02.00 | 76 | 16 | 80 | 97 |
| 02.30 | 30 | 99 | 41 | 97 |
| 03.00 | 26 | 45 | 40 | 54 |
| 03.30 | 82 | 39 | 33 | 07 |
| 04.00 | 97 | 41 | 73 | 30 |
| 04.30 | 44 | 59 | 90 | 92 |
| 05.00 | 34 | 58 | 50 | 08 |
| 05.30 | 05 | 31 | 30 | 20 |
| 06.00 | 67 | 04 | 26 | 59 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
navratnayantracoupon.com
goldennavratnacoupon.com

# ପିସିସି ସଭାପତି ବଦଳିବେ: ସୁର

ଭୁବନେଶ୍ୱର, ୧୨।୭(ବ୍ୟୁରୋ): ଓଡିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ବଦଳିବେ। ରାଜ୍ୟରେ ନୂଆ ସଭାପତି ଖୁବ୍‌ଶୀଘ୍ର ଚୟନ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏହି ଦୌଡ଼ରେ ୧୩ ନେତା ରହିଥିବା ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ସୁର କହିଛନ୍ତି, ଖୁବ୍‌ଶୀଘ୍ର ପିସିସି ସଭାପତି ପରିବର୍ତ୍ତନ ହୋଇପାରେ। ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଯାହାକୁ ଚାହିଁବେ ସିଏ ସଭାପତି ହେବେ। ଦଳର ହାଇକମାଣ୍ଡ ଦେଶବ୍ୟାପୀ ପିସିସି ପରିବର୍ତ୍ତନ ନେଇ ବିଚାର କରୁଛନ୍ତି। ଓଡ଼ିଶାରେ ଏହି ପଦ ପାଇଁ ବହୁ ପ୍ରମୁଖ ଦାବିଦାର ଅଛନ୍ତି। ସେମାନଙ୍କ ମଧ୍ୟରେ ଶରତ ରାଉତ, ଶରତ ପଟ୍ଟନାୟକ, ଭକ୍ତ ଦାସ, ପ୍ରସାଦ ହରିଚନ୍ଦନ, ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ ଓ ଜୟଦେବ ଜେନା ପ୍ରମୁଖ ଅଛନ୍ତି। କିନ୍ତୁ ଯୁବ ଗୋଷ୍ଠୀ ଉପରେ ବିଶେଷ ଦାୟିତ୍ୱ ଦିଆଯିବା ଉପରେ ପ୍ରାଧାନ୍ୟ ଦିଆଯିବ। ଏହି ଦୌଡରେ ସେ ନାହାନ୍ତି, ଯିଏ ସଭାପତି ହେବେ ତାଙ୍କ ଅଧିନରେ କାମ କରିବେ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ବର୍ତ୍ତମାନ ପିସିସି ପରିବର୍ତ୍ତନ ହେବାର କିଛି ଅସୁବିଧା ନାହିଁ। ଏବେକାର ସ୍ଥିତିରେ ଯିଏ ସଙ୍ଗଠନକୁ ଠିକ୍‌ରେ ସମ୍ଭାଳିପାରିବ ସେହିଭଳି ନେତାଙ୍କ ଆବଶ୍ୟକତା ରହିଛି। କଂଗ୍ରେସକୁ ମଜଭୁତ କରିବା ପାଇଁ ୧୩ଜଣ କିମ୍ବା ୧୩୦୦ଜଣ ଅଛନ୍ତି ତାହା ଜଣାନାହିଁ, ହେଲେ ଦାୟିତ୍ୱ ଜଣେ ମାତ୍ର ନେବେ ବୋଲି ଶରତ କହିଛନ୍ତି।

# ଦୁଇ କୋଭିଡ୍ ହସ୍ପିଟାଲରେ ଆଇସିୟୁ ଶଯ୍ୟା ଭର୍ତ୍ତି

- ରାଜ୍ୟରେ ପର୍ଯ୍ୟାପ୍ତ ଶଯ୍ୟା ରହିଥିବା ସ୍ୱାସ୍ଥ୍ୟ ବିଭାଗର ସୂଚନା
- ଆଇସିୟୁ ଶଯ୍ୟା ସଂଖ୍ୟା ବଢ଼ାଇବାକୁ ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିବାରେ ଲାଗିଛି। ପ୍ରତିଦିନ ଶହ ଶହ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। ସେପଟେ ଗୁରୁତର ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ଏପରିସ୍ଥଳେ କେତେକ କୋଭିଡ୍ ହସ୍ପିଟାଲରେ ଆଇସିୟୁ ସମସ୍ୟା ସୃଷ୍ଟି ହୋଇଛି।

ରାଜ୍ୟ ସରକାରଙ୍କ କୋଭିଡ୍ ଡାସ୍‌ବୋର୍ଡ ତଥ୍ୟ ଅନୁସାରେ, ରାଜ୍ୟରେ ବିଭିନ୍ନ ଜିଲାରେ ଥିବା ୩୫ଟି କୋଭିଡ୍ ହସ୍ପିଟାଲରେ ୫,୫୭୭ଟି ଶଯ୍ୟା ଓ ୩୧୨ଟି ଆଇସିୟୁ ଶଯ୍ୟା ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୦ଟି ଆଇସିୟୁ ଶଯ୍ୟା ରହିଛି। ସେହିଭଳି କଟକ ଜିଲାରେ ଥିବା କୋଭିଡ୍ ହସ୍ପିଟାଲରେ ୪୦ ଆଇସିୟୁ ଶଯ୍ୟା ଥିବାବେଳେ କେନ୍ଦୁଝର୨୨, ସମ୍ବଲପୁର ୨୦, ଗଞ୍ଜାମ ୨୦, ସୋନପୁର ୨୦, ଝାରସୁଗୁଡ଼ା ୧୭, ବାଲେଶ୍ୱର ୧୨, ମୟୂରଭଞ୍ଜ ୧୦, ଅନୁଗୋଳ ୧୦, ବଲାଙ୍ଗୀର ୧୦, ଯାଜପୁର ୧୦, କେନ୍ଦ୍ରାପଡ଼ା ୯, ବରଗଡ଼ ୮, ଢେଙ୍କାନାଳ ୬, କଳାହାଣ୍ଡି ୬, ଜଗତ୍‌ସିଂହପୁର ୫, ନବରଙ୍ଗପୁର ୫, ଭଦ୍ରକ ୪, କୋରାପୁଟ ୪ ଓ ମାଲକାନଗିରିରେ ୪ଟି ଆଇସିୟୁ ଶଯ୍ୟା ରହିଛି। ସବୁଠାରୁ ବଡ଼ କଥା ହେଲା ଭୁବନେଶ୍ୱରରେ ଥିବା ଦୁଇଟି କୋଭିଡ୍ ହସ୍ପିଟାଲର ସମସ୍ତ ଆଇସିୟୁ ଭର୍ତ୍ତି ହୋଇଯାଇଛି। ସମ୍ କୋଭିଡ୍ ହସ୍ପିଟାଲରେ ୨୫ ଆଇସିୟୁ ଓ କିମ୍ସରେ ଥିବା ୪୫ ଆଇସିୟୁ ଶଯ୍ୟାର ଶତ ପ୍ରତିଶତରେ ରୋଗୀ ଅଛନ୍ତି। ତେବେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଆଇସିୟୁ ଶଯ୍ୟା ପ୍ରସ୍ତୁତ ହୋଇ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏହାର ୩୬% ଆଇସିୟୁ ଶଯ୍ୟାରେ ରୋଗୀ ରହିଥିବାବେଳେ ଅବଶିଷ୍ଟ ଫାଙ୍କା ରହିଛି। କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀ ପାଇଁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଆବଶ୍ୟକ ଆଇସିୟୁ ଶଯ୍ୟା ରହିଥିବା ବିଭାଗ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

ଏପଟେ ରାଜ୍ୟରେ ଗତ କିଛିଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢୁଥିବାରୁ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଇସିୟୁ ଶଯ୍ୟା ସଂଖ୍ୟା ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେପଟେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାପାଇଁ କଟକ ଏସ୍‌ସିବିରେ ପ୍ଲାଜ୍ମା ଥେରାପି ଆରମ୍ଭ ହୋଇଛି। ଏହି ଚିକିତ୍ସା ଜଟିଳ କରୋନା ରୋଗୀଙ୍କୁ ଆରୋଗ୍ୟ ହେବାରେ ସହାୟକ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ରାଜ୍ୟରେ ଏବେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩,୧୨୧ ରହିଥିବାବେଳେ ୬୪ଜଣଙ୍କର କରୋନାଜନିତ ମୃତ୍ୟୁ ହୋଇଛି। ୨୦ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ORISSA STATE CHILD PROTECTION SOCIETY
A Safety Net For Children
ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ କରେ ଜୀବନକୁ ସୁଖମୟ ଓ ସଂପୂର୍ଣ୍ଣ
ଓଡ଼ିଶା ଶାସନ
DSPL-19



କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫
ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ, ୨୦୧୭
ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତୁ।

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା

୧. ନିଜ ନାମକୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରନ୍ତୁ (www.cara.nic.in)
୨. ଅନ୍‌ଲାଇନ୍ ଫର୍ମ ପୂରଣ କରନ୍ତୁ ଏବଂ ଗୃହ ପରିଦର୍ଶନ ନିମନ୍ତେ ଏକ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ବାଛନ୍ତୁ
୩. ଅନ୍‌ଲାଇନ୍‌ରେ ଆବଶ୍ୟକୀୟ ଦସ୍ତାବିଜ ପୈଠ କରନ୍ତୁ
୪. ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସାମାଜିକ କର୍ମୀ ଦ୍ୱାରା ଗୃହ ପରିଦର୍ଶନ
୫. ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଦ୍ୱାରା ଗୃହ ପରିଦର୍ଶନ ରିପୋର୍ଟ ଅନ୍‌ଲାଇନ୍‌ରେ ପୈଠ କରାଯିବ
୬. ଆପଣ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଅଭିଭାବକଙ୍କ ପ୍ରତୀକ୍ଷା ସାରଣୀରେ ତାଲିକାଭୁକ୍ତ ହେବେ
୭. ପଞ୍ଜୀକୃତ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଦ୍ୱାରା ଶିଶୁ ପ୍ରେରଣର (referal) ସୂଚନା ପ୍ରଦାନ କରାଯିବ
୮. ଆପଣଙ୍କ ଲଗ୍‌ଇନ୍ ID ଖୋଲନ୍ତୁ ଏବଂ ଶିଶୁଟିକୁ ୪୮ ଘଂଟା ମଧ୍ୟରେ ସଂରକ୍ଷିତ (reserve) କରନ୍ତୁ
୯. ପୋଷ୍ୟ ସନ୍ତାନ ଗ୍ରହଣ କମିଟି ନିକଟରେ ଆପଣଙ୍କର ସମସ୍ତ ଆବଶ୍ୟକ ଦସ୍ତାବିଜ ଉପସ୍ଥାପନ କରିବେ
୧୦ . ଶିଶୁଟିକୁ (Pre-Adoption Foster Care ) ରେ ପ୍ରଦାନ କରାଯିବା ସହିତ ଅଦାଲତରେ କେସ୍ ପଞ୍ଜୀକରଣ କରାଯିବ

ରାଜ୍ୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ ଏଜେନ୍ସୀ
ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାର
୦୬୭୪-୨୩୫୩୦୪୯ | pm.sara.od@nic.in | www.cara.nic.in
OIPR-33014/13/0005/2021

ସବୁ କର୍ମ ଏକ ଖେଳ ହେବା ଉଚିତ। କିନ୍ତୁ ଏହା ହେବ ଏକ ଦିବ୍ୟକ୍ରୀଡ଼ା ବା ଭଗବତୀ ଖେଳ। ଏ ଖେଳ ତୁମେ ଭଗବାନଙ୍କ ପାଇଁ ଖେଳିବ ଓ ଭଗବାନଙ୍କ ସହିତ ଖେଳିବ। –ଶ୍ରୀମା

# କାହିଁକି ଲୁଚାଉଛ

ଖବର ମିଳିଛି ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ବୈଠକରେ ପିଏମ୍ କେୟାର୍ସ (ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ୍ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏସନ୍ସ) ପାଣ୍ଠି ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧାରଣରେ ସଂସଦର ସବୁ ଷ୍ଟାଣ୍ଡିଂ କମିଟିର ଆଲୋଚନା ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରହିବା କଥା। କେଉଁ ସଦସ୍ୟ କେଉଁ ମତ ପ୍ରଦାନ କଲେ ବା କେଉଁ ବିଷୟକୁ ସମର୍ଥନ କିମ୍ବା ବିରୋଧ କଲେ, ତାହା କେବେହେଲେ ପଦାକୁ ଆସିବା ଉଚିତ ନୁହେଁ। ନିୟମ ଅନୁଯାୟୀ ପ୍ରତ୍ୟେକ କମିଟିର ଅଧ୍ୟକ୍ଷଙ୍କ ପ୍ରଥମ ଦାୟିତ୍ୱ ହେଉଛି ପ୍ରତି ବୈଠକର ପ୍ରାରମ୍ଭରେ ଘୋଷଣା କରିବେ ଯେ, ସଭାରେ ହେଉଥିବା ଆଲୋଚନା ସମ୍ପୂର୍ଣ୍ଣ ଭାବେ 'ଇନ୍ କ୍ୟାମେରା ବା ଗୋପନୀୟ' ରଖାଯିବ। ୱିଟ୍‌ନେସ୍ ବା ସାକ୍ଷୀ ଭାବେ ଯୋଗଦେବାକୁ ଆସିଥିବା ସରକାରୀ ଅଧିକାରୀ କିମ୍ବା ଘରୋଇ ଉପଦେଷ୍ଟା ମଧ୍ୟ ଏହି ଅନୁଯାୟୀ ଶପଥ ନେବା ପରେ ସଭାରେ ଯୋଗ ଦେଇପାରନ୍ତି। ମନେହେଉଛି ଯେପରି ଏହିସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଭାରତୀୟ ପାର୍ଲାମେଣ୍ଟର ପରିଚାଳନାରେ ଜଳାଞ୍ଜଳି ଦିଆଯାଇ ସାରିଲାଣି। ପିଏସିରେ ହୋଇଥିବା ବିସ୍ତୃତ ଆଲୋଚନାକୁ ଗଣମାଧ୍ୟମରେ ପ୍ରକାଶ ପାଇସାରିଲାଣି।

କୁହାଯାଉଛି, ଏହି ଗୋପନୀୟ ସଭାରେ ପିଏମ୍ କେୟାର୍ସ ପାଣ୍ଠି ସମ୍ପର୍କରେ ଯେତେବେଳେ ଆଲୋଚନା ହେଲା ସେତେବେଳେ କମିଟିରେ ଥିବା ଭାଜପାର ସଦସ୍ୟମାନେ ଦାବି କଲେ ଯେ ଏହି ପାଣ୍ଠିକୁ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଯାଞ୍ଚ ପରିସର ବାହାରେ ରଖାଯାଉ। ଭାଜପା ସହିତ କେବଳ ବିଜୁ ଜନତା ଦଳ (ବିଜେଡି)ର ସଦସ୍ୟ ଏହି ମତକୁ ସମର୍ଥନ ଦେଇଛନ୍ତି ବୋଲି ଗଣମାଧ୍ୟମରୁ ଶୁଣିବାକୁ ମିଳିଥିବା ବେଳେ ଅନ୍ୟ ସବୁ ଅଣଭାଜପା ଦଳ ଏକାଠି ହୋଇ ଏହାକୁ ବିରୋଧ କରିଥିଲେ। ଏହାର ସତ୍ୟାସତ୍ୟ ପ୍ରମାଣ କରିବା ଅତ୍ୟନ୍ତ କଷ୍ଟକର। ତେବେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ପଢ଼ିଲେ ମନେହେଉଛି ଯେପରି କେହି ଜଣେ ଉପସ୍ଥିତ ସଦସ୍ୟ ସଭାର ପ୍ରତ୍ୟେକଟି କଥାକୁ ପଦାରେ ପକାଇ ଦେଇଛନ୍ତି।

ଗୋପନୀୟତାକୁ ଭାଙ୍ଗି କମିଟିର ତଥ୍ୟ ଗଣମାଧ୍ୟମକୁ ଜଣାଇ ଦେବାର ଏହା ଭାରତୀୟ ସଂସଦୀୟ ଇତିହାସରେ ପ୍ରଥମ ଥର ଘଟିନାହିଁ। ପୂର୍ବରୁ ଏହିଭଳି ଅନେକ ଘଟଣାକୁ ଯାଞ୍ଚ କରିବା ପାଇଁ ସଂସଦର ପ୍ରିଭିଲେଜ୍ କମିଟି ଅନେକ ଖବରକାଗଜ ସମ୍ପାଦକଙ୍କୁ ଡକାଇ ଜେରା କରିଥିବାର ଦୃଷ୍ଟାନ୍ତ ରହିଛି। ପ୍ରାୟ ସବୁସମୟରେ ଏହିଭଳି ଖୋଲତାଡ଼ ହେବାରୁ ଜଣାପଡ଼ିଥାଏ ଯେ, ତଥ୍ୟ ପ୍ରକାଶ କରିଥିବା ଖବରକାଗଜ ବା ଇଲେକ୍ଟ୍ରୋନିକ୍ ଗଣମାଧ୍ୟମକୁ କେତେକ ସାଂସଦ ନିଜ ଇଚ୍ଛାରେ ତଥ୍ୟ ଯୋଗାଇ ଦେଇଥାନ୍ତି। ଏହାଫଳରେ ସଂସଦୀୟ ବ୍ୟବସ୍ଥାର ଯେଉଁଭଳି କ୍ଷତି ଘଟୁଛି, ତାହା ହୁଏତ ଉଚ୍ଛନ୍ନ ହେଉଥିବା ସାଂସଦମାନେ ବୁଝିପାରୁ ନାହାନ୍ତି।

ଅବଶ୍ୟ ପିଏମ୍ କେୟାର୍ସ ପାଣ୍ଠି ସମ୍ପର୍କିତ ଆଲୋଚନାର ଭିତିରି କଥା ପ୍ରକାଶ ପାଇବା ଦେଶ ପାଇଁ ମଙ୍ଗଳମୟ। ସେହିସବୁ ଗଣମାଧ୍ୟମରୁ ଖବର ମିଳିଛି ଯେ, ଚାଇନାର ଅନେକ କମ୍ପାନୀ ପିଏମ୍ କେୟାର୍ସ ପାଣ୍ଠିକୁ ବିପୁଳ ପରିମାଣର ଅର୍ଥ ଯୋଗାଇ ଦେଇଛନ୍ତି। ପୂର୍ବରୁ ଭାରତବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡ (ପିଏମ୍‌ଏନ୍‌ଆର୍‌ଏଫ୍) ନାମରେ ଏକ ସ୍ୱଚ୍ଛ ପାଣ୍ଠି ରହିଛି। ତାହାର ଅଡିଟ୍ ବା ହିସାବ ପ୍ରତ୍ୟେକ ବର୍ଷ ସିଏଜି ଦ୍ୱାରା କରାଯାଇଥାଏ। ସାଧାରଣ ନାଗରିକ ଇଚ୍ଛା କଲେ ଆର୍‌ଟିଆଇ ମାଧ୍ୟମରେ ସେହି ହିସାବ ଦେଖିବାର ସୁଯୋଗ ପାଇପାରିବେ। ଏଭଳି ଏକ ପାଣ୍ଠି କାର୍ଯ୍ୟକ୍ଷମ ଥିବାବେଳେ ଏକ ନୂଆ ପାଣ୍ଠି ସୃଷ୍ଟି କରିବା ପଛରେ ଉଦ୍ଦେଶ୍ୟ ନିଶ୍ଚିତ ଭାବେ ସନ୍ଦେହଜନକ। କେବଳ ସେତିକି ନୁହେଁ, ଏହି ନବଗଠିତ ପିଏମ୍ କେୟାର୍ସ ପାଣ୍ଠିକୁ ସବୁ ପ୍ରକାରର ଉତ୍ତରଦାୟୀ ବ୍ୟବସ୍ଥାଠାରୁ ଦୂରେଇ ରଖିବାର ମନ୍ଦ ଉଦ୍ଦେଶ୍ୟ ବିଶେଷ ଭାବେ ସଚେତନ ନାଗରିକଙ୍କୁ ବ୍ୟସ୍ତ କରିବା କଥା। ସ୍ୱଚ୍ଛତା ସମ୍ପର୍କରେ ସବୁବେଳେ ଉଲ୍ଲେଖ କରିଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥା ଦେଶବାସୀଙ୍କ ମନେଅଛି। ଉପା ବିରୋଧରେ ଆନ୍ନା ହାଜାରେଙ୍କ ବିପ୍ଳବ କେବଳ ଲୋକପାଳ ନିଯୁକ୍ତି ପାଇଁ ନ ଥିଲା, ବରଂ ତାହା ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କରାଯାଇଥିଲା ବୋଲି ଦେଶବାସୀ ତାହାକୁ ସମର୍ଥନ ଜଣାଇଥିଲେ। ମନେରଖିବାକୁ ହେବ ଯେ, ସେହି ଆନ୍ଦୋଳନ ଯୋଗୁ କେବଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜନ୍ମ ନୁହେଁ, ସମଗ୍ର ଦେଶରେ ଭାଜପା ଓ ନରେନ୍ଦ୍ର ମୋଦିଙ୍କ ପ୍ରତି ସମର୍ଥନ ବଢ଼ିଥିଲା।

ସ୍ୱଚ୍ଛତାର ଅନେକ ଦିଗ ରହିଛି। କୁହାଯାଇପାରେ ଯେ, ସରକାରୀ ବ୍ୟବସ୍ଥାରେ ଅଦରକାରୀ ସତ୍ୟ ପ୍ରକାଶ କରିବାର ପ୍ରୟୋଜନ ଉଠେନାହିଁ। ଯଥା– ପିଏମ୍ କେୟାର୍ସ ପାଣ୍ଠିକୁ କେଉଁ ବ୍ୟକ୍ତିବିଶେଷ ବା କମ୍ପାନୀ କେତେ ଅର୍ଥ ଦେଲେ ତାହା ଜନସାଧାରଣଙ୍କୁ ଜଣାଯିବାର ହୁଏତ ଆବଶ୍ୟକତା ନାହିଁ। ଏହି ପର୍ଯ୍ୟନ୍ତ କଥା ବୁଝିହେବ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନାମରେ ଏବଂ ସମ୍ଭବତଃ ସରକାରୀ ନିର୍ଦ୍ଦେଶ କ୍ରମେ ଯୋଗାଡ଼ କରାଯାଇଥିବା ବିପୁଳ ଅର୍ଥ କେଉଁଠାରେ, କେଉଁ ଉଦ୍ଦେଶ୍ୟରେ ଏବଂ କାହାଦ୍ୱାରା କେତେବେଳେ କେତେ ପରିମାଣର ଖର୍ଚ୍ଚ କରାଗଲା ତା'ର ପୁଙ୍ଖାନୁପୁଙ୍ଖ ତଥ୍ୟ ଜାଣିବାର ଅଧିକାର ପ୍ରତ୍ୟେକ ଭାରତୀୟ ନାଗରିକର ରହିଛି। ଏହି ଅଧିକାରକୁ ଏକବିଂଶ ଶତାବ୍ଦୀର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଛଡ଼ାଇନେବା ଦେଶର ବ୍ୟବସ୍ଥା ପାଇଁ ମାରାତ୍ମକ।

## ସାପ୍ତାହିକ ପଞ୍ଜିକା

**ଜୁଲାଇ ୫:** କୋଭିଡ୍–୧୯ ସଂକ୍ରମଣରେ ରୁଷିଆକୁ ଟପିଲା ଭାରତ।
● କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ୍ ଅଞ୍ଚଳରେ ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳିବିନିମୟରେ ୪ ମାଓବାଦୀ ନିହତ
**ଜୁଲାଇ ୬:** ଦୁଇ ମାସ ଧରି ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ସ୍ଥିତି ପରେ ଚାଇନା ପଛକୁ ଘୁଞ୍ଚିଲା।
**ଜୁଲାଇ ୭:** ସିବିଏସ୍‌ଇ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟକ୍ରମ ୩୦% ହ୍ରାସ କରିଛି।
**ଜୁଲାଇ ୮:** ୨୦୨୧ ଶୀତଋତୁ ଶେଷସୁଦ୍ଧା ଭାରତରେ ଦୈନିକ ୨.୮୭ ଲକ୍ଷ ସଂକ୍ରମିତ ହୋଇପାରନ୍ତି ବୋଲି ଏମ୍‌ଆଇଟି ଗବେଷକମାନେ ଆକଳନ କରିଛନ୍ତି।
**ଜୁଲାଇ ୧୦:** ଗ୍ୟାଙ୍ଗ୍‌ଷ୍ଟର ବିକାଶ ଦୁବେ ପୋଲିସ ଏନ୍‌କାଉଣ୍ଟରରେ ନିହତ।
● ଭାରତରେ କରୋନା ସଂକ୍ରମଣ ୮ ଲକ୍ଷ ଟପିଲା।

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | 0 | | E | | | | 1 | | 4 | |
| 7 | B | 1 | 9 | 6 | D | | 2 | | 5 | | | | | |
| | | | | | | D | | | | 4 | | | 9 | 8 |
| | | | | | | | 5 | 9 | 6 | | | | 3 | D |
| D | 2 | | 4 | A | | 6 | | | | C | | B | | |
| | 5 | | 0 | | | 1 | | 4 | | 9 | | | C | |
| | | | | | | | | | 8 | D | 7 | 0 | | 4 |
| | A | | | | | | 9 | | | | | | | 6 |
| E | | 4 | D | | | | 0 | B | A | | | 8 | | |
| | | C | | 9 | 2 | 3 | A | 7 | | 6 | | | | |
| | | | | | | | | | 3 | | | | D | |
| | E | 8 | C | | | | | A | | | | 1 | | |
| 2 | 6 | D | | | 7 | 8 | | | 1 | | | | | |
| | 1 | | | | | E | 4 | 2 | | B | | 7 | | |
| A | 3 | | E | | | | 1 | 6 | 9 | 0 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 2 | 5 | E | D | B | A | 1 | 6 | C | 4 | 3 | 8 | 7 |
| C | A | 5 | 1 | B | 8 | 6 | 3 | 4 | E | 7 | D | 2 | 9 | 0 |
| 4 | B | 3 | 7 | 6 | 9 | 8 | C | 0 | 5 | 2 | 1 | A | E | D |
| E | 7 | 6 | 0 | 3 | C | D | 2 | 5 | 8 | A | 9 | B | 1 | 4 |
| 8 | 1 | D | 2 | A | 4 | E | 9 | 7 | 3 | 0 | B | 5 | 6 | C |
| 2 | 5 | B | 4 | 7 | A | 1 | 8 | E | 9 | 6 | C | 0 | D | 3 |
| 3 | C | 1 | 9 | D | 6 | 7 | B | 2 | 0 | E | A | 4 | 5 | 8 |
| 9 | 0 | A | E | 8 | 5 | 3 | D | 6 | 4 | B | 7 | 1 | C | 2 |
| D | 4 | 8 | C | 2 | B | A | 0 | 9 | 1 | 3 | 5 | E | 7 | 6 |
| 6 | E | 7 | 3 | 0 | 1 | 5 | 4 | C | D | 8 | 2 | 9 | B | A |
| A | 6 | 0 | D | 9 | 3 | 2 | E | B | 7 | 1 | 8 | C | 4 | 5 |
| 5 | 3 | E | 8 | C | 2 | 4 | 1 | D | A | 9 | 6 | 7 | 0 | B |
| B | 8 | 4 | A | 1 | 7 | 9 | 5 | 3 | C | D | 0 | 6 | 2 | E |
| 7 | D | 9 | B | 4 | 0 | C | 6 | A | 2 | 5 | E | 8 | 3 | 1 |
| 1 | 2 | C | 6 | 5 | E | 0 | 7 | 8 | B | 4 | 3 | D | A | 9 |

ଗତକାଲିର ଉତ୍ତର

# ସଂଶୋଧିତ ପାଠ୍ୟକ୍ରମ ଓ ଶିକ୍ଷାବର୍ଷ



ଡ. ଅରୁନ୍ଧତୀ ଦେବୀ

'ପିଲା ପଢ଼ିବେନି ଗୁରୁତ୍ୱପୂର୍ଣ୍ଣ ପାଠ' ଏହି ଶୀର୍ଷକରେ ଓଡ଼ିଶାର ନିରପେକ୍ଷ ଓ ଲୋକମତର ଖବର ବୁଝାଯାଉଥିବା ଲୋକପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ'ରେ କିଛିଦିନ ତଳେ ପ୍ରଥମ ପୃଷ୍ଠାରେ ସଚେତନଧର୍ମୀ ଗୁରୁତ୍ୱପୂର୍ଣ୍ଣ ଖବର ପ୍ରକାଶ ପାଇଥିଲା। ଧରିତ୍ରୀର ଆକଳନ ସମ୍ପୂର୍ଣ୍ଣ ଠିକ ପ୍ରମାଣିତ ହୋଇଛି। କାରଣ ସିବିଏସଇ ପାଠ୍ୟକ୍ରମରୁ ନାଗରିକତ୍ୱ, ସଙ୍ଘୀୟବାଦ, ଧର୍ମନିରପେକ୍ଷତା, ବିମୁଦ୍ରୀକରଣ ବିଷୟକୁ ବାଦ ଦିଆଯାଇଛି। କରୋନା ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିବାବେଳେ ପିଲାମାନେ ଶ୍ରେଣୀ ପାଠପଢ଼ାରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ମୁଣ୍ଡରୁ ନିୟମିତ ପାଠ୍ୟ ଖସଡ଼ା ବୋଝ ଲାଘବ କରିବା ପାଇଁ ନବମରୁ ଦ୍ୱାଦଶ ଶ୍ରେଣୀ ସିବିଏସଇ ଛାତ୍ରୀଛାତ୍ରଙ୍କ ପାଇଁ ୩୦ପ୍ରତିଶତ ସିଲାବସ୍ କମାଇ ଦିଆଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ବିଷୟବସ୍ତୁର ରାଜନୈତିକ ଗୁରୁତ୍ୱ ରହିଛି ସେହି ପାଠ୍ୟକ୍ରମକୁ ଯଥା ଜାତି, ଧର୍ମ, ଲିଙ୍ଗ, ଗଣତନ୍ତ୍ର ଓ ବିବିଧତା, ଜନସଂଖ୍ୟା ସଂଘର୍ଷ ଓ ଆନ୍ଦୋଳନ, ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ ଆଦି ଅଧ୍ୟାୟକୁ ହଟାଯାଇଛି। ଏକାଦଶ ଶ୍ରେଣୀ ପାଠ୍ୟ ଖସଡ଼ାରୁ ଜାତୀୟତାବାଦ, ଧର୍ମ ନିରପେକ୍ଷତା, ସଂଘୀୟବାଦ, ନାଗରିକତ୍ୱ ଓ ଭାରତରେ ସ୍ଥାନୀୟ ଶାସନର ଅଭିବୃଦ୍ଧି ବିଷୟକୁ ବାଦ ଦିଆଯାଇଥିବାବେଳେ ଦ୍ୱାଦଶ ଶ୍ରେଣୀ ପାଠ୍ୟ ଖସଡ଼ାରୁ ଭାରତରେ ସାମାଜିକ ଆନ୍ଦୋଳନ ଓ ବିମୁଦ୍ରୀକରଣ, ପଡ଼ୋଶୀ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ଓ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପରିବର୍ତ୍ତିତ ପ୍ରକୃତି ବିଷୟକୁ ବାଦ ଦିଆଯାଇଛି।

ଏକାଦଶ ଶ୍ରେଣୀରେ ଲୋକାଲ ଗଭର୍ନମେଣ୍ଟ ବିଷୟର 'ହ୍ୱାଇ ଡୁ ୱି ନିଡ୍ ଲୋକାଲ୍ ଗଭର୍ନମେଣ୍ଟ' ଓ ଗ୍ରୋଥ ଅଫ୍ ଲୋକାଲ ଗଭର୍ନମେଣ୍ଟ ଇନ୍ ଇଣ୍ଡିଆ' ଅଧ୍ୟାୟକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ଦ୍ୱାଦଶ ଶ୍ରେଣୀର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ସିକ୍ୟୁରିଟି ଇନ୍ ଦି କଣ୍ଟେମ୍ପରାରି ୱାର୍ଲ୍ଡ, ଏନ୍‌ଭାରନ୍‌ମେଣ୍ଟ ଆଣ୍ଡ୍ ନ୍ୟାଚୁରାଲ ରିସୋର୍ସେସ୍, ସୋସିଆଲ ଆଣ୍ଡ୍ ନିଉ ସୋସିଆଲ ମୁଭ୍‌ମେଣ୍ଟସ୍ ଇନ୍ ଇଣ୍ଡିଆ, ଫାଇଭ୍ ୟର ପ୍ଲାନ, ଇଣ୍ଡିଆ ରିଲେସନ୍ ଉଇଥ୍ ଇଟସ୍ ନେଇବର, ରିଜିଓନାଲ ଆସ୍ପିରେସନ୍‌ସ ଆଦି ଅଧ୍ୟାୟକୁ ହଟାଇ ନିଆଯାଇଛି। ନବମ ଶ୍ରେଣୀର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ଡେମୋକ୍ରାଟିକ୍ ରାଇଟସ୍ ଆଣ୍ଡ୍ ଷ୍ଟ୍ରକଚର ଅଫ୍ ଦି ଇଣ୍ଡିଆନ୍ କନଷ୍ଟିଚ୍ୟୁଶନ, ଅର୍ଥନୀତି ବିଜ୍ଞାନ ପାଠ୍ୟକ୍ରମରୁ ଫୁଡ୍ ସିକ୍ୟୁରିଟି ଇନ୍ ଇଣ୍ଡିଆ ବାଦ ପଡ଼ିଛି। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଡେମୋକ୍ରାସି ଆଣ୍ଡ୍ ଡାଇଭର୍ସିଟି, କାଷ୍ଟ ରିଲିଜନ୍ ଆଣ୍ଡ୍ ଜେଣ୍ଡର ଓ ଚାଲେଞ୍ଜସ ଟୁ ଡେମୋକ୍ରାସି ଆଦି ବିଷୟକୁ ବାଦ୍ ଦିଆଯାଇଛି। ଏକାଦଶ ଶ୍ରେଣୀରୁ ଜିଏସ୍‌ଟିର ସମ୍ପୂର୍ଣ୍ଣ ବିଷୟକୁ ବାଦ ଦିଆଯାଇଛି। ଶିକ୍ଷାବିତ୍ ମହଲରେ ପ୍ରଶ୍ନ ଉଠୁଛି ଯେ, ସିବିଏସଇ ଯେଉଁ ନିଷ୍ପତ୍ତି ନେଇଛି ତାହାକୁ ଗୋଟିଏ ବର୍ଷ ବୋଲି ଧରିନିଆଯିବା କଥା। ଯେଉଁ ବିଷୟଗୁଡ଼ିକୁ ବାଦ ଦିଆଯାଇଛି ତାହାକୁ ପୁଣି ଆସନ୍ତା ଶିକ୍ଷାବର୍ଷରେ ଯୋଡ଼ାଯିବାର ଆବଶ୍ୟକତା ରହିଛି। ଯେଉଁ ପିଲାମାନେ ସମ୍ପୃକ୍ତ ବିଷୟକୁ ଏଥର ପଢ଼ିପାରିବେ ନାହିଁ ସେମାନେ କିଭଳି ଆସନ୍ତା ବର୍ଷରେ ସେଗୁଡ଼ିକୁ ପଢ଼ିପାରିବେ ସେନେଇ ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯିବା ଦରକାର। ସିବିଏସ୍‌ଇ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୦–୨୧ ଶିକ୍ଷାବର୍ଷ ଲାଗି ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୯୦ଟି ବିଷୟର ୩୦ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରାଯାଇଛି। ଛାତ୍ରୀଛାତ୍ରଙ୍କ ଉପରୁ ପାଠପଢ଼ା ବୋଝ କମାଇବା ଲାଗି ଏହା କେବଳ ଗୋଟିଏ ବର୍ଷ ପାଇଁ ହ୍ରାସ ହୋଇଛି। ୨୦୨୦–୨୧ ବୋର୍ଡ ପରୀକ୍ଷାରେ ବାଦ ପଡ଼ିଥିବା ସିଲାବସ୍‌ରୁ କୌଣସି ପ୍ରଶ୍ନ ଆସିବ ନାହିଁ। ସ୍କୁଲଗୁଡ଼ିକ ବିକଳ୍ପ ଶିକ୍ଷା କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ଏନ୍‌ସିଇଆରଟି ପକ୍ଷରୁ କୁହାଯାଇଛି। ସଂକ୍ଷିପ୍ତ ସିଲାବସ୍‌ରୁ ଯେଉଁ ବିଷୟ ବାଦ ଦିଆଯାଇଥିବା ନେଇ ଅଭିଯୋଗ ହେଉଛି ସେଗୁଡ଼ିକ ବିକଳ୍ପ ଶିକ୍ଷା କ୍ୟାଲେଣ୍ଡରରେ ରହିବ। ପିଲାମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତୁ ନାହିଁ। ବାଦ ପଡ଼ିଥିବା ବିଷୟଗୁଡ଼ିକ ସଂକ୍ଷିପ୍ତ ସିଲାବସ ନ ହେଲେ ଏନ୍‌ସିଇଆରଟିର ବିକଳ୍ପ ଶିକ୍ଷା କ୍ୟାଲେଣ୍ଡରରେ ରହିଥିବ।

କରୋନା ଭୟକୁ ନେଇ ଆଗାମୀ ୨୦୨୦–୨୧ ଶିକ୍ଷାବର୍ଷ କେବେଠୁ ଆରମ୍ଭ ହେବ ଏହି ଚିନ୍ତା କେବଳ ଶିକ୍ଷାବିତ୍‌ଙ୍କୁ ନୁହେଁ ଅଭିଭାବକ, ଶିକ୍ଷା ପ୍ରଶାସକ ଓ ଛାତ୍ରୀଛାତ୍ର ମହଲକୁ ଆନ୍ଦୋଳିତ କରୁଛି। ନାମଲେଖା ବ୍ୟବସ୍ଥା ସହ କେବେ ଶିକ୍ଷାୟତନରେ କ୍ଲାସରୁମ ପାଠପଢ଼ା ହେବ ତାହା ବି ଘଡ଼ିକେ ଘୋଡ଼ା ଛୁଟୁଛି। ପିଲାମାନଙ୍କ ଶିକ୍ଷାବର୍ଷ ପାରମ୍ପରିକ ଭାବେ ଏପ୍ରିଲ ତ ଗଲାଣି, ଆଗାମୀ ଅକ୍ଟୋବର ନଭେମ୍ବରରୁ ହେବ କି ନା ତାହା ମଧ୍ୟ ସନ୍ଦେହରେ। ଓଡ଼ିଶା ସମେତ ସାରା ଦେଶରେ କୋଭିଡ–୧୯ ମାମଲା ଦିନକୁ ଦିନ ଉଦ୍‌ବେଗଜନକ ହେଉଥିବାରୁ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ସାଧାରଣତଃ ଏପ୍ରିଲ ମାସ ଆରମ୍ଭ ହେଉଥିବା ଶିକ୍ଷାବର୍ଷ ଇତିମଧ୍ୟରେ ଚାରି ମାସ ବିଳମ୍ବ ହେଲାଣି। ଛାତ୍ରୀଛାତ୍ରଙ୍କ ନାମଲେଖା ସମୟ ବି ଗଡ଼ିଯାଇଛି। ତଥାପି ଜୁଲାଇ ୧୫ ସୁଦ୍ଧା ସରକାରୀ ବିଦ୍ୟାଳୟରେ ନାମଲେଖା କରିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ, ସାରା ରାଜ୍ୟରେ ଏବେ ନାମଲେଖା ଚାଲିଥିଲେ ମଧ୍ୟ ଆଶାନୁରୂପ ହୋଇପାରି ନାହିଁ। ବର୍ତ୍ତମାନ ପିଲାମାନଙ୍କ ପାଠପଢ଼ାଠାରୁ ଅଗଣିତ ଅଭିଭାବକ ନିଜ ପେଟପାଟଣାକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ସେମାନେ ପିଲା ମାନଙ୍କ ପାଠଶାଠ କଥା ବି ଭୁଲିବାକୁ ବସିଲେଣି। ପ୍ରତିବର୍ଷ ପାଖାପାଖି ୬ ଲକ୍ଷ ଛାତ୍ରୀଛାତ୍ର ସରକାରୀ ବିଦ୍ୟାଳୟରେ ନାମ ଲେଖାଉଥିବା ବେଳେ ଏବେ ସୁଦ୍ଧା ୫୦ପ୍ରତିଶତ ନାମଲେଖା ହୋଇପାରିନି। ଯେଉଁମାନେ ସ୍କୁଲ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ସେମାନେ ବି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କରୋନା ଭୟରେ ଘରୁ ବାହାରି ପାରୁନାହାନ୍ତି। ସେପଟେ ସିବିଏସଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଏ ପର୍ଯ୍ୟନ୍ତ ନାମଲେଖା ନେଇ ବିଧିବଦ୍ଧ କୌଣସି ବିଜ୍ଞପ୍ତି ଜାରି ହୋଇ ନ ଥିବାରୁ ଲକ୍ଷାଧିକ ଅଭିଭାବକ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ। ଏ ତ ଗଲା ସ୍କୁଲ ଶିକ୍ଷା କଥା। ଯଦି ଉଚ୍ଚଶିକ୍ଷାକୁ ବିଚାରକୁ ନିଆଯାଏ, ତେବେ ଗତ ଏପ୍ରିଲ ୨୯ରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଶିକ୍ଷା କ୍ୟାଲେଣ୍ଡର ଅନୁଯାୟୀ ମେ' ୩୧ ଯାଏ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ ଶିକ୍ଷା ଦେବାକୁ କୁହାଯାଇଥିଲା। ଜୁନ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରୋଜେକ୍ଟ ରିପୋର୍ଟ/ଇଣ୍ଟର୍ନସିପ୍ ୱାର୍କ/ପ୍ଲେସମେଣ୍ଟ ଡ୍ରାଇଭ, ଜୁନ ୧୬ରୁ ୩୦ ଯାଏ ଗ୍ରୀଷ୍ମ ଛୁଟି, ଜୁଲାଇ ୧ରୁ ୧୫ ମଧ୍ୟରେ ଟର୍ମିନାଲ ପରୀକ୍ଷା, ୩୧ ସୁଦ୍ଧା ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଅଗଷ୍ଟରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଖୋଲିବ। ନୂଆ ଛାତ୍ରୀଛାତ୍ରଙ୍କ ପାଇଁ ସେପ୍ଟେମ୍ବରରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ୨୦୨୧ ଜାନୁୟାରୀ ୧ରୁ ୨୫ ମଧ୍ୟରେ ସେମିଷ୍ଟର ପରୀକ୍ଷା, ଜାନୁୟାରୀ ୨୭ରୁ ପୁଣିଥରେ ପାଠପଢ଼ା ଆରମ୍ଭ ହୋଇ ମେ ୨୫ରେ ସରିବ। ୨୦୨୧ମେ' ୨୬ରୁ ଜୁନ୍ ୨୫ ଯାଏ ପରୀକ୍ଷା କରାଯିବ। ଜୁଲାଇରେ ଗ୍ରୀଷ୍ମ ଛୁଟି ହେବା ସହ ଅଗଷ୍ଟ ୨ରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେବ ବୋଲି କୁହାଯାଇଥିଲା, ଯାହାକୁ ଆଧାର କରି ରାଜ୍ୟ ସରକାର ବି ଶିକ୍ଷା କ୍ୟାଲେଣ୍ଡର ପ୍ରସ୍ତୁତ କରିଥିଲେ।

ତେବେ କରୋନା ବଢ଼ୁଥିବାରୁ ମନ୍ତ୍ରଣାଳୟର ଏହି ନକ୍ସା ଏବେ କାମ କରୁନି। କୌଣସି ଗୋଟିଏ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନି। ମେ' ଜୁନ ମାସ ଗଲାଣି। ଜୁଲାଇ ୩୧ ପର୍ଯ୍ୟନ୍ତ ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସରକାର ଆଉ ପାଦେ ଆଗକୁ ବଢ଼ି ଅଗଷ୍ଟ ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି କହିଛନ୍ତି। ତେଣୁ ସେପ୍ଟେମ୍ବର ମାସରେ ଓଡ଼ିଶାରେ ଥିବା ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଖୋଲିବ କି ନାହିଁ, ତାହାକୁ ନେଇ ବି ଅନିଶ୍ଚିତତା ରହିଛି। ଶିକ୍ଷାବିତ୍‌ଙ୍କ ମତରେ ଆସନ୍ତା ଦୁଇ ମାସ ମଧ୍ୟରେ ଶିକ୍ଷାନୁଷ୍ଠାନ ଖୋଲିବା ଏବଂ ପାଠପଢ଼ା ସମ୍ଭବପର ନୁହେଁ। ଅନ୍‌ଲାଇନରେ କ୍ଲାସ ହେଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେବନି। କାରଣ ଏବେ ବି ସ୍କୁଲସ୍ତରରେ ୬୦ ପ୍ରତିଶତ ପିଲା ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନାହିଁ। ତେଣୁ ଛାତ୍ରୀଛାତ୍ରଙ୍କ ନାମଲେଖା ଓ ଶିକ୍ଷାଦାନ ନେଇ ଏବେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ପିଲାଙ୍କ ପାଠ୍ୟକ୍ରମକୁ ସଂକ୍ଷିପ୍ତ କରିବେ ଏବଂ ଅକ୍ଟୋବରରୁ ଶିକ୍ଷାବର୍ଷ ଆରମ୍ଭ କରାଇବେ। ଯଦି ସେପ୍ଟେମ୍ବରରେ ଶିକ୍ଷାନୁଷ୍ଠାନ ଖୋଲିବ, ତେବେ ଏହି ମାସରେ ନାମଲେଖା ଶେଷ କରି ଅକ୍ଟୋବରରୁ ନୂତନ ଛାତ୍ରୀଛାତ୍ରଙ୍କ ପାଠପଢ଼ା କରାଇପାରିବେ। ଦଶହରା ଛୁଟି ରହିବ ନାହିଁ। ରବିବାର ବି ପିଲାଙ୍କ ପାଠପଢ଼ା କରାଇବେ। ତେବେ ଯାଇ ମେ' ମାସରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଶେଷ ହୋଇପାରିବ। ନ ହେଲେ ଶିକ୍ଷାବର୍ଷକୁ ବଦଳାଇବାକୁ ପଡ଼ିବ। ଏପ୍ରିଲ ମାସରୁ ଆରମ୍ଭ ହେଉଥିବା ଶିକ୍ଷାବର୍ଷକୁ ଅକ୍ଟୋବର ମାସରୁ କରାଇବେ। ସେହି ଅନୁଯାୟୀ ସଂକ୍ଷିପ୍ତ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ହେବ।

ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର
ମୋ :୯୯୩୭୧୭୨୮୧୦

# ମାଆର ଡାକ



ଡ.ନରହରି ବେହେରା

ଆମ ଗାଁର ନଟ ଯୋଉଦିନ କେରଳର ଗୋଟେ କମ୍ପାନୀରେ ଚାକିରି ପାଇଲା ସେଦିନ ତା' ମାଆ କମଳିର ଆନନ୍ଦ କହିଲେ ନ ସରେ। ଘରେ ଘରେ ବୁଲି ସମସ୍ତଙ୍କୁ ତା'ପୁଅର ସଫଳତା ଗାଇ ବୁଲିଲା। ଏମିତି ହେବା କଥା। ନଟ ପାଞ୍ଚବର୍ଷର ହୋଇଥିବାବେଳେ ତା' ବାପା ଆରପାରିକୁ ଚାଲିଯାଇଥିଲେ। ପର ଘର ପାଇଟି କରି ସେ ନଟକୁ ବହୁ କଷ୍ଟରେ ବି.ଏ. ପର୍ଯ୍ୟନ୍ତ ପାଠ ପଢ଼ାଇଥିଲା। ଆଜି ସେ ଚାକିରି କରିବ– କମଳି ପାଇଁ ଏହାଠାରୁ ବଡ଼ ଖୁସି ଖବର ଆଉ କ'ଣ ହୋଇପାରେ? ନଟ ଚାକିରି କରିବାପରେ ବର୍ଷକୁ ଥରେ ଦି'ଥର ଗାଁକୁ ବୁଲି ଆସେ। ଝାଟିମାଟି ଘରକୁ ପକ୍କା ଘର କରିଦେବ, ଦାଣ୍ଡ ଆଗରେ ଗୋଟେ ଟ୍ୟୁବ୍‌ୱେଲ ବସାଇ ଦେବ ଏମିତି କେତେ କ'ଣ ସ୍ୱପ୍ନ ସେ ତା'ମାଆକୁ ଦେଖାଏ। କମଳି ବୁଢ଼ୀ ହସି ହସି ପାଖ ପଡ଼ିଶାକୁ ଡାକି କହେ, ମୋ ନଟୁ ଗୋଟେ ଟିଉଲୁ ବସେଇଦେଲେ ମୁଁ ଆଉ ହାତୀ ସାହିକୁ ପାଣି ଆଣିବାକୁ ଯିବିନି ଲୋ। ନଟ କି ଚାକିରି କରିଛି, କେତେ ଟଙ୍କା ପାଉଛି ଏହାର ତଥ୍ୟ ନେବାପାଇଁ ଆମ ଗାଁର କିଛି ସନ୍ଧାନକାରୀ ଦଳ ଚେଷ୍ଟାକରି ବିଫଳ ହୋଇଥିବାରୁ ତଥ୍ୟଗୁଡ଼ିକ ପଦାକୁ ଆସିପାରି ନ ଥିଲା। ତେଣୁ କମଳି କଥାରେ ସେମାନେ ମଥା ହଲାଇ ସମ୍ମତି ଜଣାଇବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା।

ବିଧାତାର ବିଚାର ବିଚିତ୍ର। ହଠାତ୍ ନଟ ଗାଁକୁ ଆସିବା ବନ୍ଦ କରିଦେଲା। କେବେ କେମିତି ପଡ଼ିଶା ଘର ଫୋନ୍‌ରେ କଥାବାର୍ତ୍ତା କରି ନିଜ ପୁତ୍ରର କର୍ତ୍ତବ୍ୟ ସମ୍ପାଦନ କରିଦିଏ ସିନା ଗାଁରେ ତା'ର ପାଦ ପଡ଼ିଲାନି। ବୁଢ଼ୀ ଭାଗ୍ୟକୁ ନିନ୍ଦେ ସିନା ନଟ ବିରୋଧରେ ପଦେ ହେଲେ କହେନାହିଁ। କେହି ନଟ ବିଷୟରେ କିଛି ପଚାରିଲେ, ବୁଢ଼ୀ ରାଗିଯାଇ ସଙ୍ଗେ ସଙ୍ଗେ ଉତ୍ତର ଦିଏ– କମ୍ପାନୀ ଚାକିରି, ଛୁଆଟା ଖାଇବାକୁ ବେଳ ପାଉ ନ ଥିବ। ଏଠିକି ଆସିବ କେତେବେଳେ। ତମର ମୋ ପୁଅ ପାଖରେ କି ଗରଜ କି? ପ୍ରଶ୍ନକର୍ତ୍ତା ନୀରବ ରହେ। ମାତ୍ର ଦିନେ କେରଳରେ ରହୁଥିବା ପାଖ ଗାଁର ଟୋକାଟା ଆମ ଗାଁକୁ ଏକ ସଦ୍ୟତମ ଖବର ଜଣାଇଦେଲା। ନଟ କେରଳର ଗୋଟେ ଝିଅକୁ ବାହା ହେଇପଡ଼ିଛି। ଆମ ଗାଁର ପର ଖୁଣ ସନ୍ଧାନରେ ଉଚ୍ଚାଟ ହେଉଥିବା ଭଦ୍ରବ୍ୟକ୍ତିମାନେ ଏ ତାଜା ଖବର ପାଇ କୁରୁଳି ଉଠିଲେ, ଟୁପୁରୁ ଟାପର ହେଲେ। ଏକଥା ଶୁଣି କମଳି କାନ୍ଦି କାନ୍ଦି ତିନି ଦିନ ଘର ଭିତରୁ ବାହାରିଲାନି। କିଛିଦିନ ପରେ ଗାଁର ସମସ୍ତଙ୍କୁ କଥାଟା ମିଛ ବୋଲି କହି ଘଟଣାଟାକୁ ବୁଲାଇଦେବାକୁ ଚେଷ୍ଟାକଲା ସିନା ନିଜ ମନକୁ ବୁଝାଇପାରିଲାନି। ଆମ ଗାଁର ଲୋକମାନେ ଏହି ଖବରକୁ ନେଇ ବେଶ୍ କିଛିଦିନ ନାଚକୁଦ କଲେ, ପରେ ପରେ ସବୁକିଛି ଶାନ୍ତ ପଡ଼ିଗଲା। କମଳି ହାରିଗଲାନି। ସ୍ୱାମୀଙ୍କୁ ହରାଇ ପେଟରେ ଓଦାକନା ଦେଇ ନଟକୁ ବଡ଼ କରିଛି। ତା'ର ସବୁ ତ୍ୟାଗ, ସ୍ୱପ୍ନ, କଳ୍ପନା ନଟର ସୁଖପାଇଁ ସମର୍ପିତ। ସେ ଯେଉଁଠି ଅଛି, ସୁଖରେ ଥାଉ। ସବୁବେଳେ ଠାକୁରଙ୍କୁ ଏହି ପ୍ରାର୍ଥନା କରି କମଳି କାଳ କାଟେ।

ଏବର୍ଷ କରୋନା ଆତଙ୍କରେ ସବୁ କଳ କାରଖାନା ବନ୍ଦ ହେଇଗଲା। ମାଲିକମାନେ କିଛିଦିନ କର୍ମଚାରୀଙ୍କୁ ଚଳାଇଲେ। ମାତ୍ର କରୋନାର ପ୍ରଭାବ ବଢ଼ିବାରୁ କଳକାରଖାନା ଆଉ ଖୋଲିଲା ନାହିଁ। ତେଣୁ ମାଲିକମାନେ ହାତ ଟେକିଦେଲେ। ଚଳିବାର ଆଉ ଅନ୍ୟ ଉପାୟ ନ ଥିବାରୁ ଏବେ ନଟବାବୁଙ୍କର ମନେପଡ଼ିଲା ଗାଁକଥା। ଗାଁକୁ ଫେରିବା କଥା ମାଆକୁ ଜଣାଇଦେଲା ନଟ। କମଳିର ଖୁସି କହିଲେ ନ ସରେ। ନଟୁ ଆସୁଚି ଲୋ ମୋ ନଟୁ ଆସୁଚି ବୋଲି କହି ସେ ନାଚିଗଲା। ସନ୍ତାନର ସକଳ ଅପରାଧକୁ କ୍ଷମା ଦେବାପାଇଁ ମାଆ ହିଁ ସର୍ବଦା ଅସୀମ ଧୈର୍ଯ୍ୟ, ତ୍ୟାଗ ଓ ମମତାର ମଙ୍ଗଳମୟୀ ଦେବୀ। କମଳି ଥିଲା ଏହାର ଏକ ପ୍ରମାଣ।

ନଟ ତା' ସ୍ତ୍ରୀକୁ ଧରି ଗାଁକୁ ଫେରିଲା। ସରପଞ୍ଚ ତାଙ୍କୁ ଘରକୁ ଛାଡ଼ିଲେ ନାହିଁ। କମଳି ସଂସାରର ଆଇନ୍ ଫାଇନ୍ କିଛି ବୁଝେନାହିଁ। ତା'ପୁଅ ବୋହୂ ଘରକୁ ଯିବେ– ଏହି ଜିଦ୍ ଧରି ସରପଞ୍ଚବାବୁଙ୍କୁ ନେହୁରା ହେଲା, ପାଟିତୁଣ୍ଡ ବି କଲା। କିଛି ଫଳ ହେଲାନାହିଁ। ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖିଦେଲେ। ଚଉଦ ଦିନ ପରେ ସେମାନେ ଘରକୁ ଫେରିବେ। ସରପଞ୍ଚଙ୍କଠାରୁ କମଳି ବୁଝିଲା, ପୁଅବୋହୂଙ୍କୁ ଘରକୁ ନେବାପାଇଁ ହେଲେ ଅଲଗା ଘର ଦରକାର। କମଳି ଘରକୁ ଯାଇ କାଠ ବାଉଁଶ ଗୋଟାଇଲା। କାଦୁଅ ଛାଟି ପାଖ ଘରକୁ ଲଗାଇ ଆଉ ଗୋଟିଏ ଛୋଟିଆ ଘର ତିଆରି କଲା। ଆର.ଆଇ. ବାବୁ ଅମ୍ଫନ ବେଳେ ଖଣ୍ଡେ ପଲିଥିନ୍ ଦେଇଥିଲେ, ତା'କୁ ଛାତରେ ପକାଇଦେଲା। ପୁଅ ବୋହୂ ଏଇ ଘରେ ରହିବେ। ଏତେ ଦିନ ପରେ ପୁଅବୋହୂକୁ ଦେଖିବ ବୋଲି କମଳିର ପାଦ ତଳେ ଲାଗୁ ନ ଥିଲା।

କାନ୍ଥରେ ଗାର ପକାଇ ଦିନ ଗଣୁଥିଲା କମଳି। ଚଉଦଟା ଗାର ଯୋଉଦିନ ପଡ଼ିଲା ସେହିଦିନ ସଞ୍ଜବେଳେ ସଂଗରୋଧ କେନ୍ଦ୍ର ନିକଟରେ ହାଜର ହେଇଗଲା। ଆଉ ଗୋଟିଏ ଦିନ ପରେ ନଟକୁ ଛଡ଼ାଯିବ ବୋଲି ସରପଞ୍ଚ ବାବୁ କହିବାରୁ କମଳି ଲମ୍ବ ହୋଇ ତଳେ ଶୋଇଗଲା। କମଳିର ବିକଳ ଦେଖି ସରପଞ୍ଚ ଡିସ୍‌ଚାର୍ଜ କରିଦେଲେ।

କମଳି ପୁଅ ବୋହୂକୁ ଘର ଦେଖାଇଦେଲା। ଅତି ଯତ୍ନରେ ରାନ୍ଧି ରଖିଥିବା ପଖାଳ, ଶାଗ, ବଡ଼ି ପ୍ରଭୃତି ବାଢ଼ି ଦେଲା। ନଟ ଭାତ ପାଖରେ ବସିଲା ସିନା କିଛି ଖାଇ ପାରିଲାନି। ଭୋ ଭୋ ହୋଇ କାନ୍ଦିଲା। ସତେ ଯେମିତି ବହୁ ଦିନରୁ ହଜି ଯାଇଥିବା ରତ୍ନକୁ ଖୋଜି ପାଇଛି। ଯୋଉ ମାଆକୁ ସେ ବର୍ଷ ବର୍ଷ ଧରି ପଚାରି ନ ଥିଲା ସେ ଆଜି ତା'ପାଇଁ କ'ଣ ନ କରିଛି! ସତରେ ବିଧାତା ସବୁ ସୃଷ୍ଟି କରିଛନ୍ତି, କିନ୍ତୁ ମାଆର ବିକଳ୍ପ ସୃଷ୍ଟି କରି ପାରିନାହାନ୍ତି। କମଳି ଆଖିରୁ ବି ଲୁହ ଝରିପଡ଼ିଲା। ପୁଅକୁ ବୁଝାଇ କହିଲା– ବାପରେ, ତୁ କାନ୍ଦନା। ତୁ ଫେରି ଆସିଛୁ, ସେତିକିରେ ମୋର ଆନନ୍ଦ। ମା' କ'ଣ କେବେ ତା' ପିଲା ଉପରେ ରାଗିବ? ତୁ ଭଲ କରି ଖାଇଦେ। କେତେଦିନ ହେଲାଣି ଭଲରେ ଟିକିଏ ଖାଇନୁ। ଚଣ୍ଡାଳଗୁଡ଼ାକ କାମରେ ଖଟାଇଲେ, ବିପଦ ଆପଦ ବେଳକୁ ପର କରିଦେଲେ। ନଟ ଉଁ କି ଚୁଁ କିଛି କହିଲାନି, ଛଳ ଛଳ ଆଖିରେ ଖାଇ ବସିଲା।

ସାତ ଦିନ ପରେ ନଟ ଗାଧୋଇ ଆସି କମଳିର ପାଦ ଛୁଇଁ ନମସ୍କାର କରି କହିଲା– ମାଆ, ମୁଁ ଆଉ ଚାକିରିକୁ ଯିବିନି। ଏଇଠି ଚାଷ ସହ ଗୋଟେ ତେଜରାତି ଦୋକାନ କରିବି। କିନ୍ତୁ ତୋ ପାଖରୁ ମୁଁ ଯିବିନି। ତୋ ହାତର ଶାଗ ପଖାଳ, ତୋ ଭଲପାଇବା, ଏ ଗାଁମାଟିର ମୋହ ମୋତେ ଆଉ କୋଉଠି ମିଳିବନି ଆଜି ବୁଝୁଛି, ଗାଁ ମାଟିର ମୋହ, ମା'ର ସ୍ନେହକୁ ଯିଏ ଭୁଲିଯାଏ ତା'ପରି ମୂର୍ଖ ଆଉ କେହି ନାହିଁ। ମୁଁ ସେ ଭୁଲ୍ ଆଉ କରିବିନି। ନଟ କାନ୍ଧରେ ଲଙ୍ଗଳ ପକାଇ ବିଲକୁ ବାହାରିଲା। କମଳି ଆଖିରୁ ଧାର ଧାର ଲୁହ ଝରି ପଡ଼ିଲା। ସେ ମନେ ମନେ ଭାବୁଥିଲା, ମୋ ନଟୁପରି ସମସ୍ତେ ଯଦି ଏକଥା ବୁଝିପାରନ୍ତେ ମାଆମାନଙ୍କ ଆଖିରୁ ଲୁହ ଝରନ୍ତା ନାହିଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ
ଭଦ୍ରକ, ଫୋନ୍: ୭୯୭୮୯୦୩୫୦୯

## ଏଇ ଭାରତରେ

ଅନେକ ସମୟରେ ଜଣଙ୍କର ନୂତନ ଜ୍ଞାନକୌଶଳ ପ୍ରଦୂଷଣ ରୋକିବାରେ ନୂଆ ବାଟ ଦେଖାଇଥାଏ, ଯେମିତି କରିଛନ୍ତି କେରଳର ଭାରତୀୟ ବନ ସେବା ଅଧିକାରୀ ମୀନାକ୍ଷୀ ସି। ସେ ଚାରା ଉତାରିବା ପାଇଁ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ବନ୍ଦ କରି ନଡ଼ିଆ କତା କୁଣ୍ଡ ଉପଯୋଗ କରୁଛନ୍ତି। ପ୍ରତିବର୍ଷ ବନ ବିଭାଗ ସ୍କୁଲ, କଲେଜ, କ୍ଲବ୍, ପଞ୍ଚାୟତ ଏବଂ ବିଭିନ୍ନ ସଂସ୍ଥାଗୁଡ଼ିକୁ ପ୍ରାୟ ୯୦ ଲକ୍ଷ ଚାରା ଯୋଗାଇଥାଏ। ଏହାଦ୍ୱାରା ଚାରା ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ୯୦ ଲକ୍ଷ ପଲିଥିନ୍ ବ୍ୟାଗ୍‌ର ନକାରାତ୍ମକ ପ୍ରଭାବରୁ ପରିବେଶକୁ ରକ୍ଷା କରିବା ପାଇଁ ବିକଳ୍ପ ଭାବେ ନଡ଼ିଆ କତା କୁଣ୍ଡ ଉପଯୋଗ କରୁଛନ୍ତି ମୀନାକ୍ଷୀ। ୨୦୧୮ରେ ମୀନାକ୍ଷୀ କେରଳ କେନ୍ଦ୍ରାଞ୍ଚଳର ବନ ସଂରକ୍ଷକ ଭାବେ ନିଯୁକ୍ତି ପାଇବା ପରେ ୨୦୧୯ରେ ଚାରା ପାଇଁ ପଲିଥିନ ବଦଳରେ ନଡ଼ିଆ କତା କୁଣ୍ଡ ବ୍ୟବହାର ଆରମ୍ଭ କରିଥିଲେ। ସେ ତାମିଲନାଡୁର ପୋଲାଚିରୁ ପ୍ରଥମେ ଏହି କୁଣ୍ଡ ମଗାଇ ସେଥିରେ ଚାରା ଉତାରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏବେ ସୁଦ୍ଧା ଏମିତିକା ୫୦ ଲକ୍ଷ ଚାରା ବଣ୍ଟନ କରିସାରିଲେଣି। ଦ୍ୱିତୀୟ ପର୍ଯ୍ୟାୟ ଚାରା ପ୍ରସ୍ତୁତ କରିବାରେ ଲାଗିଛନ୍ତି ମୀନାକ୍ଷୀ ଓ ତାଙ୍କ ଟିମ୍। କତା କୁଣ୍ଡର ଲମ୍ବ ୧୦୦ମି.ମି., ବ୍ୟାସ ୫୦ମି.ମି. ଓ ମୋଟା ୨.୫ ମି.ମି.। ଏହା ଦେଖିବାକୁ କୋନ୍ ଆକୃତିର। ଓଜନ କମ୍। ଚାରା ନେବା ଆଣିବାରେ ଏହା ନଷ୍ଟ ହେଉନି। ମୀନାକ୍ଷୀଙ୍କର ଏହି ଯୋଜନାରେ ଏର୍ନାକୁଲମର ଡିଭିଜନାଲ ଫରେଷ୍ଟ ଅଫିସର ବି ସାମିଲ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁଲାଇ ୧୯୯୫**

- ଦ୍ୱିପାକ୍ଷିକ ଅର୍ଥନୈତିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପାଇଁ ଭାରତ ଓ ୟେମେନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ପାପୁଆ ନ୍ୟୁଗୁଏନାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ମହିଳା ଓ ଶିଶୁମାନଙ୍କ ଉପରେ ବୃଦ୍ଧିପାଉଥିବା ଅପରାଧକୁ ରୋକିବା ଲାଗି ବାଂଲାଦେଶ ପାର୍ଲାମେଣ୍ଟରେ ଏକ ନୂତନ ଆଇନ ପ୍ରଣୟନ କରାଯାଇଛି।
- ଦକ୍ଷିଣ କଶ୍ମୀରର ପହଲଗାଁ–ଅମରନାଥ ରାସ୍ତାରୁ ଉଗ୍ରବାଦୀମାନେ ନରୱେର ପର୍ଯ୍ୟଟକ ଲେଭିକ୍ରିଫ୍‌ଟା ଫେନ୍‌ଙ୍କୁ ଅପହରଣ କରିନିଆଯାଇଥିବା ଜଣାପଡ଼ିଛି।

## ଚିରନ୍ତନୀ

କେଉଁ ଯୁଗର ସେ ଅତି ପରିଚିତା ଜୀବନେ କି ଯେ
ନିତି ହୁଏ ଭେଟ, ଆଉ କେହି ନୁହେଁ, ସେହି ମୁଁ ନିଜେ।
(ସେହି ମୁଁ ନିଜେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଉ କେତେଦିନ ପାଣି ଘେରରେ

ମହାଶୟ,

ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ବୁଧବାର ୮।୭।୨୦୨୦ ଅପରାହ୍ନରେ ହଠାତ୍ ୨ ଘଣ୍ଟା ବର୍ଷା ହୋଇ ଛାଡ଼ିଗଲା ସତ, ମାତ୍ର ବମିଖାଲଠାରୁ ରସୁଲଗଡ଼ ଓଭରବ୍ରିଜ୍ ଛକ ସମ୍ପୂର୍ଣ୍ଣ ଜଳମଗ୍ନ ହେବାରୁ ଯାତାୟାତରେ ବହୁ ସମସ୍ୟା ଉପୁଜିଥିଲା। ଦୁଇଚକିଆ ହେଉ କି ଚାରିଚକିଆ ଷ୍ଟାର୍ଟ ବନ୍ଦ ହୋଇଯାଉଥିଲା । ରାସ୍ତାରେ ପାଣି ଜମିବା କାରଣରୁ ବହୁ ସମୟରେ ଗାଡ଼ି ଚକା ସ୍ଲିପ୍ କରି ଦୁର୍ଘଟଣା ବି ଘଟିଥାଏ। ରାସ୍ତା ମରାମତି ନ ହେବା ଯୋଗୁ ଅଧାପନ୍ତରିଆ ଡ୍ରେନ୍ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ବର୍ତ୍ତମାନ ପରିସ୍ଥିତିରେ ଗୋଟିଏ ପଟେ କରୋନା ଡରରେ ଘରୁ ବାହାରି ହେଉନି, ଅନ୍ୟପଟେ ରାସ୍ତା ଜଳମଗ୍ନ ହୋଇଯାଉଛି। ଏଥିପ୍ରତି ପ୍ରଶାସନର କେବେ ଦୃଷ୍ଟି ପଡ଼ିବ। କରୋନା, ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ ଶ୍ରମିକଙ୍କ ଆର୍ଥିକ ସମସ୍ୟା ଉପୁଜିଛି। ସେମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଉ। ଉଭୟ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ଦୂର ନିମନ୍ତେ ଯଥାସମ୍ଭବ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ବର୍ତ୍ତମାନ ସ୍ଥିତିରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଇ ରାସ୍ତା ମରାମତି କରି ଜନସାଧାରଣଙ୍କ ଅସୁବିଧା ଦୂର କରାଯାଉ।

ସ୍ୱର୍ଣ୍ଣଲତା ସେନାପତି, ବମିଖାଲ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## କଟକ ଗ୍ରାମାଞ୍ଚଳରେ ୭୪୮ ଆକ୍ରାନ୍ତ

**କଟକ ଅଫିସ,୧୨ା୭:** କଟକ ଜିଲାର ଗ୍ରାମାଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ୭୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୬୯ ଜଣ ସୁସ୍ଥ ହୋଇଥିବା ବେଳେ ୧୭୩ ଜଣଙ୍କ ଚିକିତ୍ସା ଚାଲିଛି। କଟକ ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଏହି ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ପ୍ରବାସୀଙ୍କ ରହଣି ପାଇଁ ଜିଲାରେ ୬୧୭ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ୨୩ ହଜାର ୧୧୦ ଜଣ ଲୋକ ଏଠାରେ ରହିସାରିଛନ୍ତି। ଅଦ୍ୟାବଧି ୬୧ଟି କ୍ଲଷ୍ଟର ଟିଏମ୍‌ସିରେ ୧୪୬୫ ଶଯ୍ୟା ପ୍ରସ୍ତୁତି ସରିଛି। ଏଥିରେ ୧୦୫ ଜଣ ରହୁଛନ୍ତି। ପଜିଟିଭଙ୍କ ଅସ୍ଥାୟୀ ରହଣି ପାଇଁ ୩୭୩ ପଞ୍ଚାୟତରେ ୩୩୯ଟି କୋଭିଡ୍ କେୟାର ହୋମ୍ ପ୍ରସ୍ତୁତ ରହିଛି। ଏଗୁଡ଼ିକରେ ସମୁଦାୟ ୩୩୧୫ ଶଯ୍ୟା ରହିଛି। ଗ୍ରାମାଞ୍ଚଳରେ ନୂଆ କରି ଆସୁଥିବା ଲୋକଙ୍କୁ ତଦାରଖ ସହ ଗୃହ ସଙ୍ଗରୋଧ ଅନୁପାଳନ ଉଦ୍ଦେଶ୍ୟରେ ୨୨୯୫ଟି ଗ୍ରାମରେ ୫୭୦୩ଟି ୱାର୍ଡ କମିଟି ଗଠନ କରାଯାଇଛି। ୧୧ଟି ବ୍ଲକ୍‌ରେ ତାଲିମ କାର୍ଯ୍ୟ ସରିଥିବା ବେଳେ ଅବଶିଷ୍ଟ ୩ଟିରେ ତାଲିମ କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ। ଚିକିତ୍ସା ପାଇଁ ୭୦୦ ଶଯ୍ୟାର ବନ୍ଦୋବସ୍ତ କରାଯାଇଛି। ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୧୫୦, ଆଠଗଡ଼ସ୍ଥିତ ଗୋପବନ୍ଧୁ ଚିକିତ୍ସା ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର କୋଭିଡ୍ ହେଲ୍‌ଥ ସେଣ୍ଟରରେ ୧୫୦, ଟାଙ୍ଗିସ୍ଥିତ ଡ୍ରିମ୍‌ସର କୋଭିଡ୍ କେୟାର ସେଣ୍ଟରରେ ୩୦୨ ଓ ବିଦ୍ୟାଧରପୁର କୋଭିଡ୍ କେୟାର ସେଣ୍ଟରରେ ୯୮ଟି ଶଯ୍ୟା ସାମିଲ ରହିଛି। ସଙ୍ଗରୋଧକୁ ସମ୍ପୂର୍ଣ୍ଣ କରିଥିବା ଯୋଗୁ ୬୭୦୭ ଜଣ ଲୋକଙ୍କୁ ୨୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଉଥିବା ଡ. ଗର୍ଗ ସୂଚନା ଦେଇଛନ୍ତି।

## ୩ କରୋନା ଯୋଦ୍ଧାଙ୍କ ମୃତ୍ୟୁରେ ଜିଲାପାଳ, ଏସ୍‌ପିଙ୍କ ଶୋକ

**ଛତ୍ରପୁର,୧୨ା୭(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କୋଭିଡ୍-୧୯ ମୁକାବିଲା କାର୍ଯ୍ୟରେ ନିୟୋଜିତ ୩ କରୋନା ଯୋଦ୍ଧାଙ୍କ ମୃତ୍ୟୁରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। କରୋନା ଯୋଦ୍ଧା ତଥା ସାନଖେମୁଣ୍ଡି ବ୍ଲକ ଅଙ୍ଗନୱାଡି ସୁପରଭାଇଜର୍ କେ.ଅଶାନ୍ତ ପାତ୍ର, ଆସିକା ବ୍ଲକ ସିଙ୍ଗିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରହରି ବେହେରା ଓ ଆସିକା ଥାନା କୋଟିନଡ଼ା ଫାଣ୍ଡି କନଷ୍ଟେବଲ ଗୋଲକ ନାୟକ କରୋନା ମୁକାବିଲା ପାଇଁ ଅକ୍ଲାନ୍ତ ପରିଶ୍ରମ କରିବା ସହ ମାନବିକତାର ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିବା ଦିଗରେ ଏମାନେ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଏହି ଯୋଦ୍ଧାମାନଙ୍କ ବିୟୋଗ ଗଞ୍ଜାମ ଜିଲା ଓ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ଏହି ଦୁଃଖଦ ମୁହୂର୍ତ୍ତରେ ଜିଲାପାଳ କୁଲାଙ୍ଗେ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି କୋଭିଡ୍ ହସ୍ପିଟାଲରେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଥିବା ନେଇ ଗଞ୍ଜାମ ଏସ୍‌ପି ଟୁଇଟ କରି ସୂଚନା ଦେବା ସହ ଏହି ପରିସ୍ଥିତିକୁ ସାମନା କରିବାକୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭଗବାନ ଶକ୍ତି ଦିଅନ୍ତୁ, ଉକ୍ତ ପରିବାର ସହ ପୁରା ଗଞ୍ଜାମ ପୋଲିସ ଅଛି ବୋଲି ସେ କହିଛନ୍ତି।

# ପଢ଼ି ହେଉନି କାନ୍ଥ କାହାଣୀ



ଭିଆଇପି ରୋଡ୍ ପାର୍ଶ୍ୱ ପାଚେରି କାନ୍ଥରେ ଅଙ୍କାଯାଇଥିବା ଚିତ୍ରରୁ ରଙ୍ଗ ଛାଡ଼ିଗଲାଣି।

**ହେମନ୍ତ କୁମାର ନାୟକ**
**ପୁରୀ ଅଫିସ,୧୨ା୭**

- ନିରାଶ ହେବେ ଭକ୍ତ, ପର୍ଯ୍ୟଟକ
- ଦୀର୍ଘସ୍ଥାୟୀ ପେଣ୍ଟିଂ ହେଉ: ଚିତ୍ରଶିଳ୍ପୀ

କେନ୍ଦ୍ର ସରକାରଙ୍କ ଆଇକନ ସିଟି ତାଲିକାରେ ସ୍ଥାନ ପାଇଛି ଓଡ଼ିଶାର ଆଧ୍ୟାତ୍ମିକ ସହର ପୁରୀ। ଏଠାରେ ରହିଛି ବହୁ ପୁରାତନ ମଠ, ମନ୍ଦିର ଓ ଧର୍ମଶାଳା। ଶ୍ରୀମନ୍ଦିର ସାଙ୍ଗକୁ ମନୋରମ ବେଳାଭୂମି ବି ଅଛି। ତେଣୁ ଦେଶ ବିଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଶ୍ରୀକ୍ଷେତ୍ର ବୁଲିବା ସମୟରେ ଏମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ରଖିବା ପାଇଁ ବିଭିନ୍ନ ଯୋଜନାର ପରିକଳ୍ପନା କରାଯାଇଛି। ତନ୍ମଧ୍ୟରୁ ସୌନ୍ଦର୍ଯ୍ୟକରଣ ଅନ୍ୟତମ। ଏହିକ୍ରମରେ ଭିଆଇପି ରୋଡ୍ ଦୁଇପାର୍ଶ୍ୱ ପାଚେରି କାନ୍ଥରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଥିରେ ପୁରାତନ ଐତିହ୍ୟ, ପରମ୍ପରାର କାହାଣୀ ସ୍ଥାନ ପାଇଥିଲା। ମେଡିକାଲ ଛକରୁ ଭିଆଇପି ରୋଡ୍ ଦେଇ ପର୍ଯ୍ୟଟକ ବା ଭକ୍ତ ବେଳାଭୂମି ଆଡ଼କୁ ଗଲାବେଳେ ପାଚେରି କାନ୍ଥରୁ ସାଉଣ୍ଟୁଥିଲେ ଏହି କାହାଣୀ। ମାତ୍ର ପରେ ଏଥିପ୍ରତି ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଅନେକ ଜାଗାରୁ ଏହି କାନ୍ଥ କାହାଣୀ ଲିଭିଯାଇଥିବାରୁ ସେଗୁଡ଼ିକୁ ପଢ଼ି ହେଉନାହିଁ। ତେଣୁ ଏ ନେଇ ଚିତ୍ରଶିଳ୍ପୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଆଇକନିକ୍ ଯୋଜନାରେ ୨୦୧୭ ଜୁଲାଇରେ ଏହି ସୌନ୍ଦର୍ଯ୍ୟକରଣ କାମ କରାଯାଇଥିଲା। ଏକ ଠିକା ସଂସ୍ଥା ପରାମର୍ଶରେ ପୁରୀସ୍ଥିତ ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ୮ ଛାତ୍ର ଏବଂ ୩ ଜଣ ଷ୍ଟାଫ୍ ଭିଆଇପି ରୋଡ଼ ପାର୍ଶ୍ୱ ପାଚେରିରେ ପେଣ୍ଟିଂ କରିଥିଲେ। ଏଥିରେ ନବକଳେବର ପାଇଁ ଦାରୁ ଅନ୍ୱେଷଣ ଯାତ୍ରା, ରଥ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ସମେତ ରଥଯାତ୍ରାର ଦୃଶ୍ୟ ରହିଥିଲା। ସେହିପରି ଆଜ୍ଞାମାଳ ବିଜେ, ଠାକୁରଙ୍କ ପହଣ୍ଡି, ରଥରେ ଗଜପତି ମହାରାଜାଙ୍କ ଛେରାପହଁରା ଆଦି ସମେତ ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିର, ମେଘନାଦ ପାଚେରି ସ୍ଥାନିତ ହୋଇଥିଲା। କାଞ୍ଚି ଅଭିଯାନ, ଭକ୍ତ ଦାସିଆ ବାଉରୀ ହାତରୁ ମହାପ୍ରଭୁ ନଡ଼ିଆ ନେବା, ଅଲାରନାଥ ମନ୍ଦିର, କୋଣାର୍କ, କାଳୀଜାଇ ଓ ମାଉସୀମା ମନ୍ଦିର ପ୍ରଭୃତିର ଦୃଶ୍ୟ ରହିଥିଲା। ଚିଲିକାର ନୀଳ ଜଳରାଶିରେ ଡଲ୍‌ଫିନ ଡେଇଁବା, ଗ୍ରାମୀଣ ବଧୂର ଚଉଁରା ପୂଜା, ମା-ପୁଅର ବାତ୍ସଲ୍ୟ ମମତା, ଚଷାପୁଅ କାନ୍ଧରେ ହଳଲଙ୍ଗଳ, ସବୁଜ ଧାନକ୍ଷେତର ଦୃଶ୍ୟ ବି ଶୋଭା ପାଉଥିଲା। ଚଇତି ଘୋଡ଼ା, ଆଦିବାସୀ ନୃତ୍ୟ ସାଙ୍ଗକୁ ଓଡ଼ିଶୀର ଭଙ୍ଗୀ ପ୍ରଦର୍ଶିତ ହୋଇଥିଲା। ପୁରୀକୁ ବୁଲି ଆସୁଥିବା ପର୍ଯ୍ୟଟକ ଏହି କାନ୍ଥରୁ ବିଭିନ୍ନ ପ୍ରସଙ୍ଗର କାହାଣୀ ପଢ଼ି ଆମୋଦିତ ହେଉଥିଲେ। କିନ୍ତୁ ଏବେ ସେ କାନ୍ଥ କାହାଣୀ ଆଉ ପ୍ରାୟ ସ୍ପଷ୍ଟ ହେଉନାହିଁ। କେତେକ ସ୍ଥାନରୁ ରଙ୍ଗ ଉଡ଼ିଗଲାଣି ତ ଆଉ କେତେକରୁ ରଙ୍ଗ ଛାଡ଼ି ବିକୃତ ଦେଖାଗଲାଣି। ଉପକୂଳବର୍ତ୍ତୀ ଲୁଣା ପବନ, ବାତ୍ୟା ଫନୀ ଏବଂ ଅମ୍ଫନ ମାଡ଼ରେ ଏସବୁ ଧୀରେ ଧୀରେ ନଷ୍ଟ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ପଟ୍ଟଚିତ୍ର ସେଣ୍ଟରର ପ୍ରତିଷ୍ଠାତା ସରୋଜ କୁମାର ବେହେରା କହିଛନ୍ତି, ଏହା ଏକ ଭଲ ଚିନ୍ତାଧାରା। ଏହି ପେଣ୍ଟିଂରେ ଉନ୍ନତ ମାନର ରଙ୍ଗ ବ୍ୟବହାର କରାଗଲେ ଏହା ଦୀର୍ଘସ୍ଥାୟୀ ହୋଇପାରିବ। ସହରର ବିଭିନ୍ନ ରାସ୍ତା ପାର୍ଶ୍ୱ ପାଚେରିରେ ଏଭଳି ପାରମ୍ପରିକ ଚିତ୍ରକଳା କରାଯିବା ଆବଶ୍ୟକ। ସେହିପରି ଶିଳ୍ପୀ ଦେବୀପ୍ରସନ୍ନ ନନ୍ଦ କହିଛନ୍ତି, ପେଣ୍ଟିଂଗୁଡ଼ିକୁ ଦୀର୍ଘ ଦିନ ରଖିବାକୁ ହେଲେ ଏନାମେଲ ରଙ୍ଗରେ ଏହା ତିଆରି ହେବା ଦରକାର। ଏ ଦିଗରେ ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ।

# ସମୁଦ୍ରରେ ଫସିଥିବା ମାଛଧରା ବୋଟ୍ ଉଦ୍ଧାର



ଉଦ୍ଧାର ହୋଇଥିବା କ୍ରିଷ୍ଣା କହ୍ନେୟା ବୋଟ୍

**ପାରାଦୀପ,୧୨ା୭(ସ୍ୱ.ପ୍ର.)**

**ବର୍ତ୍ତିଲେ ୧୫ ମତ୍ସ୍ୟଜୀବୀ**

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଧାମରା ବନ୍ଦର ସୀମା ମଝି ସମୁଦ୍ରରେ ବିପଦରେ ଫସିଥିବା ଏକ ମାଛଧରା ବୋଟକୁ ରବିବାର ଉଦ୍ଧାର କରିଛି। ଫଳରେ ସେଥିରେ ଥିବା ୧୫ ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ଏନେଇ ପାରାଦୀପ କୋଷ୍ଟଗାର୍ଡ ମୁଖ୍ୟାଳୟରୁ ସୂଚନା ଦିଆଯାଇଛି। ହଳଦିଆସ୍ଥିତ କାକଦ୍ୱୀପ ମାଛଧରା ବନ୍ଦରରୁ କ୍ରିଷ୍ଣା କହ୍ନେୟା ନାମକ ବୋଟ୍‌ରେ ୧୫ ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଯାଇଥିଲେ। କୌଣସି କାରଣ ବଶତଃ ବୋଟ ଅନ୍ତର୍ଜାତୀୟ ଜଳ ସୀମା ପାଖରେ ଖରାପ ହେବାରୁ ଅଟକି ଯାଇଥିଲା। ମାତ୍ର ପବନ ଗତି ଅନୁସାରେ ସମୁଦ୍ର ଭିତରକୁ ଚାଲି ଯାଉଥିଲା। ଏନେଇ ସେମାନେ ଜିପିଏସ୍ (ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ଯୋଗେ କୋଷ୍ଟଗାର୍ଡରେ ଖବର ଦେଇଥିଲେ। ଉଦ୍ଧାର ନିମନ୍ତେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ବିଜୟ ଶନିବାର ଯାଇଥିଲା। ରବିବାର ସକାଳୁ ବୋଟ୍‌କୁ ଉଦ୍ଧାର କରି ଧାମରା ବନ୍ଦର ନିକଟରେ ଏହାର ମାଲିକଙ୍କୁ ହସ୍ତାନ୍ତର କରିଛି।

**ZILLA SWASTHYA SAMITI, JHARSUGUDA**
Office of the CDM&PHO-cum-Dist. Mission Director, Jharsuguda, Odisha - 768204
No.6539/NHM/20 Dt.12.07.2020
**Short Tender Call Notice**
Sealed proposals as per prescribed RFP document are invited from the interested eligible bidders for providing food to the patients of Covid Hospital, Covid Care Centres (CCCs) etc. of Jharsuguda district. The eligible criteria, the terms of reference and the formats for submission of bid as set forth inthe RFP document can be downloaded from the website www.jharsuguda.nic.in. Interested bidders fulfilling the eligibility criteria may submit their proposal(s) with EMD & documents as per RFP to the undersigned/Concerned BPHO of CHC as the case may be, for which the bidder has applied for, on or before 03.00 P.M. of 17.07.2020 through Regd/Speed Post/Courier / by hand (during office hours). The bids will be opened on the same day at 4.00 P.M. by the Purchase Committee of the concerned Health Institutions. The undersigned reserves the right to reject any or all the tender(s) without assigning any reason thereof.
Sd./- CDM&PHO cum District Mission Director
NHM, Jharsuguda

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ଗୁଣପୁର,୧୨ା୭(ଡି.ଏନ୍.ଏ.)**

**ଟ୍ୟୁଶନ ସାର୍‌ଙ୍କୁ ଜେରା**

ଜଣେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଟ୍ୟୁଶନ ସାର୍‌ଙ୍କ ନାମରେ ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ସୂଚନା ଅନୁଯାୟୀ, ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ନାବାଳିକା ଏବଂ ତାଙ୍କ ବଡ଼ ଭାଇ ଗାଁର ଜଣେ ନାବାଳକ ଟ୍ୟୁଶନ ସାର୍‌ଙ୍କ ଘରେ ପଢୁଥିଲେ। ଶନିବାର ସକାଳେ ଟ୍ୟୁଶନ ସରିବା ପରେ ଶିକ୍ଷକ ନାବାଳିକାଙ୍କୁ ପିଜୁଳି, ଅଙ୍ଗୁର ଦେବି କହି ଅଟକାଇ ରଖିଥିଲେ। ପରେ ଦେଢ଼ କିଲୋମିଟର ଦୂରରେ ଥିବା ଏକ ମକାବାଡ଼ିକୁ ନେଇ ତାଙ୍କୁ ବଳାତ୍କାର କରିଥିବା ଏବଂ ଏଥିରେ ନାବାଳିକା କ୍ଷତାକ୍ତ ହୋଇଥିବା ପରିବାର ଲୋକେ ପୁଟାସିଂ ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ଭାଇ ସମସ୍ତ ଘଟଣା ଦେଖି ଘରେ କହିବା ପରେ ପରିବାର ଲୋକେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ନଂ.୫୫/୨୦ରେ ଏକ ମାମଲା ରୁଜୁକରି ପୋଲିସ ଟ୍ୟୁଶନ ସାର୍‌ଙ୍କୁ ଧରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ ଘଟଣାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ରାଜକିଶୋର ଦାଶ ସୂଚନା ଦେଇଛନ୍ତି। ଟ୍ୟୁଶନ ସାର୍ ନାବାଳକ ହୋଇଥିବାରୁ ତଦନ୍ତ ପରେ ତାଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯିବ। ସେଠାରେ ବୟାନ ରେକର୍ଡ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

## ଖୋର୍ଦ୍ଧାରେ ୧୭ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୨ା୭**

ଖୋର୍ଦ୍ଧାରେ ରବିବାର ୧୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୨ଜଣ ସୁସ୍ଥ ହୋଇ ଫେରିଛନ୍ତି ବୋଲି ଜିଲାପାଳ ଶୀତାଂଶ କୁମାର ରାଉତ ଟୁଇଟ କରି ସୂଚନା ଦେଇଛନ୍ତି। ଜିଲା(ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଆକ୍ରାନ୍ତଙ୍କ ସଂଖ୍ୟା ୪୨୧ରେ ପହଞ୍ଚିଛି।

# ବାପାଙ୍କୁ ଛୁରି ଭୁସି ହତ୍ୟା

**ଖୁଣ୍ଟୁଣୀ,୧୨ା୭(ଡି.ଏନ୍.ଏ.)**

**ଅଭିଯୁକ୍ତ ବଡ଼ପୁଅ ଗିରଫ, ଛୁରି ଜବତ**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମୁଷୁଲିଆ ଗ୍ରାମ ମୁଣ୍ଡାସାହିର ନାଥ ପୂର୍ତ୍ତିଙ୍କୁ ଶନିବାର ରାତି ପ୍ରାୟ ୧୦ଟାରେ ତାଙ୍କ ବଡ଼ପୁଅ ଛୁରି ଭୁସି ହତ୍ୟା କରିଛନ୍ତି। ଏଥିସହିତ ସାନଭାଇ ଯୋଗେଶ୍ୱର ପୂର୍ତ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ରବିବାର ଏକ ହତ୍ୟା ମାମଲା (ନଂ.୯୨/୨୦)ରୁଜୁକରି ଅଭିଯୁକ୍ତ ବଡ଼ପୁଅ ମନୋଜ ପୂର୍ତ୍ତିଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ପାଠପଢ଼ା ପାଇଁ ଜମିର ପଟ୍ଟା ଆବଶ୍ୟକ ଥିବାରୁ ମନୋଜ ତାଙ୍କ ବାପା ନାଥଙ୍କୁ ଜଣାଇଥିଲେ। ମଝିଆ ଓ ସାନ ପୁଅଙ୍କୁ ପଚାରି ପଟ୍ଟା ଦେବେ ବୋଲି ତାଙ୍କ ବାପା କହିଥିଲେ। ଏଥିରେ ମନୋଜ ରାଗିଯାଇ ଦାଣ୍ଡରେ ତାଙ୍କ ବାପା ଓ ସାନଭାଇଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ସମ୍ପର୍କରେ ତାଙ୍କ ବାପା ଓ ସାନଭାଇ ଗ୍ରାମର ମୁରବିଙ୍କୁ ଜଣାଇ ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଲୁଚି ରହିଥିବା ବଡ଼ ପୁଅ ମନୋଜ ହଠାତ୍ ଏକ ଛୁରିରେ ତାଙ୍କ ବାପାଙ୍କ ପେଟକୁ ଭୁସି ଦେଇଥିଲେ। ସାନଭାଇ ଯୋଗେଶ ଏହାର ପ୍ରତିବାଦ କରିବାରୁ ମନୋଜ ମଧ୍ୟ ତାଙ୍କ ପେଟକୁ ଛୁରିରେ ଭୁସିଥିଲେ। ଘଟଣାସ୍ଥଳରେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୋଗେଶ୍ୱରଙ୍କୁ ଏକ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ରବିବାର ସକାଳେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହା ପରେ ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ନ ଥିବା ଜଣାପଡ଼ିଛି।

# ଦୁଇ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୨ା୭ (ଡି.ଏନ୍.ଏ.)**

- ସଙ୍ଗଠନ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଛାଡ଼ିଛନ୍ତି
- ଏନ୍‌କାଉଣ୍ଟର ସହ ୪ ହତ୍ୟା ମାମଲାରେ ଜଡ଼ିତ
- ସରକାରଙ୍କ ନିୟମ ଅନୁସାରେ ମିଳିବ ସୁବିଧା

ମାଲକାନଗିରି ଏସ୍‌ପି ହ୍ରିଷିକେଶ୍ ଡି. ଖିଲାରିଙ୍କ ନିକଟରେ ରବିବାର ୨ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କାନା ମାଡ଼ି ଓ ଲାକେ ପୁନମ। ମାଓବାଦୀ ସଙ୍ଗଠନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେମାନେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି ଏସ୍‌ପି ଖିଲାରି। ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଏସ୍‌ପି କହିଛନ୍ତି ଯେ, କାଲିମେଲା ଥାନା ସୁଧାଖଣ୍ଡା ଗ୍ରାମର ଆତ୍ମସମର୍ପଣ କରିଥିବା କାନା ୨୦୧୩ରେ ମାଓବାଦୀ ସଙ୍ଗଠନରେ ଏସିଏମ୍ ଭାବେ କାର୍ଯ୍ୟ କରୁଥିଲେ। ଲାକେ ସିଲାକୋଟା ଏନ୍‌କାଉଣ୍ଟର, ଚିନ୍ତଲବାଡ଼ାର ତୁଳସୀରାମ ବେହେରା ଓ ରାମାଗୁଡ଼ାର ଜଗା ମାଡ଼ି ହତ୍ୟା, ତେଲରାଇର ଗୁରୁମୂର୍ତ୍ତି ମାଡ଼ି ହତ୍ୟା, ସାନଟେକଗୁଡ଼ାର ସମା ପଡ଼ିଆମି ହତ୍ୟା ମାମଲାରେ ସେ ସମ୍ପୃକ୍ତ ଅଛନ୍ତି।




ଆତ୍ମସମର୍ପଣ କରିଥିବା ୨ମାଓବାଦୀ।

ଏଥିସହ ଏଲକାନୁରରେ ଆମ୍ବୁସ୍, ପୋଲିସ ଉପରକୁ ଗୁଳି ଚାଳନା ଭଳି ଅପରାଧରେ ଜଡିତ ଥିବା ସ୍ୱୀକାର କରିଛନ୍ତି। ସେହିପରି ଲାକେଙ୍କ ନିଜ ଗ୍ରାମ ଛତିଶଗଡ଼ର ବିଜାପୁର ଜିଲା ଉସବାର ଥାନା ଅନ୍ତର୍ଗତ ଭୋସନ ଗ୍ରାମରେ। ସେ ୨୦୧୮ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ତାଙ୍କ ନାମରେ ୨ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳ ଜୋଡ଼ାମ୍ବରେ ପୋଲିସ ସହ ଗୁଳି ବିନିମୟ, ବଣ୍ଡାପଡ଼ା ଓ ସମ୍ବଲପୁରରେ ମଧ୍ୟ ପୋଲିସ ଉପରକୁ ଗୁଳିଚାଳନା ଭଳି ହିଂସାକାଣ୍ଡରେ ଲାକେ ଜଡିତ ଥିଲେ। ତେବେ ଆନ୍ଧ୍ର କ୍ୟାଡର ନେତାମାନେ ଓଡ଼ିଶା କ୍ୟାଡର ମାଓବାଦୀଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା, ନିଜ ଲୋକଙ୍କ ବିରୋଧରେ ଉସୁକାଇବା, ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ହେତୁ ସେମାନେ ମାଓବାଦୀ ସଙ୍ଗଠନ ଛାଡ଼ିଥିବା ପ୍ରକାଶ କରିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁସାରେ ଆତ୍ମସମର୍ପଣ କରିଥିବା ଏହି ୨ ମାଓବାଦୀଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

MAHESWARI FINANCE
LOAN IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082 9911637672

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କାମ ନ ହେଲେ ପୁରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଅଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

## ଜିଓରେ କ୍ୱାଲ୍‌କମ୍‌ର ୭୩୦ କୋଟି ନିବେଶ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜିଓ ପ୍ଲାଟଫର୍ମରେ କ୍ୱାଲ୍‌କମ୍ ଭେଞ୍ଚରର ନିବେଶ ଫାର୍ମ କ୍ୱାଲ୍‌କମ୍ ଇନ୍‌କର୍ପୋରେଟେଡ ୭୩୦ କୋଟି ଟଙ୍କା ନିବେଶ କରିଛି। ୫ଜି ଏବଂ ୱେର୍‌ଲେସ ଟେକ୍ନୋଲୋଜି କ୍ଷେତ୍ରରେ କ୍ୱାଲ୍‌କମ୍ ଏକ ପ୍ରମୁଖ କମ୍ପାନୀ। ଏହି ସହଭାଗିତା ଦ୍ୱାରା ଭାରତୀୟ ଗ୍ରାହକଙ୍କ ପାଇଁ ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ଗଠନ ଦିଗରେ ସହାୟକ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ବଦଳିଲା ବିମାନ ଯାତ୍ରା ନିୟମ

**ନୂଆଦିଲ୍ଲୀ,୧୨।୭:** ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନ ଯାତ୍ରା ସଂକ୍ରାନ୍ତ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। ନୂଆ ନିୟମ ମୁତାବକ ବିମାନ ଯାତ୍ରା କରିବାର ୩ ସପ୍ତାହ ପୂର୍ବରୁ ଯାତ୍ରୀ କୋଭିଡ୍ ପଜିଟିଭ ନ ଆସିଥିଲେ ଯାତ୍ରା ଲାଗି ବିମାନ କମ୍ପାନୀଗୁଡିକ ସୁଯୋଗ ଦେବେ। ଏ ନେଇ କମ୍ପାନୀଗୁଡିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତ ସେଲ୍ଫ ଡିକ୍ଲାରେଶନ ଫର୍ମ ବା ସ୍ୱଘୋଷଣା ଫର୍ମରେ ଅପଡେଟ କରାଯାଇଛି। ପୂର୍ବରୁ ୨ ମାସ ଆଗରୁ କୋଭିଡ୍ ପଜିଟିଭ ନ ଥିବା କ୍ଷେତ୍ରରେ ଲୋକଙ୍କୁ ବିମାନ ସେବା ନେଇ ସୁଯୋଗ ଦିଆଯାଉଥିଲା। ବର୍ତ୍ତମାନ ଦେଶ ମଧ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିନାହିଁ। ବିମାନ ଯାତ୍ରା ବେଳେ ଲୋକମାନେ ଯେଭଳି ସୁରକ୍ଷିତ ରୁହନ୍ତି ତାକୁ ଧ୍ୟାନରେ ରଖି ମନ୍ତ୍ରଣାଳୟ ନିୟମରେ ପରିବର୍ତ୍ତନ କରିଥିବା କହିଛି।

## ଏନ୍‌ବିଏଫ୍‌ସିଗୁଡ଼ିକର ସ୍ଥିତିରେ ସୁଧାର ଆସିନି

**ନୂଆଦିଲ୍ଲୀ,୧୨।୭:** କୋଭିଡ୍ ଯୋଗୁ ଦେଶର ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକରେ ସମସ୍ୟା ଲାଗିରହିଛି। ସ୍ଥିତିରେ ସୁଧାର ଆସି ନ ଥିବାରୁ ଏନ୍‌ବିଏଫ୍‌ସି ପରିଚାଳନା ପୁଞ୍ଜି ଆବଶ୍ୟକ କରୁଛନ୍ତି। ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସ୍ୱତନ୍ତ୍ର ନଗଦ ଯୋଗାଣ ଯୋଜନାରେ ଏହି ସଂସ୍ଥାଗୁଡିକ ବର୍ତ୍ତମାନ ସୁଦ୍ଧା ୧୦ ହଜାର କୋଟି ଟଙ୍କା ଯୋଗାଇ ଦେବା ଲାଗି କହିଛନ୍ତି। ଏ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଯୋଜନାରେ ୩୦ ହଜାର କୋଟି ଟଙ୍କା ଯୋଗାଣ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। କୋଭିଡ୍ ସାରା ଦେଶର ବଜାରକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଏହାର ଚାପରୁ ଏନ୍‌ବିଏଫ୍‌ସି ମଧ୍ୟ ବର୍ତ୍ତି ନ ଥିବା ଜଣାପଡିଛି।

# –୪.୫% ରହିବ ଅଭିବୃଦ୍ଧି

**ମୁମ୍ବାଇ,୧୨।୭**

ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ନକାରାତ୍ମକ ରହିବ। ଏହି ସମୟରେ ଘରୋଇ ବଜାରର ଅଭିବୃଦ୍ଧି –୪.୫% ରହିବ ବୋଲି ଫିକି ପକ୍ଷରୁ ହୋଇଥିବା ସର୍ଭେରେ ପୂର୍ବାନୁମାନ କରାଯାଇଛି। ଏହି ସର୍ଭେରେ କୁହାଯାଇଛି ଯେ, କରୋନା ମାମଲା ବର୍ତ୍ତମାନ ଦ୍ରୁତ ହାରରେ ବଢୁଛି। ଏହାର ପ୍ରଭାବ ବଜାରକୁ ଗଭୀର ଭାବେ କ୍ଷତି ପହଞ୍ଚାଇଛି। ବଜାରରେ ସ୍ୱାସ୍ଥ୍ୟ ସଙ୍କଟ ମଧ୍ୟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଫିକି ଏହାର ପୂର୍ବାନୁମାନରେ କହିଥିଲା ଯେ, ଭାରତର ଅଭିବୃଦ୍ଧି ହାର ୨୦୨୦–୨୧ ଆର୍ଥିକ ବର୍ଷରେ ୫.୫% ରହିବ। କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ଦେଶ ମଧ୍ୟରେ ହୋଇଥିବା ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ବର୍ତ୍ତମାନ କଟକଣାକୁ ଧୀରେ ଧୀରେ କୋହଳ କରାଯାଉଥିଲେ ମଧ୍ୟ ସବୁ କିଛି ଟ୍ରାକ୍‌କୁ ଫେରି ପାରିନାହିଁ।

ଦେଶର ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସ୍ଥିତାବସ୍ଥାକୁ ଫେରୁ ଥିବା ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଶନିବାର କହିଛନ୍ତି। ଚଳିତ ଆର୍ଥିକ ବର୍ଷ ଦେଶର ବିକାଶ ହାର ନକାରାତ୍ମକ ରହିବ ବୋଲି ରିଜର୍ଭ ବ୍ୟାଙ୍କ ମେ ମାସରେ ଏହାର ଆକଳନରେ କହିଥିଲା। ବର୍ତ୍ତମାନର ସର୍ଭେରେ ଫିକି ଉଦ୍ୟୋଗ, ବ୍ୟାଙ୍କିଙ୍ଗ ଏବଂ ବିତ୍ତୀୟ ସେବା କ୍ଷେତ୍ର ବିଶେଷଜ୍ଞଙ୍କ ମତାମତ ନିଆଯାଇଛି। ଫିକି ଏହାର ଇକୋନୋମିକ ଆଉଟ୍‌ଲୁକ ସର୍ଭେରେ କହିଛି ଯେ, ନ୍ୟୂନତମ ଅଭିବୃଦ୍ଧି –୬.୪% ଏବଂ ସର୍ବୋଚ୍ଚ ଅଭିବୃଦ୍ଧି ୧.୫% ରହିପାରେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ହାର ୧୪% ଖସିଯିବ ବୋଲି ଆକଳନରେ କୁହାଯାଇଛି। ୨୦୨୦–୨୧ରେ ଦେଶର କୃଷି କ୍ଷେତ୍ର ଅଭିବୃଦ୍ଧି ୨.୭% ରହିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ କୃଷି କ୍ଷେତ୍ର ଉପରେ କରୋନାର ପ୍ରଭାବ ବେଶି ରହିବ ନାହିଁ। ସେହିଭଳି ଦେଶର ଗ୍ରାମାଞ୍ଚଳ ମୋଟ ଚାହିଦା ବୃଦ୍ଧିରେ ଏକ ପ୍ରମୁଖ ଯୋଗଦାନ ରଖିବା ନେଇ ପୂର୍ବାନୁମାନ କରାଯାଇଛି।




ଏହି ସମୟରେ ଶିଳ୍ପ ଏବଂ ସେବା କ୍ଷେତ୍ର ଯଥାକ୍ରମେ ୧୧.୪% ଏବଂ ୨.୮% ହ୍ରାସ ଘଟିପାରେ। ଚାହିଦା ଏବଂ ଶିଳ୍ପ କ୍ଷେତ୍ରର କ୍ଷମତା ଉପଯୋଗ ପୂର୍ବ ସ୍ଥିତିକୁ ଫେରିବାରେ ଅସୁବିଧା ହେଉଛି। ଏହା ନିବେଶକୁ ପ୍ରଭାବିତ କରୁଛି। ଅର୍ଥ ବ୍ୟବସ୍ଥାକୁ ଠିକ୍ କରିବା ଲାଗି ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଉପରେ ବିଶେଷଜ୍ଞ ଗୁରୁତ୍ୱାରୋପ କରିଛନ୍ତି। ସରକାର ଅର୍ଥ ବ୍ୟବସ୍ଥା ଲାଗି ବର୍ତ୍ତମାନ ସୁଦ୍ଧା ୨ଟି ପ୍ୟାକେଜ୍ ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଏହା ସତ୍ତ୍ୱେ ବଜାର ଟ୍ରାକ୍‌କୁ ଫେରିବାକୁ ଅସୁବିଧା ହେଉଛି, କାରଣ କରୋନାର ପ୍ରଭାବ ଗଭୀର ହୋଇଥିବାରୁ ସ୍ଥିତି ସୁଧୁରିବା ଲାଗି ସମୟ ଲାଗିବ।

**ଫିକି ଇକୋନୋମିକ ଆଉଟଲୁକ୍ ସର୍ଭେ**

## ଡେପୁଟି ଗଭର୍ନର ପଦବୀ ଦୌଡ଼ରେ ୮ ପ୍ରାର୍ଥୀ

**ମୁମ୍ବାଇ,୧୨।୭ :** ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ପଦବୀ ଦୌଡ଼ରେ ୮ ପ୍ରାର୍ଥୀ ଦାବିଦାର ରହିଛନ୍ତି। କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଜଳିତ ମାସ ୨୩ରେ ଏହି ପଦବୀ ଲାଗି ସାକ୍ଷାତକାର ନେବ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କାର୍ଯ୍ୟକାଳ ସରିବାର ୩ ମାସ ଆଗରୁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟରତ ଏନ୍.ଏସ୍.ବିଶ୍ୱନାଥ ଅବସର ନେବା ଯୋଗୁ ଗୋଟିଏ ପଦବୀ ଖାଲି ପଡିଛି। ସାକ୍ଷାତ୍କାର ଭିଡିଓକନଫରେନ୍ସ ଦ୍ୱାରା ହେବ ବୋଲି ଜଣାପଡିଛି। ସାକ୍ଷାତ୍କାର ପରେ ଚୟନ ହୋଇଥିବା ନାମକୁ ପ୍ରଧାନମନ୍ତ୍ରୀଙ୍କ ଚୂଡାନ୍ତ ନିଷ୍ପତ୍ତି ଲାଗି ପଠାଯିବ। ସର୍ଚ୍ଚ କମିଟିରେ କ୍ୟାବିନେଟ ସଚିବଙ୍କ ବାଦ୍ ଆର୍‌ବିଆଇ ଗଭର୍ନର, ଆର୍ଥିକ ସେବା ସଚିବ ଏବଂ ୨ ସ୍ୱାଧୀନ ସଦସ୍ୟ ରହିଛନ୍ତି। ବର୍ତ୍ତମାନ ଖାଲି ଥିବା ପଦବୀ କେନ୍ଦ୍ରୀୟ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ପୂରଣ କରାଯିବ। ଆର୍‌ବିଆଇ ନିୟମ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କରେ ୪ ଡେପୁଟି ଗଭର୍ନର ଥିବା ବେଳେ ର୍‍ୟାଙ୍କରୁ ୨, ଜଣେ ବାଣିଜ୍ୟିକ ବ୍ୟାଙ୍କର ଏବଂ ଅନ୍ୟ ଜଣେ ଅର୍ଥନୀତିଜ୍ଞ ରହିବେ, ଯେ




କି ମୁଦ୍ରାନୀତି କମିଟି ବିଭାଗ ଦାୟିତ୍ୱ ତୁଲାଇବେ। ବର୍ତ୍ତମାନ ଆର୍‌ବିଆଇରେ ୩ ଡେପୁଟି ଗଭର୍ନର ଯଥା– ବି.ପି.କାନୁନଗୋ, ଏମ.କେ.ଜୈନ, ମାଇକେଲ ଦେବବ୍ରତ ପାତ୍ର ବର୍ତ୍ତମାନ ଅବସ୍ଥାପିତ ଅଛନ୍ତି। ନିକଟରେ କାନୁନଗୋଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବଢାଯାଇଛି। ସେ ୨୦୧୭ରେ ରିଜର୍ଭ ବ୍ୟାଙ୍କରେ ଯୋଗ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଡେପୁଟି ଗଭର୍ନର ୩ ବର୍ଷ ଲାଗି ନିଯୁକ୍ତି ପାଇଥାନ୍ତି। ଏହି କାର୍ଯ୍ୟକାଳକୁ ବଢାଯାଇ ପାରେ। ଏହି ପଦବୀ ଲାଗି ୨.୨୫ ଲକ୍ଷ ବେତନ ବାଦ୍ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥାଏ।

## ସେଣ୍ଟ୍ ଜାଭିୟର ହାଇସ୍କୁଲର ସଫଳତା

**କଟକ, ୧୨।୭:** ଆଇସିଏସ୍‌ଇ ୧୦ମ ପରୀକ୍ଷାରେ ସେଣ୍ଟ୍ ଜାଭିୟର ହାଇସ୍କୁଲ(ବାରବାଟୀ ଷ୍ଟାଡିୟମ)ରୁ ମୋଟ ୧୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ୯୭ଜଣ ଛାତ୍ରୀଛାତ୍ର ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିଭଳି ୧୬ ଜଣ ୯୦%ରୁ ଅଧିକ ମାର୍କ ଆଣିଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ପାସ୍ ସହ ଏହି ବିଦ୍ୟାଳୟ ତା'ର ଶତ ପ୍ରତିଶତ ଫଳାଫଳ ବଜାଇ ରଖିଛି। ଜୟଦୀପ ବେଉରା ୯୫.୬% ନମ୍ବର ରଖି ବିଦ୍ୟାଳୟ ଟପ୍‌ପର ହୋଇଥିବା ବେଳେ ଜୟଶ୍ରୀ ଜେନା ୯୪.୬% ମାର୍କ ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିଭଳି ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ମୋଟ ୩୮ଜଣ ପିଲା ପରୀକ୍ଷା ଦେଇ ସମସ୍ତେ ପାସ୍ କରିଛନ୍ତି। ସେଥିମଧ୍ୟରୁ ୨୭ଜଣ ୬୦%ରୁ ଅଧିକ ମାର୍କ ରଖିଛନ୍ତି। ଅଙ୍କିତେଶ ପଣ୍ଡା ୮୨.୭% ମାର୍କ ରଖି ଟପ୍‌ପର ହୋଇଛନ୍ତି। ରିଚା ଦୀକ୍ଷିତ ୮୨.୫% ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ସେଣ୍ଟ୍ ଜାଭିୟର ଗ୍ରୁପ୍ ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ଏବଂ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ ଅଭିଭାବକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଆନ୍ତରିକ କୃତଜ୍ଞତା ଅର୍ପଣ କରିଛନ୍ତି।

## ଗାଡ଼ି ପଞ୍ଜୀକରଣ ପୂର୍ବରୁ ଫାଷ୍ଟଟ୍ୟାଗ୍ କ୍ୟାପ୍‌ଚର୍ସ ସୁନିଶ୍ଚିତ

**ନୂଆଦିଲ୍ଲୀ,୧୨।୭:** ଦେଶରେ ନୂଆ ଯାନବାହନ ପଞ୍ଜୀକରଣ ସମୟରେ ଫାଷ୍ଟଟ୍ୟାଗ୍ କ୍ୟାପ୍‌ଚର ତଥା ଫିଟ୍‌ନେସ ସାର୍ଟିଫିକେଟକୁ ସୁନିଶ୍ଚିତ କରାଇବାକୁ ହେବ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶ୍‌ନାଲ ଇନଫର୍ମାଟିକ୍ସ ସେଣ୍ଟର(ଏନ୍‌ଆଇସି)କୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଆଇସି ତଥା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରକୁ ଏହି ମର୍ମରେ ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠି ଲେଖା ଯାଇଥିବା ଜଣାପଡିଛି। ବର୍ତ୍ତମାନ ଜାତୀୟ ଇଲେକ୍ଟ୍ରୋନିକ୍ସ ଟୋଲ୍ ସଂଗ୍ରହ (ଏନ୍‌ଇଟିସି)କୁ ବାହନ ପୋର୍ଟାଲ ସହ ସମ୍ପୂର୍ଣ୍ଣ ରୂପେ ସମନ୍ୱିତ କରାଯାଇଛି।




ଚଳିତ ବର୍ଷ ମେ୧୪ରୁ ଏପିଆଇ ସହିତ ଏହାକୁ ଲାଇଭ୍ କରାଯାଇସାରିଛି। ବାହନ ବ୍ୟବସ୍ଥା ସମ୍ପ୍ରତି ଭିଆଇଏନ୍ ଏବଂ ଭିଆର୍‌ଏନ୍ ମାଧ୍ୟମରେ ଫାଷ୍ଟଟ୍ୟାଗ୍‌ରେ ସବୁ ପ୍ରକାରର ତଥ୍ୟ ମିଳିପାରୁଛି। ଏଭଳି ପଦ୍ଧତି ବ୍ୟବହାର ଦ୍ୱାରା ଫାଷ୍ଟଟ୍ୟାଗ୍ ମାଧ୍ୟମରେ ନୂଆ ଯାନବାହନ ପଞ୍ଜୀକରଣ ବେଳେ ସବୁ ପ୍ରକାରର ସୂଚନା ସଂଗ୍ରହ କରିବା ଆବଶ୍ୟକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିଭଳି ଜାତୀୟ ପରମିଟ ଅଧୀନରେ ଯେଉଁସବୁ ଯାନବାହନ ଚଳାଚଳ କରୁଛି ସେଗୁଡିକର ଫିଟ୍‌ନେସ ସାର୍ଟିଫିକେଟ ପ୍ରଦାନ ସମୟରେ ମଧ୍ୟ ଏହି ସବୁ ତଥ୍ୟାବଳୀ ସୁନିଶ୍ଚିତ କରିବା ଜରୁରୀ। ଏମ୍‌ଓଏନ୍ ବର୍ଗର ବିକ୍ରି ହେଉଥିବା ଯାନବାହନ ନୂତନ ଭାବରେ କ୍ରୟ କଲାବେଳେ ଫାଷ୍ଟଟ୍ୟାଗ୍‌ର ଫିଟ୍‌ମେଣ୍ଟକୁ ୨୦୧୭ ମସିହାଠାରୁ ବାଧ୍ୟତାମୂଳକ କରା ଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଖେଳ ଖବର

## ହାମିଲଟନ ଜିତିଲେ ଷ୍ଟାଇରିଆନ ଗ୍ରାଁପ୍ରି ଟାଇଟଲ



**ସ୍ପିଲବର୍ଗ, ୧୨।୭:** ଟିମ୍‌ମେଟ୍ ଭାଲଟେରି ବୋଟାସଙ୍କୁ ପଛରେ ପକାଇ ମର୍ସିଡିଜର ଲୁଇସ୍ ହାମିଲଟନ ଏଠାରେ ରବିବାର ଅନୁଷ୍ଠିତ ଷ୍ଟାଇରିଆନ ଫର୍ମୁଲା ୱାନ ଗ୍ରାଁପ୍ରି ରେସ୍ ଜିତିଛନ୍ତି। ଏହା ହେଉଛି ତାଙ୍କର ୮୫ତମ ଟାଇଟଲ। ୯୧ ଗ୍ରାଁପ୍ରି ଜିତି ମାଇକେଲ ସୁମାକର ଯେଉଁ ରେକର୍ଡ କରିଛନ୍ତି ତାହାଠାରୁ ସେ ୬ଟି ବିଜୟ ପଛରେ ରହିଛନ୍ତି। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଓ ସେବାଷ୍ଟିଆନ ଭେଟେଲଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟଙ୍କୁ ରେସ୍ ଅଧାରୁ ବିଦାୟ ନେବାକୁପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଓ ଆଲେକ୍‌ଜାଣ୍ଡର ଆଲବନ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମ୍ୟାକଲରେନର ଲାଣ୍ଡୋ ନୋରିସ୍ ୫ମ ଏବଂ ରେସିଂ ପଏଣ୍ଟର ସର୍ଗିଓ ପେରେଜ ଓ ଲାନ୍ସ ଷ୍ଟ୍ରୋଲ ୬ଷ୍ଠ ଓ ୭ମ ସ୍ଥାନ ହାସଲ କରିଛନ୍ତି। ୮ମ, ୯ମ ଓ ୧୦ମ ସ୍ଥାନରେ ରେନଲ୍ଟର ଡାନିଏଲ ରିକାର୍ଡୋ, ମ୍ୟାକଲରେନର କାର୍ଲୋସ ସେଞ୍ଜ୍ ଜୁନିୟର ଏବଂ ଆଲ୍‌ଫା ଟାଉରିର ଡାନିଲ କ୍ୟାଟ୍ ରହିଛନ୍ତି।

## ଇଂଲଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ

**ସାଉଥାମ୍ପଟନ, ୧୨।୭ (ଏପି)**

ଜର୍ମେନ ବ୍ଲାକ୍‌ଉଡ୍‌ଙ୍କ ଲଢୁଆ ୯୫ରନ ସହାୟତାରେ ସ୍ଥାନୀୟ ରୋଜ୍ ବାଓଲଠାରେ ବିନା ଦର୍ଶକରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ୍ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୪ ଉଇକେଟରେ ବିଜୟ ଲାଭ କରିଛି। ଘରୋଇ ଦଳ ଦ୍ୱାରା ଧାର୍ଯ୍ୟ ୨୦୦ ରନ ବିଜୟ ଲକ୍ଷ୍ୟକୁ ଭ୍ରମଣକାରୀ ଦଳ ୬ ହରାଇ ହାସଲ କରିନେଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ଏକଦା ୩୫ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିବା ବେଳେ ରୋଷ୍ଟନ ଚେଜ୍ (୩୭) ଓ ବ୍ଲାକ୍‌ଉଡ୍ ଚତୁର୍ଥ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୭୩ ରନ ଯୋଗ କରି ସ୍ଥିତରେ ସୁଧାର ଆଣିଥିଲେ। ପୂର୍ବରୁ ଜୋଫ୍ରା ଆର୍ଚର କ୍ରେଗ୍ ବ୍ରାଥ୍‌ୱେଟ୍ (୪) ଓ ଶାମରା ବ୍ରୁକ୍ସ (୦)ଙ୍କୁ ଶୀଘ୍ର ଆଉଟ୍ କରି ଭ୍ରମଣକାରୀ ଦଳକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ପରେ ଶାଇ ହୋପ୍ (୯)ଙ୍କ ଉଇକେଟ ପତନ ଘଟାଇ ମାର୍କ ଉଡ୍ ୱେଷ୍ଟଇଣ୍ଡିଜକୁ ସଂକଟରେ ପକାଇ ଦେଇଥିଲେ। ମଧ୍ୟାହ୍ନଭୋଜନ ବିରତି ବେଳକୁ ୱେଷ୍ଟଇଣ୍ଡିଜ ୩୫ରନରେ ୩ଟି ଉଇକେଟ ହରାଇ ସାରିଥିଲା। ଓପନର ଜନ୍ କ୍ୟାମ୍ପବେଲ୍ (୧) ଆର୍ଚରଙ୍କ




ଜର୍ମେନ ବ୍ଲାକ୍‌ଉଡ୍

ଏକ ୟର୍କର ବଲ୍‌ରେ ଆଘାତପ୍ରାପ୍ତ ହୋଇ ରିଟାୟର୍ଡ ହର୍ଟ ହୋଇଥିଲେ। ବାର୍ବାଡୋସରେ ଜନ୍ମିତ ଫାଷ୍ଟ ବୋଲର ଆର୍ଚର ୬ଷ୍ଠ ଓଭରରେ ବ୍ରେକ୍ ଥ୍ରୁ ଆଣିଥିଲେ। ବ୍ରାଥୱେଟ୍ ତାଙ୍କ ବଲ୍‌ରେ ପ୍ଲେଡ୍‌ଅନ୍ ହୋଇଯାଇଥିଲେ। ଆର୍ଚର ତାଙ୍କ ପରବର୍ତ୍ତୀ ଓଭରରେ ବ୍ରୁକ୍ସଙ୍କୁ ଏଲବିଡବ୍ଲ୍ୟୁ କରିଦେବା ଫଳରେ ବିଜୟ ଲକ୍ଷ୍ୟ ହାସଲ କଷ୍ଟସାଧ୍ୟ କରିଦେଇଥିଲେ। ଚାପ ହଟାଇବା ଉଦ୍ଦେଶ୍ୟରେ ହୋପ୍ ଚୌକା ପାଇଁ ଦୁଇଟି କଭର ଡ୍ରାଇଭ ଖେଳିଥିଲେ। ତାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ପରେ ବ୍ରୁକ୍ସଙ୍କୁ ବୋଲିଂ କରିବାକୁ ଆସିଥିଲେ। ସେ ହୋପ୍‌ଙ୍କୁ ବୋଲ୍ଡ କରିଦେବାରୁ ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ପୂର୍ବରୁ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ଆର୍ଚର ୨୩ ରନ କରିଥିଲେ। ଘରୋଇ ଦଳ ୩୧୩ରେ ଅଲଆଉଟ ହୋଇଯାଇଥିଲା। ରବିବାର ସକାଳେ ୨ଟି ଉଇକେଟ ସହ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିବା ଶାନନ ଗାବ୍ରିଲ୍ ଭ୍ରମଣକାରୀ ଦଳର ସବୁଠାରୁ ସଫଳ ବୋଲର ଭାବେ ୭୫ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ଇଂଲଣ୍ଡ ପ୍ରଥମ ଇନିଂସ: ୨୦୪
- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୩୧୮
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୩ (ଜ୍ୟାକ୍ କ୍ରଲି-୭୬, ଡୋମିନିକ୍ ସିବ୍‌ଲି-୫୦, ବେନ୍ ଷ୍ଟୋକ୍ସ-୪୬, ରୋରି ବର୍ନ୍ସ-୪୨, ଶାନନ ଗାବ୍ରିଲ-୫/୭୫, ଅଲ୍‌ଜାରି ଯୋସେଫ୍-୨/୪୫, ରୋଷ୍ଟନ ଚେଜ୍-୨/୭୧)।
- ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୨୦୦/୬ (ଜର୍ମେନ ବ୍ଲାକ୍‌ଉଡ-୯୫, ରୋଷ୍ଟନ ଚେଜ୍-୩୭, ଜୋଫ୍ରା ଆର୍ଚର-୩/୪୫, ବେନ୍ ଷ୍ଟୋକ୍ସ-୨/୩୯)।

## ଚେତନ ଚୌହାନ୍ କରୋନା ପଜିଟିଭ୍

**ନୂଆଦିଲ୍ଲୀ,୧୨।୭(ପି.ଟି.)**

ଭାରତୀୟ ପୂର୍ବତନ ଓପନର ତଥା ଉତ୍ତର ପ୍ରଦେଶ କ୍ୟାବିନେଟ ମନ୍ତ୍ରୀ ଚେତନ ଚୌହାନ କୋଭିଡ୍–୧୯ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଛି। ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା, ଆର.ପି. ସିଂ ତାଙ୍କ ଆଶୁ ଆରୋଗ୍ୟ କାମନା କରି ଟୁଇଟ୍ କରିବା ପରେ ଏହି କଥା ଜଣାପଡିଥିଲା। ଶୁକ୍ରବାର ୭୨ ବର୍ଷୀୟ ଚୌହାନଙ୍କ କୋଭିଡ୍–୧୯ ଟେଷ୍ଟ ହୋଇଥିଲା। ତାଙ୍କୁ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ବର୍ତ୍ତମାନ ଚୌହାନଙ୍କ ପରିବାର ସଦସ୍ୟମାନଙ୍କର ଟେଷ୍ଟ କରାଯିବ ଓ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଉତ୍ତର ପ୍ରଦେଶ କ୍ୟାବିନେଟ୍‌ରେ ଚୌହାନ ସୈନିକ୍ ୱେଲଫେୟାର, ହୋମ୍ ଗାର୍ଡ୍ସ, ପି.ଆର.ଡି. ଓ ସିଭିଲ ସିକ୍ୟୁରିଟି ମିନିଷ୍ଟ୍ରି ବିଭାଗରେ ମନ୍ତ୍ରୀ ରହିଛନ୍ତି। ପୂର୍ବରୁ ଦୁଇଥର ଏମ୍‌ପି ରହିଥିବା ଚୌହାନ ଅନ୍ୟକେତେଜଣ କ୍ରିକେଟରଙ୍କ ଭଳି ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦି ଓ ସ୍କଟଲାଣ୍ଡର ମାଜିଦ ହକ୍ ମଧ୍ୟ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି।



୧୯୬୯ରୁ ୧୯୭୮ ମଧ୍ୟରେ ଚୌହାନ୍ କ୍ୟାରିୟରରେ ୪୦ଟି ଟେଷ୍ଟ ଖେଳି ୩୧.୫୭ ରନ ହାରରେ ୨୦୮୪ ରନ ସଂଗ୍ରହ କରିଛନ୍ତି। ୯୭ ହେଉଛି ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର। ସେ ମଧ୍ୟ ୭ଟି ଦିନିକିଆ ମ୍ୟାଚ୍ ଖେଳି ୧୫୩ ରନ ସଂଗ୍ରହ କରିଛନ୍ତି।

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କରଙ୍କ ସହ ମିଶି ସେ ଓପନିଂ ପାର୍ଟନରଶିପ୍‌ରେ ୩,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୭୦ ଦଶକରେ ଏହି ଦୁଇ ଓପନର ୧୦ରୁ ଊର୍ଦ୍ଧ୍ୱ ଶତକୀୟ ଭାଗିଦାରି ସ୍ଥାପନ କରିଛନ୍ତି। ଘରୋଇ କ୍ରିକେଟରେ ଦିଲ୍ଲୀ ଓ ମହାରାଷ୍ଟ୍ର ତରଫରୁ ଖେଳି ସେ ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରିଛନ୍ତି।

## ପୁଡୁଚେରୀ ତରଫରୁ ଖେଳିବେ ଜ୍ୟାକ୍‌ଶନ

**ଚେନ୍ନାଇ/ମୁମ୍ବାଇ,୧୨।୭(ପି.ଟି.):** ଶେଲଡନ ଜ୍ୟାକ୍‌ଶନ ସୌରାଷ୍ଟ୍ର ଦଳ ଛାଡିଛନ୍ତି। ସୌରାଷ୍ଟ୍ରକୁ ଗତ ରଣଜୀ ସେସନରେ ଚାମ୍ପିୟନ କରାଇଥିବା ଏହି ତାରକା ବ୍ୟାଟ୍ସମ୍ୟାନ ଆଗାମୀ ଘରୋଇ ସେସନରେ ଏବେ ପୁଡୁଚେରୀ ପକ୍ଷରୁ ଖେଳିବେ। ଏ ନେଇ ଜ୍ୟାକଶନ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ନିଶ୍ଚିତ ଭାବେ କଷ୍ଟକର ଥିଲା ବୋଲି ସେ କହିଛନ୍ତି। ତେବେ ବର୍ତ୍ତମାନ ହିଁ ଏହି ନିଷ୍ପତ୍ତି ନେବାର ଉଚିତ୍ ସମୟ ବୋଲି ସେ କହିଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ



ଶେଲଡନ ଜ୍ୟାକ୍‌ଶନ

(ଏସ୍‌ସିଏ) ଦ୍ୱାରା ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ସେ ଏହି କଥା କହିଛନ୍ତି। ୨୦୧୯–୨୦ ସେସନରେ ସେ ୧୦ ମ୍ୟାଚ୍ ଓ ୧୮ଟି ଇନିଂସ ଖେଳି ୫୦.୫୬ ରନ ହାରରେ ୮୦୯ ରନ ସଂଗ୍ରହ କରିଥିଲେ।

ପୂର୍ବତନ ଟେଷ୍ଟ ବୋଲର ପଙ୍କଜ ସିଂ ଗତ ସେସନରେ ଇଞ୍ଜୁରି ଯୋଗୁ ଖେଳିପାରି ନ ଥିଲେ ଓ ଏଥର ସେ ପୁଡୁଚେରୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଘରୋଇ କ୍ରିକେଟର ଅନ୍ୟତମ ତାରକା ବ୍ୟାଟ୍ସମ୍ୟାନ ପାରସ ଡୋଗ୍ରା ମଧ୍ୟ ପୁଡୁଚେରୀ ତରଫରୁ ପୁଣି ଖେଳିବେ ବୋଲି କ୍ରିକେଟ ଆସୋସିଏଶନ ଅଫ୍ ପୁଡୁଚେରୀ ସମ୍ପାଦକ ଭି. ଚନ୍ଦ୍ରନ କହିଛନ୍ତି।

## କ୍ୱାରାଣ୍ଟାଇନ୍ ଅବଧି କମାଇବାକୁ ଚାହାନ୍ତି ଗାଙ୍ଗୁଲି

**ନୂଆଦିଲ୍ଲୀ,୧୨।୭(ପି.ଟି.):** ଆଗାମୀ ଡିସେମ୍ବରରେ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆ ଗସ୍ତ କରିବ। ଅଷ୍ଟ୍ରେଲିଆରେ କୋଭିଡ୍–୧୯ ସ୍ଥିତି ନିୟନ୍ତ୍ରଣରେ ଥିଲେ ମଧ୍ୟ ମେଲବୋର୍ନ ଏବେ ହଟ୍‌ସ୍ପଟ୍ ଭାବେ ପରିଗଣିତ ହେଉଛି। ଭାରତୀୟ ଖେଳାଳିମାନେ ସେଠାରେ ପହଞ୍ଚିବା ପରେ କ୍ୱାରାଣ୍ଟାଇନ୍‌ରେ ଦୁଇ ସପ୍ତାହ ରହିବା ନିୟମ ଧାର୍ଯ୍ୟ ହୋଇଛି। ପୁଣି ଖେଳିବା ପାଇଁ ପଡିଆରେ ଓହ୍ଲାଇବା ପୂର୍ବରୁ ଖେଳାଳିମାନଙ୍କର କୋଭିଡ୍–୧୯ ଟେଷ୍ଟ କରାଯିବ। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏହି କ୍ୱାରାଣ୍ଟାଇନ୍ ଅବଧିରେ କମ୍ କରିବାକୁ ଚାହୁଁଥିବା କଥା କହିଛନ୍ତି। ଏହି ଗସ୍ତରେ ଭାରତୀୟ ଖେଳାଳିଙ୍କ ପାଇଁ ଏହି ନିୟମରେ କିଛି କୋହଳ କରାଯିବ ବୋଲି ଗାଙ୍ଗୁଲି ଆଶା ପ୍ରକାଶ କରିଛନ୍ତି। ଏହି ହାଇପ୍ରୋଫାଇଲ ଗସ୍ତରେ ଭାରତ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବ ଓ ଏଥିରେ ଗୋଟିଏ ଦିବାରାତ୍ର ଟେଷ୍ଟ ସାମିଲ ରହିଛି।

**ଅଷ୍ଟ୍ରେଲିଆ ଗସ୍ତ**



ଭାରତ ଡିସେମ୍ବରରେ ଏହି ଗସ୍ତରେ ଯିବା ନିଶ୍ଚିତ ହୋଇଛି ଓ ସେଠାରେ କ୍ୱାରାଣ୍ଟାଇନ୍‌ରେ ଦିନ ସଂଖ୍ୟା ଆମେ କମାଇବାକୁ ଚାହୁଁଛୁ ବୋଲି ଇଣ୍ଡିଆ ଟୁଡେ ଶୋ' 'ଦି ଇନ୍‌ସ୍ପିରେଶନ'ରେ ଗାଙ୍ଗୁଲି କହିଛନ୍ତି। ଆମେ ଖେଳାଳିମାନେ ହୋଟେଲ ରୁମ୍‌ରେ ଦୁଇ ସପ୍ତାହ ବସି ରହିବା ଆମେ ଚାହୁଁନାହୁଁ। ଏହା ଚାପ ସୃଷ୍ଟି କରିବ ଓ ନିଶ୍ଚିତ ଭାବେ ନୈରାଶ୍ୟଜନକ। ମେଲବୋର୍ନକୁ ବାଦ୍ ଦେଲେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କୋଭିଡ୍–୧୯ ସ୍ଥିତି ନିୟନ୍ତ୍ରଣରେ ରହିଛି। ତେଣୁ ସେଠାରେ କ୍ୱାରାଣ୍ଟାଇନ୍ ଅବଧି କମିବ ବୋଲି ଆଶା କରୁଛି।

# ଗଞ୍ଜାମରେ ୮ କୋଭିଡ୍ କେୟାର, ହେଲ୍‌ଥ ସେଣ୍ଟର

**ଛତ୍ରପୁର,୧୨।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଆଉ ୮ ଟି କୋଭିଡ୍ କେୟାର ସେଣ୍ଟର(ସିସିସି) ଓ କୋଭିଡ୍ ହେଲଥ ସେଣ୍ଟର (ଡିସିଏଚସି) ଖୋଲିବା ବ୍ୟବସ୍ଥା ହୋଇଛି। ସରକାରୀ ଓ ଘରୋଇ ଅନୁଷ୍ଠାନ କୋଠାରେ ଏହା ଚାଲିବ। ଏସବୁ ସେଣ୍ଟରରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ସହ ଡାକ୍ତର ଓ ଷ୍ଟାଫ ଆଇସୋଲେଶନରେ ରହିବେ। ନୂଆ ଖୋଲିବାକୁ ଥିବା ୫ କୋଭିଡ୍ କେୟାର ସେଣ୍ଟର ଓ ୩ କୋଭିଡ୍ ହେଲଥ ସେଣ୍ଟରରେ ମୋଟ ୧୧୫୦ ଶଯ୍ୟା ରହିଛି। ସେଥିମଧ୍ୟରେ ବ୍ରହ୍ମପୁର ବିପିଏଚ କଲେଜ ଓ ହସ୍ପିଟାଲର ଆଇପିଡ଼ିରେ ୫୦ ଶଯ୍ୟା ବିଶିଷ୍ଟ ସିସିସି, ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଗାର୍ଲସ ହଷ୍ଟେଲରେ ୫୦ ଶଯ୍ୟା ବିଶିଷ୍ଟ ଡିସିଏଚସି, ବ୍ରହ୍ମପୁର ଗେଟବଜାରସ୍ଥିତ ଅମିତ ହସ୍ପିଟାଲରେ ୧୦୦ ଶଯ୍ୟାର ଡିସିଏଚସି, ଆସିକା ଉପଖଣ୍ଡ ହସ୍ପିଟାଲରେ ୧୦୦ ଶଯ୍ୟାର ଡିସିଏଚସି, ଆସିକା ଲେପ୍ରୋସି ହସ୍ପିଟାଲ ବିଲଡିଂରେ ୧୫୦ ଶଯ୍ୟା ବିଶିଷ୍ଟ ସିସିସି, ପାତ୍ରପୁର ଓ ସାନଖେମୁଣ୍ଡି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ଲେଖାଏର ସିସିସି, ବ୍ରହ୍ମପୁର ନୀଳକଣ୍ଠେଶ୍ୱର ନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବାଳିକା ଓ ବାଳକ ହଷ୍ଟେଲରେ ୫୦୦ ଶଯ୍ୟା ବିଶିଷ୍ଟ ସିସିସି ରହିଛି। ରବିବାର ପାତ୍ରପୁର ଓ ସାନଖେମୁଣ୍ଡି ଆଦର୍ଶ ବିଦ୍ୟାଳୟ ପରିସରରେ ସିସିସି ଖୋଲିଛି। ଆସନ୍ତା ୨ଦିନ ମଧ୍ୟରେ ବଳକା ୮୫୦ ଶଯ୍ୟା ଥିବା କୋଭିଡ କେୟାର ଓ ହେଲଥ ସେଣ୍ଟର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାର ସୁପରିଚାଳନା ପାଇଁ ନୋଡାଲ ଅଫିସର, ନୋଡାଲ ପ୍ରଶାସନିକ ଅଫିସର ଓ ହସ୍ପିଟାଲ ମ୍ୟାନେଜରଙ୍କୁ ଜିଲାପାଳ ଉକ୍ତ ସିସିସି ଓ ଡିସିଏଚସିରେ ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ ଶୀତଳାପଲ୍ଲିସ୍ଥିତ କୋଭିଡ୍ ହସ୍ପିଟାଲ, ପାରଳା ମହାରାଜା କୋଭିଡ କେୟାର ସେଣ୍ଟର, ହିଞ୍ଜିଳି ଓ ଭଞ୍ଜନଗରରେ ହୋଇଥିବା କୋଭିଡ୍ କେୟାର ସେଣ୍ଟରରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ଶୀତଳାପଲ୍ଲି କୋଭିଡ୍ ହସ୍ପିଟାଲକୁ ଆଉ ନୂଆ ଭେଣ୍ଟିଲେଟର ଅଣାଯିବ। ସେହିପରି ପ୍ରତି ପଞ୍ଚାୟତରେ ୧୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ହୋମ ଖୋଲିବ। ଏଥିରେ ମୋଟ ୫ ହଜାର ଶଯ୍ୟା ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଲକ୍ଷଣ ନ ଲୁଚାଇବାକୁ ଭିଡିଓ ବାର୍ତ୍ତା

କରୋନାକୁ ପ୍ରତିହତ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଗଞ୍ଜାମ ଜିଲାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। କରୋନା ଲକ୍ଷଣ ନ ଲୁଚାଇବାକୁ ସେ ପୁଣି ଅନୁରୋଧ କରିଛନ୍ତି। ଯେଉଁମାନଙ୍କଠାରେ ଥଣ୍ଡା, କାଶ, ଜ୍ୱର ଆଦି ଲକ୍ଷଣ ଦେଖାଯାଉଛି, ସେମାନେ ନ ଲୁଚାଇ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରିବାକୁ ଜିଲାପାଳ କହିଛନ୍ତି। ଡାକ୍ତରଙ୍କ ବିନା ପରାମର୍ଶରେ ପାରାସିଟାମଲ ଖାଇବାକୁ ସେ ବାରଣ କରିଛନ୍ତି। ପାରାସିଟାମୋଲ ଖାଇଲେ ଜ୍ୱର କମିଯିବ। ହେଲେ ଦେହରୁ କରୋନା ଭୂତାଣୁ ନାଶ ହେବ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ପ୍ରାଣଘାତି ସାଜିବ। ତେଣୁ ଏଥିପ୍ରତି ସତର୍କ ରହିବାକୁ ଜିଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। କରୋନା ଲକ୍ଷଣ ଥିଲେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ କିମ୍ବା ସରପଞ୍ଚଙ୍କୁ ଜଣାନ୍ତୁ। ଆଇସୋଲେଶନରେ ରଖାଯିବ। ଏଥିପାଇଁ ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ କୋଭିଡ କେୟାର ହୋମ ବ୍ୟବସ୍ଥା ହୋଇଥିବା ଜିଲାପାଳ କହିଛନ୍ତି।

## ସାଜସଜ୍ଜା ଦେଖି ଜିଲାପାଳ କ୍ଷୁବ୍ଧ




ବାଦପୁରସ୍ଥିତ କୋଭିଡ୍ କେୟାର ସେଣ୍ଟର ନିକଟରେ ଜିଲାପାଳ ଓ ଅନ୍ୟମାନେ।

**ପାତ୍ରପୁର,୧୨।୭(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ବାଦପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ରବିବାର କୋଭିଡ୍ କେୟାର ସେଣ୍ଟର ଖୋଲିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ୧୦୦ ଶଯ୍ୟା ବିଶିଷ୍ଟ ଏହି ସେଣ୍ଟର ଆରମ୍ଭ ହୋଇଛି। ଜିଲାପାଳ ଓ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଆଦର୍ଶ ବିଦ୍ୟାଳୟ ପରିସରରେ ପହଞ୍ଚି କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟନ ପାଇଁ ହୋଇଥିବା ସାଜସଜ୍ଜା ଦେଖି ଖପ୍ପା ହୋଇଥିଲେ। ଏଠାରେ ବହୁ ସଂଖ୍ୟକ କର୍ମଚାରୀ ରୁଣ୍ଡ ହୋଇଥିବାରୁ ତାଗିଦ୍ କରିଥିଲେ। ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲ ଭଳି ଚିକିତ୍ସା ଓ ଅନ୍ୟ ସୁବିଧା ଏହି ସେଣ୍ଟରରେ ମଧ୍ୟ ସେସବୁ ଉପଲବ୍ଧ ହେବ ବୋଲି ଜିଲାପାଳ କହିଥିଲେ। ବିଡିଓ ପ୍ରକାଶ ଦାସ, ବିଇଓ କୋରେଶୁ ସେଠୀ, ସରପଞ୍ଚ ଝୁନୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍.ଉଦୟଗିରିର ୩ ସାହି କଣ୍ଟେନ୍‌ମେଣ୍ଟ ଜୋନ୍

**ଆର.ଉଦୟଗିରି, ୧୨।୭(ଡି.ଏନ.ଏ.)**

ଆର୍.ଉଦୟଗିରି ବ୍ଲକରେ ଶନିବାର ୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ ଆର୍.ଉଦୟଗିରି ଗ୍ରାମର ଜଣେ ଆୟୁଷ ଡ଼ାକ୍ତର, ସ୍ୱାସ୍ଥ୍ୟକର୍ମୀ, ହୋମ୍‌ଗାର୍ଡ ଚିହ୍ନଟ ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏମାନେ ବହୁ ସ୍ଥାନୀୟ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଗଜପତି ଜିଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ ରବିବାର ସରଳା ସାହି, ଗୌଡ଼ସାହି, ତେନ୍ତୁଳି ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି। ସଂକ୍ରମଣ ରୋକିବାକୁ ପ୍ରଶାସନ ୩ ସାହିର ପ୍ରବେଶ ପଥକୁ ସିଲ୍ କରିଛି। ଉକ୍ତ ୩ ସାହିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କ୍ରିନିଂ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ପ୍ରମୁଖଙ୍କୁ ଜୋନ୍‌ର ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ଗଜପତିରେ ପୁଣି ୨୦ ପଜିଟିଭ୍ ଚିହ୍ନଟ

**ପାରଳାଖେମୁଣ୍ଡି/କାଶୀନଗର, ୧୨।୭ (ସ୍ୱ.ପ୍ର./ଡି.ଏନ.ଏ.):** ଗଜପତି ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରବିବାର ପୁଣି ୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୧୧ରେ ପହଞ୍ଚିଛି। ଏହି ୨୦ଜଣଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରାଞ୍ଚଳର ୧୩ଜଣ, ଗୁମ୍ମା ବ୍ଲକର ୨, ଗୋଷାଣୀ ବ୍ଲକର ଜଣେ ଏବଂ କାଶୀନଗର ବ୍ଲକର ୪ଜଣ ବୋଲି ଜଣାପଡିଛି। ଏମାନଙ୍କ ବୟସ ୨୦ରୁ ୭୨ ବର୍ଷ ମଧ୍ୟରେ ରହିଛି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ ଓ କୋଭିଡ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଗଜପତି ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କାଶୀନଗର ସଙ୍ଗରୋଧ କେନ୍ଦ୍ରରୁ ୨ଜଣ ଏବଂ ଖାଣ୍ଡାବା ପଞ୍ଚାୟତର ସାରା ଗ୍ରାମରୁ ୨ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ବ୍ଲକରେ ଏହି ସଂଖ୍ୟା ୨୨ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କୁ ଆର. ସୀତାପୁରସ୍ଥିତ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ସପ୍ତାହନ୍ତ ଦୁଇଦିନିଆ ଶଟଡାଉନକୁ କଡାକଡି ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ୨ ଦିନ ବ୍ୟତୀତ ସପ୍ତାହର ଅନ୍ୟଦିନଗୁଡିକରେ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ ବୋଲି ସେ ସୂଚନା ଦେଇଛନ୍ତି।

### ଆରପାରିରେ ଖବରଦାତା ରତନମ୍



**ପାରଳାଖେମୁଣ୍ଡି,୧୨।୭ (ସ୍ୱ.ପ୍ର.):** ଗଜପତି ଜିଲାର ଜଣେ କୋଭିଡ୍ ଯୋଦ୍ଧା ତଥା ବରିଷ୍ଠ ଖବରଦାତା କେ. ସିଏଚ. ରତନମ୍‌ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ରବିବାର ପରଲୋକ ଘଟିଛି। ସେ ଦୈନିକ ତେଲୁଗୁ 'ଇନାଡୁ' ପତ୍ରିକାରେ ଦୀର୍ଘ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିଲେ। ଗତ କିଛିଦିନ ତଳେ ତାଙ୍କ ଦେହ ହଠାତ୍ ଖରାପ ହେବାରୁ ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ତାଙ୍କୁ ରବିବାର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବାର ଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତାଙ୍କ ମୃତ୍ୟୁରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳା ବିଧାୟକ କେ.ନାରାୟଣ ରାଓ, ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତେବେ ତାଙ୍କର କରୋନାରେ କିମ୍ବା ଅନ୍ୟ କେଉଁ ରୋଗରେ ମୃତ୍ୟୁ ଘଟିଛି ଜିଲା ପ୍ରଶାସନ ପକ୍ଷରୁ ସେ ନେଇ କୌଣସି ସୂଚନା ଦିଆଯାଇନି।

### ନଗର ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କ ଦେହାନ୍ତ

**ବୁଗୁଡ଼ା,୧୨।୭(ଡି.ଏନ.ଏ.):** ବୁଗୁଡ଼ା ନଗର ଭାଜପା ଯୁବମୋର୍ଚ୍ଚା ସଭାପତି ଶିବ ପ୍ରସାଦ ବିଷୋୟୀ(୨୬)ଙ୍କ ଶନିବାର ରାତିରେ ମୁଖ୍ୟସଡ଼କସ୍ଥିତ ବାସଭବନରେ ମୃତ୍ୟୁ ହୋଇଛି। ପ୍ରାୟ ୧୦ଦିନ ହେଲା ସେ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ଥିଲେ। ତାଙ୍କର ରକ୍ତଚାପ ମଧ୍ୟ ଥିଲା। ବିଳମ୍ବିତ ରାତିରେ ଅସୁସ୍ଥ ହୋଇପଡିବାରୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। କରୋନା ମହାମାରୀର ବିଭୀଷିକା ସମୟରେ ତାଙ୍କର ମୃତ୍ୟୁକୁ ନେଇ ସହରରେ ବିଭିନ୍ନ ଆଲୋଚନା ହୋଇଛି।

## ଗୋଳିଆ ପାନୀୟଜଳ: ସରପଞ୍ଚଙ୍କ ଘର ଆଗରେ ହୋହଲ୍ଲା

**ରାୟଗଡ଼(ଗଜପତି), ୧୨।୭(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ତେଣୁ

**କଣ୍ଟେନମେଣ୍ଟ ଜୋନ୍‌ରେ ଅସନ୍ତୋଷ**

ସଂକ୍ରମଣକୁ ଏଡ଼ାଇବା ପାଇଁ ୯ ତାରିଖରୁ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ତେବେ ୪ଦିନ ବିତିଯାଇଥିଲେ ମଧ୍ୟ ଗାଁକୁ ସାନିଟାଇଜ୍ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋଳିଆ ପାନୀୟଜଳ ଯୋଗାଣକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ସରପଞ୍ଚଙ୍କ ଘର ନିକଟରେ ହୋହଲ୍ଲା କରିଥିଲେ। ଖବର ପାଇ ରାୟଗଡ଼ ପୋଲିସ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ-୨ ଅମୀୟ ରଞ୍ଜନ ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ବିଦ୍ୟୁତ୍ ସମସ୍ୟା ଯୋଗୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ ସାନିଟାଇଜ୍ ପାଇଁ ବିଡିଓଙ୍କୁ ଚିଠି କରାଯାଇଥିବା ସରପଞ୍ଚ ଯମୁନାଦେବୀ ପ୍ରଧାନ କହିଛନ୍ତି।



ସରପଞ୍ଚଙ୍କ ଘର ନିକଟରେ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

## ପୂର୍ବତନ ବିଧାୟକ କରୋନା ସଂକ୍ରମିତ ଚର୍ଚ୍ଚା

**ହିଞ୍ଜିଳିକାଟୁ,୧୨।୭(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳରେ ଆଉ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ହିଞ୍ଜିଳିକାଟୁର ଜଣେ ପୂର୍ବତନ ବିଧାୟକ ଓ କରୋନା ଯୋଦ୍ଧା ୩ ପୋଲିସ କର୍ମଚାରୀ ଥିବା ଚର୍ଚ୍ଚା ଚାଲିଛି। ପ୍ରଶାସନ ପକ୍ଷରୁ ସମସ୍ତ ଆକ୍ରାନ୍ତଙ୍କୁ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ପୂର୍ବତନ ବିଧାୟକ ସାହୁ ୩ ଦିନ ତଳେ ଜ୍ୱରରେ ପୀଡ଼ିତ ଥିଲେ। ତେଣୁ ସେ ତାଙ୍କର କରୋନା ପରୀକ୍ଷା କରାଇଥିଲେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନି।

## ସ୍ୱାବ୍ ଦେଇ ଫେରୁଥିଲେ, ବାଟରେ ମୃତ୍ୟୁ

**ରାୟଗଡା(ଗଜପତି), ୧୨।୭(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡା ବ୍ଲକ ଅଧୀନ ନାରାୟଣପୁର ଗ୍ରାମର ଜଣେ ରୋଗୀ ରବିବାର ସ୍ୱାବ୍ ଟେଷ୍ଟ ପାଇଁ କୋଭିଡ୍ ମେଡିକାଲ ଯାଇ ନମୁନା ଦେଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ନାରାୟଣପୁର ଗ୍ରାମ ନୂଆସାହିର ଯଗେଶ୍ୱର ବେବର୍ତ୍ତା(୫୦) ପ୍ରାୟ ଦଶଦିନ ଧରି ଜ୍ୱରରେ ପୀଡିତ ଥିଲେ। ତାଙ୍କ ଘରକୁ ସ୍ୱାସ୍ଥ୍ୟଟିମ୍ ଯାଇ ମ୍ୟାଲେରିଆ ପରୀକ୍ଷା କରିଥିଲେ। ତାଙ୍କର ନେଗେଟିଭ ରିପୋର୍ଟ ବାହାରିଥିଲା ପରେ ଗତ ୯ରେ ନାରାୟଣପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପରେ ୧୦ରେ ଡାକ୍ତରୀଦଳ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଯଗେଶ୍ୱରଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେତେବେଳେ ତାଙ୍କର କରୋନା ଲକ୍ଷଣ ସନ୍ଦେହ ହେବାରୁ ତାଙ୍କୁ ସ୍ୱାବ ପରୀକ୍ଷା ପାଇଁ ଟିମ୍ ଜିଲା ପ୍ରଶାସନକୁ ସୁପାରିଶ କରିଥିଲେ। ଏଥିସହ ଶନିବାର ଯୋଗେଶ୍ୱର ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିବାରୁ ସେଠାରେ ଡାକ୍ତର ତାଙ୍କୁ କରୋନା ଟେଷ୍ଟ କରାଇବା ପାଇଁ ପରାମର୍ଶ ଦେଇଥିଲେ। ରବିବାର ସେ ପରିବାର ଲୋକଙ୍କ ସହ କାରରେ କୋଭିଡ ମୋଡିକାଲକୁ ଯାଇ ସ୍ୱାବ ନମୁନା ପରୀକ୍ଷା ପାଇଁ ଦେଇ ଘରକୁ ଫେରୁଥିଲେ। ରାସ୍ତାରେ ପାଣି ମାଗି ପରିବାର ଲୋକଙ୍କଠାରୁ ପିଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଖବରପାଇ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ ଓ ଆରଆଇ ଦାୟିତ୍ୱରେ ଥିବା ସୁଧାକର ରାଓ ପରିବାର ଲୋକଙ୍କ ପାଖରେ ପହଞ୍ଚି ମୃତଦେହ ସତ୍କାର ପାଇଁ ପିପିଇ କିଟ୍ ଯୋଗାଇ ଦେଇଥିଲେ।

## ଡିଆର୍‌ଡିଏ ଅଫିସ କର୍ମଚାରୀଙ୍କ ଆଣ୍ଟିଜେନ ଟେଷ୍ଟ
### ବଉଳଗାଁ, ସୁନ୍ଦରପୁର ୭ ଦିନ ଶଟ୍‌ଡାଉନ

**ଛତ୍ରପୁର,୧୨।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଡିଆର୍‌ଡିଏ ଅଫିସର ଜଣେ ଲେଖାଏ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ଡିଆର୍‌ଡିଏ ଅଫିସର ସମସ୍ତ କର୍ମଚାରୀଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ପଜିଟିଭ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନି। ରବିବାର ଡିଆର୍‌ଡିଏ ଅଫିସକୁ ଅଗ୍ନିଶମବାହିନୀ ସାନିଟାଇଜ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପଜିଟିଭ ଚିହ୍ନଟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ କର୍ମଚାରୀ ଘରେ ସଙ୍ଗରୋଧରେ ଅଛନ୍ତି। ଏମାନଙ୍କର କୋଭିଡ ଟେଷ୍ଟ ହୋଇ ନ ଥିବା ଜଣାପଡିଛି। ସେପଟେ ଛତ୍ରପୁର ଏନ୍‌ଏସି ଓ ବ୍ଲକର ବିଭିନ୍ନ ଗାଁରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନ୍‌ଏସିର ସମସ୍ତ ପ୍ରବେଶ ପଥ ଓ ସାହି ସିଲ କରାଯାଇଛି। ଶଟ୍‌ଡାଉନ୍‌ରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି। ବ୍ଲକ ଅଧୀନ ପୋଟଲାମପୁରରେ ରବିବାର ୩୬ ଜଣଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଛି। ଗତ ୨ ଦିନ ମଧ୍ୟରେ ବଡମାଧପୁର ଓ ସୁନ୍ଦରପୁରରେ ଆଣ୍ଟିଜେନ ଟେଷ୍ଟ ହୋଇଛି। ବ୍ଲକ ଅନ୍ତର୍ଗତ ବଉଳଗାଁ ଓ ସୁନ୍ଦରପୁର ଗାଁ କୁ ୭ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ସୁନ୍ଦରପୁରରେ ୨ ପଜିଟିଭ ଚିହ୍ନଟ ହୋଇଥିବାରୁ ସରପଞ୍ଚ ସସ୍ମିତା ମହାକୁଡ଼ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ଜଣେ ପଜିଟିଭ ଚିହ୍ନଟ ପରେ ରବିବାର ବଉଳଗାଁକୁ ସ୍ଥାନୀୟ ସରପଞ୍ଚ ସରୋଜିନୀ ମହାରଣା ମଧ୍ୟ ୭ ଦିନ ପାଇଁ ଶଟ୍‌ଡାଉନ ଓ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। କୌଣସି ବ୍ୟକ୍ତି ଏହାକୁ ଅମାନ୍ୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି।

## କର୍ମଚାରୀ ସୀମା ପାର ହେଲେ ନିଲମ୍ବିତ ହେବେ

**ପାରଳାଖେମୁଣ୍ଡି,୧୨।୭ (ସ୍ୱ.ପ୍ର.):** ଗଜପତି ଜିଲାରେ କରୋନା ସଂକ୍ରମଣକୁ ରୋକ୍ ଦେବା ଓ ସାଧାରଣଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ଆନ୍ଧ୍ରପ୍ରଦେଶ, ରାୟଗଡା, ଗଞ୍ଜାମ ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରି ନିଷିଦ୍ଧାଞ୍ଚଳ ଘୋଷଣା କରିଛି। ନିଷିଦ୍ଧାଞ୍ଚଳରେ ପ୍ରଶାସନର କଟକଣାକୁ ଅମାନ୍ୟ କରି କୌଣସି ବ୍ୟକ୍ତି ଅବାଧ ପ୍ରବେଶ କିମ୍ବା ସୀମା ପାର ହୋଇଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଯେ କୌଣସି ସରକାରୀ କର୍ମଚାରୀ ସୀମା ପାର ହେଲେ କାର୍ଯ୍ୟରୁ ନିଲମ୍ବନ ହେବେ। ତାଙ୍କ ବିରୋଧରେ କୋଭିଡ୍-୧୯ ନିୟମାନୁସାରେ ପ୍ରୋସିଡିଂ କରାଯିବ ବୋଲି ଘୋଷଣା ହୋଇଛି। ରବିବାର ଗଜପତି ଜିଲା ଶଟ୍‌ଡାଉନ୍ ରହିଛି। ଜିଲାରେ ଲୋକେ ସଚେତନ ଅଛନ୍ତି। କେହି ଘରୁ ବାହାରକୁ ବାହାରୁ ନ ଥିବା ଜଣାପଡିଛି। ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶରେ ସମଗ୍ର ଜିଲାରେ ପୋଲିସ ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି।

## ପଜିଟିଭ ଚିହ୍ନଟ ପରେ ଗାଁରେ ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ



ସ୍ୱାସ୍ଥ୍ୟଟିମ୍ ଘର ଘର ବୁଲି ଯାଞ୍ଚ କରୁଛନ୍ତି।

**ରାଇକିଆ,୧୨।୭(ଡି.ଏନ୍.ଏ.)**

ରାଇକିଆରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ପରେ ଏବଂ ଉଭୟ ଲୋକାଲ କେସ୍ ହୋଇଥିବାରୁ ରାଇକିଆ ସହର ସମେତ ଆଖ ପାଖ ୧୩ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏଥିସହ ୧୭ ଗ୍ରାମ ବଫର୍ ଜୋନ ଘୋଷଣା ହୋଇଛି। ରବିବାରଠାରୁ ଘର ଘର ବୁଲି ସ୍ୱାସ୍ଥ୍ୟଟିମ୍ ଯାଞ୍ଚ ଆରମ୍ଭ କରିଛନ୍ତି। ମେଡିକାଲ ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶା ଏହି ସର୍ଭେରେ ସାମିଲ ହୋଇଛନ୍ତି।

## ଶଟ୍‌ଡାଉନ୍‌ରେ ଚାଲୁଛି ହୋଟେଲ

**ଦାରିଙ୍ଗବାଡ଼ି,୧୨।୭(ଡି.ଏନ.ଏ)**

କରୋନା ସଂକ୍ରମଣ ରୋକିବାକୁ ପ୍ରତି ଶନିବାର ଏବଂ ରବିବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ଦାରିଙ୍ଗବାଡି ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ସହ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତଥାପି କେତେକ ଅମାନିଆ ମାନୁ ନାହାନ୍ତି। ପ୍ରଶାସନ ଆଖିରେ ଧୂଳିଦେଇ ଦାରିଙ୍ଗବାଡି ଅଞ୍ଚଳରେ ରବିବାର ହୋଟେଲ ଖୋଲିଥିଲା। ହୋଟେଲରେ ପାର୍ସଲ ଦେବା ବ୍ୟବସ୍ଥା ଥିବାବେଳେ ମାଲିକମାନେ ଗ୍ରାହକଙ୍କୁ ବସାଇ ଖାଇବାକୁ ଦେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏନେଇ ଦାରିଙ୍ଗବାଡ଼ି ତହସିଲଦାର ନୀତିଶ କୁମାର ତ୍ରିପାଠୀ କହିଛନ୍ତି, ସେ ପାଟ୍ରୋଲିଂରେ ବୁଲୁଥିଲେ ମଧ୍ୟ ସେଭଳି ତାଙ୍କ ନଜରକୁ ଆସିନାହିଁ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବାବାଙ୍କ କାରନାମା ନେଇ ଥାନାରେ ଅଭିଯୋଗ

**ପାରଳାଖେମୁଣ୍ଡି,୧୨।୭ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ବୋମିକା ପଞ୍ଚାୟତର ବଡ ଦେଉଳା ଗ୍ରାମର ସଉରା ରାଉଳ ନାମକ ଜଣେ ବାବା ରାମଗିରି ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ। ଏବେ ସମ୍ପୃକ୍ତା ମହିଳାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ଗତ ୧୦ରେ ମହିଳାଙ୍କ ଲିଖିତ ଏତଲା ତାଙ୍କ ସ୍ୱାମୀ ଗୁରାଣ୍ଡି ଥାନାରେ ଦେବାରେ ଘଟଣା ଲୋକଲୋଚନକୁ ଆସିଛି। ଏତଲାରେ ଉଲ୍ଲେଖ ଅଛି ଯେ, ମୋର ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବଡଦେଉଳା ଗ୍ରାମର ବାବା ସଉରା ରାଉଳଙ୍କ ନିକଟକୁ ଆମେ ଯାଇଥିଲୁ। ମୋର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେଠାରେ ସଂଜ୍ଞାହୀନ ହୋଇ ଶୋଇ ପଡିଥିଲି। ଏହି ସମୟରେ ବାବା ମୋର ଚିକିତ୍ସା କରିବା ବାହାନାରେ ମୋ ସହ ଖରାପ ବ୍ୟବହାର କରିଥିଲେ। ଔଷଧ ଦେବାକୁ କହି ନିୟମିତ ମତେ ପାଖକୁ ଡାକୁଥିଲେ। ଆଶ୍ରମରେ ରହିବା ପର୍ଯ୍ୟନ୍ତ ସ୍ୱାମୀ ଓ ସ୍ତ୍ରୀଙ୍କୁ ଅଲଗା ରହିବାକୁ ପଡିବ ବୋଲି ବାବା ପରାମର୍ଶ ଦେଇଥିଲେ। ବାବାଙ୍କ କଥା ମାନି ମୁଁ ଏବଂ ମୋ ସ୍ୱାମୀ ଅଲଗା ଅଲଗା କୋଠରିରେ ରହୁଥିଲୁ। ମୋର ଅନିଚ୍ଛା ସତ୍ତ୍ୱେ ବାବା ମୋ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଲକଡାଉନ ହେଲା ପରେ ବାବା ଆମକୁ ଘରକୁ ଚାଲିଯିବା ପାଇଁ କହିଥିଲେ। ଆମେ ଗତ ମାର୍ଚ୍ଚ ୨୫ରେ ଘରକୁ ଯାଇଥିଲୁ। ଘରେ ପ୍ରସବ ବେଦନା ହେବାରୁ ରାମଗିରି ମେଡିକାଲରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏତଲାକୁ ଭିତ୍ତି କରି ଗୁରାଣ୍ଡି ଥାନା ଅଧିକାରୀ ମମତା କୁମାରୀ ପଣ୍ଡା ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ୪୩/୨୦ରେ ଏକ ମାମଲା ରୁଜୁ ହୋଇଛି।

## ବିଭିନ୍ନ ସଙ୍ଗଠନ ସହଯୋଗ ଲୋଡ଼ିଲା ପ୍ରଶାସନ

**ଆସିକା,୧୨।୭(ଡି.ଏନ୍.ଏ.)**

ଆସିକା ବ୍ଲକ ଓ ଏନ୍‌ଏସି ଇଲାକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି

**ବଢୁଛି ସଂକ୍ରମଣ**

ପାଇବାରେ ଲାଗିଛି। ଶନିବାର ୨ କୋଭିଡ୍ ଯୋଦ୍ଧା ଆସିକା ଥାନା କୋଟିନଡା ଫାଣ୍ଡି କନଷ୍ଟେବଳ ଗୋଲକ ନାୟକ ଓ ବ୍ଲକ ଅଞ୍ଚଳର ଶିକ୍ଷକ ଗୌରହରି ବେହେରାଙ୍କ ବିୟୋଗ ଘଟିଛି। ଏହି ପରିପ୍ରେକ୍ଷୀରେ ରବିବାର ପ୍ରଶାସନ ପକ୍ଷରୁ ଆସିକା ଏନ୍‌ଏସିର ପୂର୍ବତନ କାଉନସିଲର, ବିଭିନ୍ନ ସଂଗଠନର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଥିଲା। କରୋନା ନିୟନ୍ତ୍ରଣ ଲାଗି ନିଯୁକ୍ତ ପ୍ରଶାସନିକ ଅଧିକାରୀ ବିଶାଲ ସିଂ, ନଗର ଉନ୍ନୟନ ବିଭାଗର ଉପସଚିବ ପଦ୍ମନାଭ ବେହେରା, ତହସିଲଦାର ସଦାନନ୍ଦ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଏଥିରେ ସାମିଲ ଥିଲେ। ସାଧାରଣରେ ଅଧିକ ସଚେତନତା ସୃଷ୍ଟି କରି ଏହି ମହାମାରୀକୁ ନିୟନ୍ତ୍ରଣ ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ନିବେଦନ କରିଥିଲେ। ବୈଠକରେ ପ୍ରତିନିଧିମାନଙ୍କ ପକ୍ଷରୁ ଆସିକା ଏନଏସିକୁ ଅକ୍ସିଜେନ ଯୁକ୍ତ ଦୁଇଟି ଆମ୍ବୁଲାନ୍ସ ବ୍ୟବସ୍ଥା, ଜନଗହଳି ପୂର୍ଣ୍ଣ ବାଣୀବିହାର କଲ୍ୟାଣ ମଣ୍ଡପ ଠାରେ ଥିବା ସ୍ୱାବ ଟେଷ୍ଟ କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିବେଦନ କରାଯାଇଥିଲା।



ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଆଲୋଚନା ଚାଲିଛି।



ବଲିଉଡ୍ ଅଭିନେତ୍ରୀ ରେଖାଙ୍କ ବଙ୍ଗଳାରେ କରୋନା ସଂକ୍ରମଣ ହୋଇଛି। ତାଙ୍କ ସୁରକ୍ଷାକର୍ମୀଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଛି। ଏହାପରେ ସୁରକ୍ଷା ଦୃଷ୍ଟିରୁ ରେଖାଙ୍କ ବଙ୍ଗଳାକୁ ସିଲ୍ କରି ଦିଆଯାଇଛି। ବାନ୍ଦ୍ରାଠାରେ ଥିବା ଏହି ବଙ୍ଗଳା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ମୁମ୍ବାଇ ମହାନଗର ପାଳିକା ପକ୍ଷରୁ ଏହି ଅଞ୍ଚଳକୁ ସାନିଟାଇଜ ମଧ୍ୟ କରାଯାଇଛି। ରେଖାଙ୍କ ବଙ୍ଗଳାରେ ଜଣେ ସୁରକ୍ଷାକର୍ମୀଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଅନ୍ୟ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

# ଧର୍ମ ପ୍ରଚାର କଲେ ଜେଲଦଣ୍ଡ

**ଈଶ୍ୱରଙ୍କ ସତ୍ତାରେ ପରିପୁଷ୍ଟ ହୁଏ ଜୀବନ। ହଜାର ହଜାର ବର୍ଷ ଧରି ଏହି ଧର୍ମୀୟ ଭାବନା ମଣିଷ ମନରେ ଭକ୍ତି, ଭୟ, ସଂଯମ ଭାବନା ଭରି ଆସିଛି। ହେଲେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଗ୍ରହଣ କରେନି ୟୁରୋପୀୟ ଦେଶ 'ଆଲବାନିଆ'। ମୁସ୍‌ଲିମ୍ ବହୁଳ ଏହି ରାଷ୍ଟ୍ର ନିଜକୁ ପୃଥିବୀର ପ୍ରଥମ 'ନାସ୍ତିକ ଦେଶ' ବୋଲି ଦାବି କରେ। ଏଠାରେ ସମସ୍ତ ଧର୍ମୀୟ କାର୍ଯ୍ୟକଳାପ ଉପରେ ଲଗାଯାଇଛି ପ୍ରତିବନ୍ଧକ। ଧର୍ମର ପ୍ରଚାରପ୍ରସାର କରୁଥିବା ଜଣାପଡ଼ିଲେ ଜେଲ୍‌ର ଚାରିକାନ୍ଥ ପାଲଟିଯାଏ ଶେଷ ଠିକଣା।**

**ନୂଆଦିଲ୍ଲୀ:** 'ଧର୍ମ ହେଉଛି ଏକ ଅଫିମ, ଯାହା ଦେଶକୁ ବରବାଦ୍ କରିଦିଏ।' ୧୯୭୬ରେ ଆଲବାନିଆର ଏକଚ୍ଛତ୍ରବାଦୀ ଶାସକ 'ଏନ୍‌ଭର ହୋକ୍ସହା' ଏହି ନାରା ସହ ଦେଶରେ ଧର୍ମୀୟ କାର୍ଯ୍ୟକଳାପ ଉପରେ ଲଗାଇଥିଲେ ପ୍ରତିବନ୍ଧକ। ଶାସକ ଦଳ 'ପାର୍ଟି ଅଫ୍ ଲେବର' ପକ୍ଷରୁ ସରକାରୀ ଭାବେ ଆଲବାନିଆକୁ 'ନାସ୍ତିକ ଦେଶ' ଭାବେ ଘୋଷଣା କରିଦିଆଗଲା। ଏହାପରେ ଦେଶରେ କୌଣସି ପରିସ୍ଥିତିରେ କୌଣସି ପ୍ରକାର ଧର୍ମୀୟ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯାଏନାହିଁ। ଧର୍ମୀୟ ସମାରୋହ ଆୟୋଜନ, ଧର୍ମୀୟ ପୁସ୍ତକ ବିକ୍ରି କିମ୍ବା ପଢୁଥିବାବେଳେ ଧରାପଡ଼ିଲେ କଠୋର ଦଣ୍ଡ ଭୋଗିବା ଥୟ। ହୋକ୍ସହାଙ୍କ ମତରେ ଦେଶର ଶାସକ ହିଁ ପ୍ରଭୁ। ତାଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖିବା ଜନସାଧାରଣଙ୍କ ଲାଗି ଏକାନ୍ତ ଅପରିହାର୍ଯ୍ୟ। ଜନତାଙ୍କ ଉପରେ ନିରଙ୍କୁଶ ପ୍ରଭୁତ୍ୱ ଜାହିର କରିବା ଲାଗି ସେ ଦେଶର ଧର୍ମୀୟ ସ୍ୱତନ୍ତ୍ରତା ଉପରେ ଲଗାଇଥିଲେ ଅଙ୍କୁଶ।

ଆଲ୍‌ବାନିଆରେ ରହୁଥିବା ପାଦ୍ରୀଙ୍କ ବିରୋଧରେ ଲଢ଼େଇରୁ ଦେଶରେ ନାସ୍ତିକବାଦର ବୀଜ ଅଙ୍କୁରୋଦ୍‌ଗମ ହୋଇଥିଲା। ୧୯୪୫ରେ ଦେଶରେ କମ୍ୟୁନିଷ୍ଟ ସରକାର ଆସିବା ପରେ ପାଦ୍ରୀଙ୍କ ଉପରେ ମିଲିଟାରୀ ଟ୍ରାଏଲ ଆରମ୍ଭ କରାଯାଇଥିଲା। ୧୯୪୬ରେ ଅନେକ ପାଦ୍ରୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା। ଏହାର କିଛିଦିନ ପରେ ହୋକ୍ସହା ଧର୍ମ ଉପରେ ଆରମ୍ଭ କରିଦେଇଥିଲେ ଯୁଦ୍ଧ। ୧୯୬୭ ବେଳକୁ ଅଭିସନ୍ଧିମୂଳକ ଭାବେ ଧର୍ମିକ ବିଚାରଧାରା ଉପରେ କ୍ୟାମ୍ପେନ ଆରମ୍ଭ ହେଲା। ଏହି ଅବସରରେ ଶାସକ ଦଳର ସେଣ୍ଟ୍ରାଲ କମିଟି ପକ୍ଷରୁ ଏକ ଭାଷଣ ଜାରି କରାଯାଇଥିଲା, ଯେଉଁଥିରେ ଧର୍ମୀୟ ବିଚାର ଉପରେ ମତ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଗଲା। ହୋକ୍ସହାଙ୍କ ଭାଷଣର କିଛି ବର୍ଷ ପରେ ୧୯୭୬ରେ ଆଲ୍‌ବାନିଆରେ ଧର୍ମୀୟ ସ୍ୱାଧୀନତା ଉପରେ କଠୋର ପ୍ରତିବନ୍ଧକ ଲଗାଇ ଦିଆଗଲା। ଦେଶର ସମ୍ବିଧାନର ୩୭ତମ ଧାରାରେ ସ୍ପଷ୍ଟ ଭାବେ ଆଲ୍‌ବାନିଆ ଏକ ନାସ୍ତିକ ଦେଶ ବୋଲି ଉଲ୍ଲେଖ ରହିଛି। ଏଠାରେ ଆହୁରି ମଧ୍ୟ କୁହାଯାଇଛି ଦେଶରେ କୌଣସି ଧର୍ମୀୟ ବିଚାରଧାରାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିସହ ୫୫ ଧାରାରେ କୁହାଯାଇଛି ଧର୍ମୀୟ ବିଚାର ଆଧାରରେ କୌଣସି ସଂସ୍ଥା ସ୍ଥାପନ କରାଯାଇପାରିବ ନାହିଁ। ତେବେ ୨୦୧୧ ଜନଗଣନାରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଥିଲା। ଏଥିରେ ଆଲ୍‌ବାନିଆର ୫୬.୭% ଜନସାଧାରଣ ନିଜକୁ ମୁସ୍‌ଲିମ୍ ବୋଲି ଦାବି କରିଥିଲେ। ସେହିପରି ୧୦.୩% ଖ୍ରୀଷ୍ଟିଆନ ଏବଂ ଅନ୍ୟମାନେ ଭିନ୍ନ ଭିନ୍ନକୁ ସମର୍ଥନ କରୁଥିବା କହିଥିଲେ। ମାତ୍ର ୨.୩% ଲୋକ ନିଜକୁ ନାସ୍ତିକ ବୋଲି ଗ୍ରହଣ କରିଥିବା ସର୍ଭେରୁ ସ୍ପଷ୍ଟ ହୋଇଥିଲା।

## ପ୍ରଥମ ନାସ୍ତିକ ଦେଶ ଆଲବାନିଆ



"ଧର୍ମ ହେଉଛି ଏକ ଅଫିମ, ଯାହା ଦେଶକୁ ବରବାଦ୍ କରିଦିଏ।"
-ଏନ୍‌ଭର ହୋକ୍ସହା

## ୨୧୬୯ରୁ ଊର୍ଦ୍ଧ୍ୱ ଧର୍ମୀୟ ଅନୁଷ୍ଠାନ ବନ୍ଦ

'ଆଲବାନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକାଲ ଷ୍ଟଡିଜ୍'ର ଏକ ତଥ୍ୟ ଅନୁଯାୟୀ ଅଦ୍ୟାବଧି ଦେଶରେ ୨୧୬୯ରୁ ଊର୍ଦ୍ଧ୍ୱ ଧର୍ମୀୟ ଅନୁଷ୍ଠାନ ବନ୍ଦ କରିଦିଆଯାଇଛି। ତନ୍ମଧ୍ୟରେ ୭୪୦ ମସ୍‌ଜିଦ୍, ୬୦୮ ଅର୍ଥଡକ୍ସ ଚର୍ଚ୍ଚ, ୧୫୭ କ୍ୟାଥୋଲିକ୍ ଚର୍ଚ୍ଚ ସମେତ ଅନେକ ସୁଫି ଅନୁଷ୍ଠାନ ରହିଛି। ଧର୍ମ ସହିତ ଜଡ଼ିତ ସଂଗ୍ରହାଳୟଗୁଡ଼ିକୁ ମାଟିରେ ମିଶାଇ ଦିଆଯାଇଛି। ନିଜ ଧର୍ମକୁ ଛାଡ଼ିବାକୁ ଅରାଜି ଥିବା ଲୋକଙ୍କୁ ଅମାନୁଷିକ ଭାବେ ଟ୍ରକ୍‌ରେ ଭର୍ତ୍ତି କରି କ୍ୟାମ୍ପକୁ ଅଣାଯାଇଥାଏ। ସେଠାରେ ସେମାନଙ୍କୁ ବିନା ମଜୁରିରେ ଖଟିବାକୁ ପଡ଼େ। କେବଳ ଏତିକି ନୁହେଁ, ଗଣମାଧ୍ୟମରେ ଏମିତି ଖବର ପ୍ରସାରଣ କରାଯାଏ ଯେଉଁଥିରେ ଲୋକମାନଙ୍କ ମନରୁ ଯେମିତି ଧର୍ମୀୟ ବିଶ୍ୱାସ ଆପଣାଛାଏଁ ହଟିଯିବ। ଏହାକୁ ବାଦ୍ ଦେଲେ ଲୋକଙ୍କ ମାନସିକତା ବଦଳାଇବାକୁ 'ଫ୍ରିଡମ୍ ଅଫ୍ ଡେଥ୍', 'ଡାଇ ଅନ୍ ୱାନ୍‌ସ ଫିଟ୍' ଭଳି ନାସ୍ତିକବାଦ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି।

## ମା'ଙ୍କ ନାଁରେ ମିଛ ଖବରର ଜବାବ ରଖିଲେ ଈଶା



ଈଶା ଦେଓଲ

**ମୁମ୍ବାଇ:** ୨୦୨୦ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ ଅଶୁଭ ସାବ୍ୟସ୍ତ ହୋଇଛି। ଲଗାତର ଭାବରେ ବାଲିଉଡ୍‌ରୁ ମିଳୁଥିବା ଖବର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଇରଫାନ ଖାନ୍, ଋଷି କପୁର ଓ ସୁଶାନ୍ତ ସିଂହ ରାଜପୁତଙ୍କର ମୃତ୍ୟୁ ପରେ ଏବେ ମେଗାଷ୍ଟାର ଅମିତାଭ ବଚ୍ଚନ, ପୁଅ ଅଭିଷେକ ବଚ୍ଚନ, ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଏବଂ ତାଙ୍କ ଝିଅ ଆରାଧ୍ୟା, ଅନୁପମ୍ ଖେର୍‌ଙ୍କ ପରିବାର ସଦସ୍ୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ବଲିଉଡ୍ ଜଗତରେ ଭୟର ବାତାବରଣ ଦେଖାଦେଇଛି। ଏହାରି ମଧ୍ୟରେ ଅନ୍ୟ ଏକ ଖବର ଶୁଣିବାକୁ ମିଳୁଛି ଯେ, ଡ୍ରିମ ଗର୍ଲ ହେମାମାଳିନୀ ଅସୁସ୍ଥ ଅଛନ୍ତି। ତେବେ ଏହି ଖବରକୁ ତାଙ୍କ ଝିଅ ଈଶା ଦେଓଲ ମିଛ ଓ ମନଗଢ଼ା ବୋଲି କହିଛନ୍ତି। ସେ ଏକ ଟୁଇଟ କରି ଲେଖିଛନ୍ତି ଯେ, ମୋ ମା' ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ମିଛ ଖବର ଉପରେ ଧ୍ୟାନ ଦିଅନ୍ତୁ ନାହିଁ। ଆପଣ ସମସ୍ତଙ୍କ ପ୍ରେମ ଓ ଚିନ୍ତା ପାଇଁ ଧନ୍ୟବାଦ। ଅମିତାଭ ବଚ୍ଚନଙ୍କୁ କରୋନା ହୋଇଛି ବୋଲି ଶୁଣିବା ପରେ ଈଶା ସୋମବାର ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଏନ୍-୯୫ ମାସ୍କକୁ ବିଶୁଦ୍ଧ କରିବ 'ଚକ୍ର ଡିକୋଭ୍'

**ଆଇଆଇଟି ଦିଲ୍ଲୀ ଦ୍ୱାରା ବିକଶିତ**

**ନୂଆଦିଲ୍ଲୀ:** ଜୈବ ବର୍ଜ୍ୟବସ୍ତୁକୁ ହ୍ରାସ କରିବା ଏବଂ ଏନ୍-୯୫ ମାସ୍କକୁ ସୁରକ୍ଷିତଭାବେ ପୁନଃ ବ୍ୟବହାରଯୋଗ୍ୟ କରିବା ପାଇଁ ଆଇଆଇଟି ଦିଲ୍ଲୀ ପକ୍ଷରୁ ଓଜୋନ୍ ଆଧାରିତ ଏକ ବିଶୁଦ୍ଧୀକରଣ ଉପକରଣ ବିକଶିତ କରାଯାଇଛି। ଏହାର ନାମ 'ଚକ୍ର ଡିକୋଭ୍' ରଖାଯାଇଛି। ଏହି ଯନ୍ତ୍ର ଗୋଟିଏ ମାସ୍କକୁ ୧୦ଥର ପର୍ଯ୍ୟନ୍ତ ପୁନଃ ବ୍ୟବହାର କରିବାରେ ସାହାଯ୍ୟ କରିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ଆଇଆଇଟି ଷ୍ଟାର୍ଟଅପ୍ 'ଚକ୍ର ଇନୋଭେଶନ୍' ଦ୍ୱାରା ଏହି ଯାନ୍ତ୍ରିକ କୌଶଳ ବିକଶିତ କରାଯାଇଛି। ଏହା ଭାରତୀୟ ମେଡିକାଲ କାଉନ୍‌ସିଲ ଅଫ୍ ରିସର୍ଚ୍ଚ-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଆଇସିଏମ୍ଆର-ଏନ୍ଆଇଭି) ଦ୍ୱାରା ଅନୁମୋଦିତ ହୋଇଛି। ଆଇଆଇଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାସ୍କରେ ଥିବା ୯୯.୯୯ ପ୍ରତିଶତ ଜୀବାଣୁ ଏବଂ ଭୂତାଣୁ ନଷ୍ଟ କରିବାର କ୍ଷମତା ଏହି ଯନ୍ତ୍ରରେ ରହିଛି। ଚକ୍ର ଡିକୋଭ୍‌ର ନିର୍ମାତାଙ୍କ କହିବା ହେଲା ଏହି ଯନ୍ତ୍ର ୯୦ ମିନିଟ୍‌ରେ ଏକ ଏନ୍-୯୫ ମାସ୍କକୁ ଜୀବାଣୁ ଓ ଭୂତାଣୁ ମୁକ୍ତ କରିପାରେ। ଓଜୋନ୍ ଏକ ଶକ୍ତିଶାଳୀ ଅକ୍ସିଡାଇଜିଂ ଏଜେଣ୍ଟ। ଏହା ପ୍ରୋଟିନ୍ କୋଟ୍ ମାଧ୍ୟମରେ ପ୍ରସାରିତ ହୋଇ ଭୂତାଣୁ ନଷ୍ଟ କରିଥାଏ। ଭାଇରାଲ୍ ଆର୍ଏନ୍ଏ ନଷ୍ଟ ହେବାଦ୍ୱାରା ଭୂତାଣୁ ନଷ୍ଟ ହୋଇଥାଏ। ଓଜୋନ୍‌ର ଠିକ୍ ମାତ୍ରା ଏବଂ ଏକ୍ସପୋଜର ଦ୍ୱାରା ଏସ୍ଏଆର୍‌ସି-ସିଓଭି-୨ ନିଷ୍କ୍ରିୟ ହୋଇପାରିବ ଏବଂ ଜୀବାଣୁକୁ ମଧ୍ୟ ୯୯.୯୯ ପ୍ରତିଶତ ହ୍ରାସ କରିପାରିବ। ଏହାଦ୍ୱାରା ଏନ୍-୯୫ ମାସ୍କକୁ ପୁନଃ ୧୦ଥର ବ୍ୟବହାର କରାଯାଇପାରିବ ବୋଲି ବୈଷୟିକ ବିଭାଗ ଉପସଭାପତି ତୁଷାର ବାଥମ୍ ସୂଚନା ଦେଇଛନ୍ତି। ବାଥମ୍‌ଙ୍କ ଅଧୀନରେ ଏହି ଯନ୍ତ୍ର ବିକଶିତ ହୋଇଛି। ସେହିପରି ଚକ୍ର ଇନୋଭେଶନର ସିଇଓ କୁଶାଗ୍ର ଶ୍ରୀବାସ୍ତବ କହିଛନ୍ତି, ଏହି ଅଭିନବ ଯନ୍ତ୍ର ଡାକ୍ତରଖାନା ପରିବେଶରେ ବିଶୁଦ୍ଧୀକରଣ କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ଏବଂ ପ୍ରଭାବଶାଳୀ। ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଭି. ରାମଗୋପାଳ ରାଓ କହିଛନ୍ତି, କରୋନା ମୁକାବିଲା ଦିଗରେ ଆମ ଅନୁଷ୍ଠାନ ପ୍ରତିବଦ୍ଧ। ଡାକ୍ତରମାନଙ୍କୁ ମଧ୍ୟ ଉତ୍ତମ ପିପିଇ କିଟ୍ ଯୋଗାଇଦେବା ଜରୁରୀ। ଏହାସହ ଏଗୁଡ଼ିକୁ ଯେପରି ନିରାପଦଭାବେ ପୁନଃ ବ୍ୟବହାର କରାଯାଇପାରିବ, ତାହା ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।





# ଚାକିରି ନ ମିଳିବାରୁ ଖୋଲିଲେ ନକଲି ବ୍ୟାଙ୍କ

**ଚେନ୍ନାଇ:** ତାମିଲନାଡୁର କୁଡାଲୋର ଜିଲାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନକଲି ଶାଖାକୁ ପୋଲିସ ସିଲ୍ କରିଛି। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ୍ ହେଉଛନ୍ତି ପୂର୍ବତନ ଏସ୍‌ବିଆଇର ଜଣେ କର୍ମଚାରୀଙ୍କ ପୁଅ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

କମଲ ବାବୁ ନାମକ ଜଣେ ୧୯ ବର୍ଷର ଯୁବକ କୁଡାଲୋର ଜିଲାର ପାନ୍‌ରୁଟିରେ ଏସ୍‌ବିଆଇର ଏକ ନକଲି ଶାଖା ଖୋଲିଥିବା ଅଭିଯୋଗ ହୋଇଥିଲା। ପୋଲିସ କହିଛି ଯେ, କମଲଙ୍କ ମା'-ବାପା ଏସ୍‌ବିଆଇର କର୍ମଚାରୀ। ୧୦ ବର୍ଷ ପୂର୍ବେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ମା' ୨ ବର୍ଷ ତଳୁ ଏସ୍‌ବିଆଇରୁ ଅବସର ନେଇଥିଲେ। କମଲ କୌଣସି କାମ କରୁ ନ ଥିଲେ। ସେ ତାଙ୍କ ବାପାଙ୍କ ସ୍ଥାନରେ ଚାକିରି ପାଇଁ ବ୍ୟାଙ୍କରେ ଏକ ଫର୍ମ ପକାଇଥିଲେ। କିନ୍ତୁ ସେ ଚାକିରି ପାଇଲେ ନାହିଁ। ଏଭଳି ପରିସ୍ଥିତିରେ ସେ ନିଜେ ଏକ ବ୍ୟାଙ୍କ ଖୋଲିବାକୁ ନିଷ୍ପତ୍ତି ନେଲେ। ସେ ପିଲାଦିନରୁ ମା' ବାପାଙ୍କ ସହିତ ବ୍ୟାଙ୍କକୁ ଯାଉଥିଲେ। ତେଣୁ ବ୍ୟାଙ୍କ ବିଷୟରେ ତାଙ୍କର ଅନେକ ଜ୍ଞାନ ଥିଲା। ଜଣେ ଗ୍ରାହକ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେବାରୁ ଘଟଣାର ପର୍ଦ୍ଦାଫାସ ହୋଇଥିଲା।

ଏସ୍‌ବିଆଇ ଅଧିକାରୀମାନେ ନୂତନ ଶାଖା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅଫିସ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ସେଠାରେ ଥିବା ସମସ୍ତ ଜିନିଷ ମୂଳ ବ୍ୟାଙ୍କ ସହିତ ସମାନ ଥିଲା। ଏସବୁ ଦେଖି ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ଏଥିରେ ସଂପୃକ୍ତ କମଲ ବାବୁ, ତାଙ୍କ ସହଯୋଗୀ ୫୩ ବର୍ଷୀୟ ମଣିକାମ ଏବଂ ୪୨ ବର୍ଷୀୟ କୁମାରଙ୍କୁ ଗିରଫ କରିଥିଲା। ନକଲି ଶାଖା ପାଇଁ କମଲ କମ୍ପ୍ୟୁଟର, ଲକର ଏବଂ ଅନ୍ୟାନ୍ୟ ସେଟ୍‌ଅପ କିଣିଥିଲେ। ଆହୁରି ମଧ୍ୟ ପାନ୍‌ରୁଟି ବଜାର ଶାଖା ନାମକ ଏକ ୱେବ୍‌ସାଇଟ୍ ମଧ୍ୟ ତିଆରି କରାଯାଇଥିଲା। ପୋଲିସର ତଦନ୍ତରେ ଏପର୍ଯ୍ୟନ୍ତ ଜଣାପଡ଼ିଛି ଯେ, ଏହି ନକଲି ଶାଖାରୁ ଟଙ୍କା କାରବାର ହୋଇନାହିଁ। ଏହି ପରିସ୍ଥିତିରେ କେହି ଟଙ୍କା ହରାଇ ନାହାନ୍ତି।





# ଅଲଗା ହେବେ ସୁସ୍ମିତାଙ୍କ ଭାଇ-ଭାଉଜ



**ମୁମ୍ବାଇ:** ଭାଙ୍ଗିବ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କ ଭାଇ ରାଜୀବ ସେନ୍ ଏବଂ ଭାଉଜ ଚାରୁ ଅସୋପାଙ୍କ ବିବାହ। ଏଭଳି କିଛି ଚର୍ଚ୍ଚା ଏବେ ହେବାରେ ଲାଗିଛି। ଏହା ପଛରେ କାରଣ ମଧ୍ୟ ରହିଛି। ଆଜିକାଲି ନିଜ ଇନ୍‌ଷ୍ଟାଗ୍ରାମରେ ଚାରୁ ଭାବବିହ୍ୱଳ କଥା ଲେଖୁଛନ୍ତି। ସମ୍ପର୍କ ତୁଟିବା ନେଇ ସେ ଇଶାରା ମଧ୍ୟ କରୁଛନ୍ତି। ଏପରିକି ଦୁହେଁ ଏବେ ଅଲଗା ରହୁଥିବା ଜଣାପଡ଼ିଛି। ଚାରୁ ମୁମ୍ବାଇରେ ରହୁଥିବା ବେଳେ ରାଜୀବ ଦିଲ୍ଲୀରେ ରହୁଛନ୍ତି। ବିବାହ ପରେ ଚାରୁ-ରାଜୀବ ଏକାଧିକ ରୋମାଣ୍ଟିକ ଫଟୋ ପୋଷ୍ଟ କରିଥିଲେ। ଏବେ ସେ ସବୁ ଆଉ ନାହିଁ। ଉଭୟ ନିଜ ପ୍ରୋଫାଇଲ୍‌ରୁ ଫଟୋ ଡିଲିଟ୍ କରିଦେଇଛନ୍ତି। ଦୁହେଁ ୨୦୧୯ ଜୁନ୍ ୭ରେ ବିବାହ କରିଥିଲେ। ଏହାକୁ ନେଇ ଚାରୁ ଚର୍ଚ୍ଚାରେ ରହିଆସୁଥିଲେ। ଉଭୟ ରାଜସ୍ଥାନୀ ଏବଂ ବଙ୍ଗାଳୀ ରୀତିନୀତିରେ ଦୁହେଁ ବିବାହ କରିଥିଲେ। ଏବେ ସୋସିଆଲ ମିଡିଆରେ ଉଭୟ ଉଭୟଙ୍କୁ ଅନ୍‌ଫଲୋ କରିବା ଆରମ୍ଭ କରି ଦେଇଛନ୍ତି। ତେଣୁ ଉଭୟଙ୍କ ସମ୍ପର୍କରେ ଫାଟ ଆସିଥିବା ଚର୍ଚ୍ଚା ହେବାରେ ଲାଗିଛି।

# ଅପରାଧ ଛାଡ଼ିବାକୁ ବିକାଶଙ୍କୁ କହିଥିଲେ ଅମର ଦୁବେ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର କାନପୁର ଏନ୍‌କାଉଣ୍ଟରର ମୁଖ୍ୟ ଅଭିଯୁକ୍ତ ବିକାଶ ଦୁବେଙ୍କ ଡାହାଣ ହାତ ଥିଲେ ସାର୍ପ ସୁଟର ଅମର ଦୁବେ। ବର୍ତ୍ତମାନ ଦୁହିଁଙ୍କ ମୃତ୍ୟୁ ପରେ ନୂଆ ନୂଆ କଥା ଶୁଣିବାକୁ ମିଳୁଛି। ଯେଉଁଦିନ ଅମରଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା, ଏହାର ଠିକ୍ ୯ ଦିନ ପୂର୍ବରୁ ତାଙ୍କ ବିବାହ ହୋଇଥିଲା। ଏହି କଥା ଏବେ ସାମ୍ନାକୁ ଆସିଛି। ଅମର ବିବାହ ପରେ ଅପରାଧ ଦୁନିଆ ଅର୍ଥାତ୍ ଗୁଣ୍ଡାଗର୍ଦ୍ଦି ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଚାହୁଁଥିଲେ। କିନ୍ତୁ ବିକାଶଙ୍କ କବ୍‌ଜାରେ ରହି କିଛି କରିପାରୁ ନ ଥିଲେ।

ୟୁପି ଏସ୍‌ଟିଏଫ୍ ହମିରପୁରର ମୌଦହାଠାରେ ଜୁଲାଇ ୮ରେ ଅମରଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ଫରିଦାବାଦରେ ବିକାଶ ଏବଂ ଅମରଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଫରିଦାବାଦରେ ବିକାଶଙ୍କ ବନ୍ଧୁ ଶ୍ରବଣ ଏବଂ ଅଙ୍କୁର ମିଶ୍ରଙ୍କ ଘରେ ଦୁଇଜଣଙ୍କ ମଧ୍ୟରେ ଏହି ପାଟିତୁଣ୍ଡ ହୋଇଥିଲା। ଏହା ପରେ ଅମର ସେଠାରୁ ଚାଲିଯାଇଥିଲେ। ଶ୍ରବଣଙ୍କ ସ୍ତ୍ରୀ ଶାନ୍ତି କହିଛନ୍ତି, ଏନ୍‌କାଉଣ୍ଟର ପୂର୍ବରୁ ଅମର ମଧ୍ୟ ବିକାଶ ସହିତ ଫରିଦାବାଦରେ ଲୁଚିଥିଲେ। ଇନ୍ଦ୍ରା କଲୋନୀରେ ବିକାଶ ସହ ଝଗଡ଼ା ହେବା ପରେ ଅମର ନିଜ ଘରକୁ ଚାଲିଯାଇଥିଲେ। ଅମର ଏବଂ ବିକାଶ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିଲେ। ଅମର ବିକାଶଙ୍କୁ କହିଥିଲେ, ବିବାହ ପରେ ସେ ଅପରାଧ ଦୁନିଆ ଛାଡ଼ି ସାଧାରଣ ଜୀବନ ବିତାଇବାକୁ ଚାହୁଁଛନ୍ତି। କିନ୍ତୁ ବିକାଶ ଅମରଙ୍କୁ ଛାଡ଼ିବାକୁ ନାରାଜ ଥିଲେ। ଏହା ପରେ ହମିରପୁରରେ ଅମରଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା।

ସୂଚନାଯୋଗ୍ୟ, ବିକାଶ ଦୁବେଙ୍କ ମାମୁ ଅତୁଲ ଦୁବେଙ୍କ କାକାପୁଅ ଭାଇ ଥିଲେ ଅମର। ଗ୍ରାମବାସୀ କୁହନ୍ତି, ବିକାଶ ଅମରଙ୍କୁ ଆଖିବୁଜି ଭରସା କରୁଥିଲେ। ଅମର ବିକାଶଙ୍କ ଡାହାଣ ହାତ ଥିଲେ। ଅମର ଗୁଳିଚାଳନା କରିବାରେ ମାହିର ଥିଲେ। ବିକାଶଙ୍କ ଗୋଟିଏ ଇସାରାରେ ସେ ଗୁଳି ଚଳାଇ ଲୋକଙ୍କ ଜୀବନ ନେଇ ଯାଉଥିଲେ।



# ଫସଲ ଅମଳ କରୁଛନ୍ତି ସଲ୍‌ମାନ

**ମୁମ୍ବାଇ:** ଆଜିକାଲି ପରିବାର ସଦସ୍ୟ ଏବଂ କଥିତ ପ୍ରେମିକା ଲୁଲିଆ ବନ୍ତୁରଙ୍କ ସହ ନିଜ ଫାର୍ମହାଉସରେ ସମୟ ଅତିବାହିତ କରୁଛନ୍ତି ଭାଇଜାନ୍। ଏଠାରେ ତିନୋଟି ଗୀତ ମଧ୍ୟ ରିଲିଜ୍ କରିସାରିଲେଣି ସେ। ଏହା ସହିତ ଫାର୍ମହାଉସରେ ଯାହା କିଛି କରୁଛନ୍ତି ତାହାର ଭିଡିଓ ପ୍ରସ୍ତୁତ କରି ପ୍ରଶଂସକମାନଙ୍କ ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଶେୟାର ମଧ୍ୟ କରୁଛନ୍ତି। ଏବେ ସଲ୍‌ମାନ ଫାର୍ମହାଉସରେ ଫସଲ ଅମଳ କରୁଥିବା ନଜର ଆସିଛନ୍ତି। ଏହି ଫଟୋ ସଲମାନଙ୍କ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋରେ ସେ କ୍ଷେତ ମଝିରେ ଠିଆ ହୋଇଛନ୍ତି। ଫଟୋଟି ଖୁବ୍ ଭାଇରାଲ ହେବାରେ ଲାଗିଛି।

ଫଟୋ ଶେୟାର କରି ସଲ୍‌ମାନ କ୍ୟାପ୍‌ଶନ ଲେଖିଛନ୍ତି, 'ଦାନେ ଦାନେ ପେ ଲିଖା ହେ, ଖାନେ ୱାଲେ କା ନାମ୍'। ଜୟ ଯବାନ, ଜୟ କିଷାନ'। ସଲମାନଙ୍କ ଏହି ଫଟୋ ସୋସିଆଲ ମିଡିଆରେ ଛାଇଯାଇଛି। ସେ ଏକ ଗ୍ରେ କଲର ଟି-ଶର୍ଟ ପିନ୍ଧି ଥିବା ବେଳେ ହାଫ୍ ପ୍ୟାଣ୍ଟ ପିନ୍ଧି ଫଟୋରେ ନଜର ଆସିଛନ୍ତି। ମୁଣ୍ଡରେ ମଧ୍ୟ ଟୋପି ପିନ୍ଧିଛନ୍ତି। ଏ ତ ଗଲା ତାଙ୍କ ବ୍ୟକ୍ତିଗତ ଜୀବନ କଥା। ତାଙ୍କ ୱାର୍କଫ୍ରଣ୍ଟ ବିଷୟରେ ଯଦି କହିବା ତେବେ ଫିଲ୍ମ 'ରାଧେ ୟୋର ମୋଷ୍ଟ ୱାଣ୍ଟେଡ୍ ହିରୋ'ରେ ସେ ନଜର ଆସିବେ। ଏହି ଫିଲ୍ମରେ ତାଙ୍କ ସହିତ ଅଭିନେତ୍ରୀ ଦିଶା ପଟାନୀ ଏବଂ ରଣଦୀପ ହୁଡ୍ଡା ଅଭିନୟ କରିଛନ୍ତି। ଫିଲ୍ମଟି ଦୀପାବଳିରେ ରିଲିଜ ହୋଇପାରେ।



# ସ୍ମରଣ ଶକ୍ତି ବଢ଼ାଏ ଯୋଗ



ସ୍ମରଣ ଶକ୍ତି ବଢ଼ାଇବାର ଏକ ନୂଆ ଉପାୟ ରହିଛି। ପୁଣି ହାତ ପାଆନ୍ତାରେ ଥିବା ଏହି ଉପାୟକୁ ଜଣେ ସହଜରେ ଅନୁସରଣ କରିପାରିବ। ତାହା କ'ଣ ଜାଣନ୍ତି ? ଯୋଗ। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ନିୟମିତ କିଛି ସମୟ ଯୋଗ, ପ୍ରାଣାୟମ କରନ୍ତି ତେବେ ତାହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଆହୁରି ପ୍ରଖର ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। 'ସ୍ମରଣ ଶକ୍ତି ଓ ଯୋଗ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ନିୟମିତ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ଅନ୍ୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିଲା। ନିର୍ଦ୍ଦିଷ୍ଟ ଦିନ ଅନ୍ତରାଳରେ ସେମାନଙ୍କର ସ୍ମରଣ ଶକ୍ତି କିପରି ଅଛି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ ମନୋବିଜ୍ଞାନୀମାନେ। ଯେଉଁମାନେ ନିୟମିତ ଯୋଗ କରୁଥିଲେ ସେମାନଙ୍କର ସ୍ମରଣ ଶକ୍ତି ଅନ୍ୟମାନଙ୍କ ଅପେକ୍ଷା କେତେକାଂଶରେ ପ୍ରଖର ଥିବା ଜଣାପଡିଥିଲା।

# ନୂଆ ଟାଇଫଏଡ୍ ଟିକା



ନବଜାତ ଶିଶୁକୁ ବିଭିନ୍ନ ରୋଗ କବଳରୁ ରକ୍ଷା କରିବା ପାଇଁ ଜନ୍ମ ପରେ ହିଁ କେତେକ ଟିକା ଦିଆଯାଇଥାଏ। ଏହି ପ୍ରକ୍ରିୟା କିଛି ବର୍ଷ ପର୍ଯ୍ୟନ୍ତ ଚାଲିଥାଏ। ତନ୍ମଧ୍ୟରୁ ଟାଇଫଏଡ୍ ଟିକା ଅନ୍ୟତମ। ନିକଟରେ ଟାଇଫଏଡ୍ ପାଇଁ ଏକ ନୂଆ ଟିକା ପ୍ରସ୍ତୁତ କରାଯାଇଛି। ଦୀର୍ଘ ବର୍ଷ ଗବେଷଣା ପରେ ଜାପାନସ୍ଥିତ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହାକୁ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ନୂଆ ଟିକା ଥରେ ଶିଶୁକୁ ଦିଆଗଲେ ତାହା ୧୦ବର୍ଷ ପର୍ଯ୍ୟନ୍ତ କାମ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଟାଇଫଏଡ୍‌ଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକାଯାଇ ପାରିବ ବୋଲି ପ୍ରସ୍ତୁତକାରୀ ବିଶେଷଜ୍ଞମାନେ ଆଶା ରଖିଛନ୍ତି।

# ଶତାବ୍ଦୀର ପ୍ରଥମ ଧୂମକେତୁ




କରୋନା କାଳରେ ସମସ୍ତେ ଘର ଭିତରେ ବନ୍ଦ ରହୁଥିବା ବେଳେ ପ୍ରକୃତି ଆମ ପାଇଁ ତାହାର ସୁନ୍ଦର ଦୃଶ୍ୟର ଦ୍ୱାର ଖୋଲିଦେଇଛି। ପ୍ରାୟ ୨୩ବର୍ଷ ପରେ ଶତାବ୍ଦୀର ପ୍ରଥମ ଧୂମକେତୁ ଖାଲି ଆଖିକୁ ଦେଖାଯାଉଛି। ଧୂମକେତୁ ବା ଲଞ୍ଜାତାରା କହିଲେ ଆମେ ଆକାଶରେ ଦେଖାଯାଉଥିବା ଗୋଟିଏ ବିରାଟ ଲାଞ୍ଜ ଥିବା ତାରାଟିଏ ଯାହା କଦବା କ୍ୱଚିତ ଦେଖାଯାଏ। ଏଭଳି ଏକ ଆକସ୍ମିକ ଘଟଣାରେ ବିଶ୍ୱ ବୈଜ୍ଞାନିକମାନେ ହଠାତ୍ ଉତ୍ସାହିତ ହୋଇପଡିଛନ୍ତି। ଚଳିତ ଶତାବ୍ଦୀରେ ଖାଲି ଆଖିକୁ ଦେଖାଯାଉଥିବା ଏହା ପ୍ରଥମ ଧୂମକେତୁ। ଗତ ୧୯୯୭ ମସିହାରେ ଶେଷ ଥର ପାଇଁ 'ହେଲ୍ ବପ୍' ନାମକ ଧୂମକେତୁ ଖାଲି ଆଖିକୁ



ଡ. ଶୁଭେନ୍ଦୁ ପଟ୍ଟନାୟକ

ଦେଖାଯାଇଥିଲା। ସେତେବେଳେ ଭୁବନେଶ୍ୱରସ୍ଥ ପଠାଣି ସାମନ୍ତ ପ୍ଲାନିଟାରିୟମ ତରଫରୁ ନିଆଯାଇଥିବା ଫଟୋଗୁଡିକ ବହୁତ ଲୋକପ୍ରିୟ ହୋଇଥିଲା। ଏଠାରେ କୁହାଯାଇପାରେ ଯେ ସୂର୍ଯ୍ୟ ପାଖକୁ ସବୁ ବର୍ଷ କିଛି ଧୂମକେତୁ ଆସୁଥିଲେ ମଧ୍ୟ ସେଗୁଡିକ ଆମକୁ ଖାଲି ଆଖିରେ ଦେଖାଯାଆନ୍ତି ନାହିଁ।

ଧୂମକେତୁଗୁଡିକ ପଥର, ବରଫ ଏବଂ ଧୂଳିର ଏକ ପିଣ୍ଡ, ଯାହା ସୂର୍ଯ୍ୟଙ୍କୁ ପରିକ୍ରମା କରେ। ଲକ୍ଷ ଲକ୍ଷ ସଂଖ୍ୟକ ଧୂମକେତୁ ସୂର୍ଯ୍ୟ ଚାରିପାଖରେ ଅତ୍ୟଧିକ ଉପବୃତ୍ତାକାର କକ୍ଷପଥରେ ବୁଲୁଛନ୍ତି। ଏହି କକ୍ଷପଥଗୁଡିକ ବୃହସ୍ପତି ଗ୍ରହରୁ ହୋଇ ପ୍ଲୁଟୋଠାରୁ କେତେ କୋଟି କିଲୋମିଟର ବ୍ୟାପି ରହିଛି। ସୂର୍ଯ୍ୟ ଚାରିପାଖରେ ଥରେ ବୁଲିବାକୁ ଅଳ୍ପ କିଛି ବର୍ଷ ଲାଗୁଥିବା ବେଳେ ଆଉ କେତେକଙ୍କୁ ଅନେକ ବର୍ଷ ଲାଗିଥାଏ। ତେଣୁ କିଛି ଧୂମକେତୁ ଥରେ ସୂର୍ଯ୍ୟ ନିକଟକୁ ଆସି ଦେଖାଦେଇ ଚାଲିଗଲେ ଆଉ ଥରେ ଫେରିବାକୁ ସେମାନେ ଅନେକ ବର୍ଷ ନିଅନ୍ତି। 'ହାଲି ଧୂମକେତୁ' ପ୍ରତି ୭୬ବର୍ଷ ବ୍ୟବଧାନରେ ଆମକୁ ଦେଖାଯାଏ। ଏହା ପୁଣି ୨୦୬୧ ମସିହାରେ ଦେଖାଯିବ। ଅତ୍ୟନ୍ତ ଥଣ୍ଡା ଅବସ୍ଥାରେ ଧୂମକେତୁଗୁଡିକ କିଛି କିଲୋମିଟର ବ୍ୟାସର ଖୁବ୍ ଛୋଟ ଆକାର ତଥା କଠିନ ଅବସ୍ଥାରେ ଥାଆନ୍ତି। ସୂର୍ଯ୍ୟର ନିକଟକୁ ଆସିଲେ ଏହା ତରଳି ଯାଏ। ବାଷ୍ପ ଓ ଧୂଳିରେ ତାହାର ଏକ ବିରାଟ ଲାଞ୍ଜ ସୃଷ୍ଟି ହୁଏ ଓ ପୃଥିବୀରୁ ଦେଖିବା ସହଜ ହୁଏ। ଅନେକ ଛୋଟ ଧୂମକେତୁ ସୂର୍ଯ୍ୟର ନିକଟକୁ ଆସି ଭାଙ୍ଗିଯିବାର ଦୃଷ୍ଟାନ୍ତ ମଧ୍ୟ ରହିଛି।

ଗତ ମାର୍ଚ୍ଚ ୨୭ ତାରିଖରେ NE-OWISE ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର ହୋଇଥିବା ଅଜ୍ଞାତ ବସ୍ତୁଟି ଏକ ଧୂମକେତୁ ବୋଲି ପରେ ବୈଜ୍ଞାନିକମାନେ ଜାଣିପାରିଛନ୍ତି। ଏହାକୁ 'ସି/୨୦୨୦ ଏଫ୩' ନାମରେ ତାଲିକାଭୁକ୍ତ କରାଯାଇଛି। ସେତେବେଳେ ତାହା ସୂର୍ଯ୍ୟଠାରୁ ୩୧.୨ କୋଟି କି.ମି. ଦୂରରେ ଥିଲା ଏବଂ ଏହା କେବଳ ଅତି ବଡ ଦୂରବୀକ୍ଷଣ ଯନ୍ତ୍ରରେ ଦୃଶ୍ୟମାନ ହେଉଥିଲା। ଜୁଲାଇ ମାସରେ ଧୂମକେତୁ ଖାଲି ଆଖିରେ ଦେଖାଯିବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଆଶାବାଦୀ ଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଆସିଥିବା ଅନ୍ୟ ଦୁଇଟି ବଡ ଧୂମକେତୁ 'ଆଟ୍ଲାସ' ଓ 'ସ୍ୱାନ୍' ଖାଲି ଆଖିରେ ଦେଖା ନ ଯିବା ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ହତାଶ କରିଥିଲା।

"ଏବର୍ଷର ତୃତୀୟ ବଡ ଧୂମକେତୁ ଖାଲି ଆଖିରେ ଦେଖାଯିବ ବୋଲି ଅନେକ ଜ୍ୟୋତିର୍ବିଜ୍ଞାନୀ ଅନୁମାନ କରିଥିଲେ, ତାହା ଏବେ ସତ ହେବାକୁ ଯାଉଛି। ଗତ ଜୁନ୍ ମାସରୁ ଅନେକ ଦେଶର ବୈଜ୍ଞାନିକମାନେ ଏହାକୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିବା ସହ ଏହାର ସୁନ୍ଦର ଫଟୋ ଉଠାଇଲେଣି। ଏହା ଏବେ ସାଧାରଣ ଦୂରବୀକ୍ଷଣ ଯନ୍ତ୍ର ଓ ବାଇନାକୁଲାରରେ ଦେଖାଗଲାଣି। ଆଲୋକ ଓ ବାୟୁ ପ୍ରଦୂଷଣ ନ ଥିବା କିଛି ସ୍ଥାନରେ ଏହା ଖାଲି ଆଖିରେ ଦେଖାଯାଇଛି।"

ଏବର୍ଷର ତୃତୀୟ ବଡ ଧୂମକେତୁ ଖାଲି ଆଖିରେ ଦେଖାଯିବ ବୋଲି ଅନେକ ଜ୍ୟୋତିର୍ବିଜ୍ଞାନୀ ଅନୁମାନ କରିଥିଲେ, ତାହା ଏବେ ସତ ହେବାକୁ ଯାଉଛି। ଗତ ଜୁନ୍ ମାସରୁ ଅନେକ ଦେଶର ବୈଜ୍ଞାନିକମାନେ ଏହାକୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିବା ସହ ଏହାର ସୁନ୍ଦର ଫଟୋ ଉଠାଇଲେଣି। ଏହା ଏବେ ସାଧାରଣ ଦୂରବୀକ୍ଷଣ ଯନ୍ତ୍ର ଓ ବାଇନାକୁଲାରରେ ଦେଖାଗଲାଣି। ଆଲୋକ ଓ ବାୟୁ ପ୍ରଦୂଷଣ ନ ଥିବା କିଛି ସ୍ଥାନରେ ଏହା ଖାଲି ଆଖିରେ ଦେଖାଯାଇଛି। ଏପରି କି ମହାକାଶରେ ଥିବା ସ୍ପେଶ ଷ୍ଟେଶନ (ISS) ଥିବା ବୈଜ୍ଞାନିକମାନେ ଏହାକୁ ଦେଖିଛନ୍ତି ଓ ଏହାର ସୁନ୍ଦର ଫଟୋ ଉଠାଇଛନ୍ତି। ଜୁଲାଇ ୩ ତାରିଖରେ ସୂର୍ଯ୍ୟଠାରୁ ୪.୪ କୋଟି କି.ମି. ଦୂରରେ ଥିବା ଧୂମକେତୁଟି ସୂର୍ଯ୍ୟଙ୍କ ସବୁଠାରୁ ନିକଟକୁ ଆସିଥିଲା। ସୂର୍ଯ୍ୟର ଉତ୍ତାପ ଓ ସୌର ପବନରେ ଏହାର ଗୋଟିଏ ବିରାଟ ଲାଞ୍ଜ ସୃଷ୍ଟି ହୋଇଛି। ଧୂମକେତୁଟି ଏବେ ସୂର୍ଯ୍ୟାସ୍ତ ପରେ ଉତ୍ତର-ପଶ୍ଚିମ ଦିଗବଳୟର ପ୍ରାୟ ୨୦ ଡିଗ୍ରୀ ଉପରେ ଦେଖାଯାଉଥିବା ଧୂମକେତୁ 'ସି/୨୦୨୦ ଏଫ୩' ଧୀରେ ଧୀରେ ଉପର ଆଡକୁ ଗତି କରି ମାସ ଶେଷରେ ଦିଗବଳୟର ପ୍ରାୟ ୪୦ ଡିଗ୍ରୀ ଉପରେ ଦେଖାଯିବ। ସେହି ସମୟରେ ଏହା ସପ୍ତର୍ଷିମଣ୍ଡଳର ନିକଟରେ ରହିବ। ଧୂମକେତୁ ସୂର୍ଯ୍ୟଠାରୁ ଦୂରେଇ ଯାଉଥିବା ଫଳରେ ଜୁଲାଇ ୧୦ ତାରିଖ ପରଠାରୁ ଏହାର ଉଜ୍ଜ୍ୱଳତା କମି କମି ଜୁଲାଇ ୩୦ ପରେ ଏହା ଖାଲି ଆଖିରେ ଦେଖିବା ସମ୍ଭବ ହେବ ନାହିଁ। ଜୁଲାଇ ୨୨ ତାରିଖରେ ଏହା ପୃଥିବୀର ନିକଟତମ ଅବସ୍ଥାକୁ ଆସିବ। ସେତେବେଳେ ତାହାର ଦୂରତା ପୃଥିବୀଠାରୁ ପ୍ରାୟ ୧୦.୩ କୋଟି ରହିବ।

ଉତ୍ତର-ପଶ୍ଚିମ ଦିଗ୍‌ବଳୟର ଆକାଶ ମେଘମୁକ୍ତ ଓ କମ୍ ସହର ଆଲୋକ ରହିଲେ ଧୂମକେତୁଟି ଜୁଲାଇ ମାସ ୧୨-୨୦ ତାରିଖ ଭିତରେ ଖାଲି ଆଖିରେ ଦେଖିହେବ। ସାଧାରଣ ଦୂରବୀକ୍ଷଣ ଯନ୍ତ୍ର ଓ ବାଇନାକୁଲାରରେ ଏହା ନିଶ୍ଚୟ ଦେଖାଯିବ।

ଦୀର୍ଘ ୨୩ବର୍ଷ ପରେ ଖାଲି ଆଖିରେ ଏକ ଧୂମକେତୁକୁ ଦେଖିବାର ବିରଳ ସୁଯୋଗ ଆସିଛି। ବିଶେଷକରି ସହର ଆଲୋକଠାରୁ ଦୂରରେ ଗ୍ରାମାଞ୍ଚଳରେ ରହୁଥିବା ଅସଂଖ୍ୟ ଛାତ୍ରୀଛାତ୍ର ଏପରି ଏକ ବିରଳ ସୁଯୋଗ ହାତଛଡା କରନ୍ତୁ ନାହିଁ।

-ଉପ ନିର୍ଦ୍ଦେଶକ
ପଠାଣି ସାମନ୍ତ ପ୍ଲାନିଟାରିୟମ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୭୦୦୩୨୮୨

## ସ୍ୱାସ୍ଥ୍ୟ ସୂଚନା



- ଆମେ ଯଦି ଦାନ୍ତ ଭଲ ଭାବରେ ନ ଘଷିବା ତେବେ ଦାନ୍ତ ସନ୍ଧିରେ ଖାଦ୍ୟର ଅବଶିଷ୍ଟାଂଶ ରହି ଦାନ୍ତଜନିତ ସସସ୍ୟା ସୃଷ୍ଟି କରିବ। ତେଣୁ ଜଣେ ବ୍ୟକ୍ତି ଦିନକୁ ଦୁଇ ଥର ସକାଳେ ଏବଂ ରାତ୍ରଭୋଜନ କରବା ପରେ ଦାନ୍ତ ଘଷିବା ଦରକାର। ଗୋଟିଏ କଥା ମନେ ରଖିବା ଆବଶ୍ୟକ ଯେ ଦାନ୍ତ ଘଷିବାର ଅବଧି ଦୁଇ ମିନିଟ୍‌ରୁ କମ୍ ହେବା ଠିକ ନୁହେଁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ (ବ୍ରେକ୍‌ଫାଷ୍ଟ), ମଧ୍ୟାନଭୋଜନ ଏବଂ ରାତ୍ରଭୋଜନ କରିବାକୁ ଭୁଲନ୍ତୁ ନାହିଁ।
- ଏପରି ଖାଦ୍ୟ ଖାଆନ୍ତୁ, ଯାହା ସୁପାଚ୍ୟ ହୋଇଥିବ ଏବଂ ତାହାର ସ୍ୱାସ୍ଥ୍ୟୋପକାରୀ ଗୁଣ ଥିବ।
- ରାତ୍ରଭୋଜନ ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏପରି ଅଭ୍ୟାସ ଥିଲେ ତାହାକୁ ତ୍ୟାଗ କରନ୍ତୁ।
- ରାତ୍ରଭୋଜନରେ ଯଦି ଗରିଷ୍ଠ ଖାଦ୍ୟ ଖାଆନ୍ତି ତେବେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିବା ସହ ଓଜନ ବଢ଼ାଇବାରେ କେତେକାଂଶରେ ସହାୟକ ହୋଇଥାଏ।
- କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏଥିପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।
- କେତେକ ରୋଗରେ ପୀଡିତ ହେଲେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡିଥାଏ। ଏ ନେଇ ସଜାଗ ରହନ୍ତୁ।

# ଅଧିକ ସମୟ ଭିଡିଓ ଗେମ୍ ଦେଖୁଥିଲେ...



ଭିଡିଓ ଗେମ୍ ଖେଳିବା କେବଳ ଛୋଟ ପିଲା ନୁହନ୍ତି ଯୁବପିଢ଼ି ମଧ୍ୟ ପଛରେ ପଡିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ। ହେଲେ ଅନେକଙ୍କର ଏହା ଏକ ଅଭ୍ୟାସରେ ପଡିଯାଇଥାଏ। ଏହାଦ୍ୱାରା ନିଜର ଅନ୍ୟ କାମ ପ୍ରଭାବିତ ହୋଇଥାଏ। ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ବୋଲି ଜଣାପଡିଛି। 'ଅଧିକ ସମୟ ଭିଡିଓଗେମ୍ ଖେଳିବା ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଥିବା ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ପୁରୁଷ ବନ୍ଧ୍ୟାତ୍ୱ



ଡା. ଦୀନବନ୍ଧୁ ମହାରଣା

"ଗର୍ଭ ସଞ୍ଚାର ପାଇଁ ଗୋଟିଏ ଶୁକ୍ରାଣୁ ହିଁ ଯଥେଷ୍ଟ, କିନ୍ତୁ ଏହା ସ୍ତ୍ରୀର ଡିମ୍ବାଣୁ ସହିତ ମିଳିତ ହୋଇ ଗର୍ଭାଶୟରେ ପହଞ୍ଚିଲା ପରେ ଗର୍ଭ ସଞ୍ଚାର ହୁଏ। ଯଦି ତା' ନ ହୁଏ ତେବେ ଶୁକ୍ରାଣୁଗୁଡିକ ସ୍ତ୍ରୀର ଗର୍ଭାଶୟ ବାହାରେ ରହି ନଷ୍ଟ ହୋଇଯାଏ। ଯେଉଁ ପୁରୁଷର ଧାତୁରେ ହାରାହାରି ସାତକୋଟିରୁ ପନ୍ଦରକୋଟି ପର୍ଯ୍ୟନ୍ତ ଶୁକ୍ରାଣୁ ଥିଲେ ସେଥିମଧ୍ୟରୁ ଗୋଟିଏ ଶୁକ୍ରାଣୁ ଯଦି ଡିମ୍ବାଣୁ ସହ ମିଳିତ ହୋଇ ଗର୍ଭାଶୟକୁ ଯାଏ ତେବେ ଗର୍ଭ ସଞ୍ଚାର ହୋଇଥାଏ।"



ପ୍ରତ୍ୟେକ ବିବାହିତ ଦମ୍ପତିଙ୍କ ଜୀବନରେ ସନ୍ତାନଟିଏ ନିହାତି କାମ୍ୟ। ଏପରି କେତେକ ଦମ୍ପତି ଅଛନ୍ତି ଯେଉଁମାନଙ୍କ ପାଇଁ ସନ୍ତାନଟିଏ ଜନ୍ମ ଦେବା ସମ୍ଭବ ହୁଏନାହିଁ। ଏଥିପାଇଁ ଅନେକ ଦମ୍ପତି ମାନସିକ ଅଶାନ୍ତି ଭୋଗ କରନ୍ତି। ସମସ୍ତ ସୁଖ ସୁବିଧା ଥାଇ ଯଦି ସନ୍ତାନଟିଏ ନ ହେଲା ତେବେ ବଂଶରକ୍ଷାଠାରୁ ଆରମ୍ଭ କରି ଜୀବନର ପୂର୍ଣ୍ଣତା ଓ ସାମାଜିକ ସ୍ଥିତି ନିନ୍ଦନୀୟ ହୋଇପଡେ। ଏଥିପାଇଁ ଅନେକ ଅନ୍ଧାଦୁନିଆ ବିଚାରରେ କେବଳ ସ୍ତ୍ରୀକୁ ହିଁ ଦାୟୀ କରାଯାଏ। କିନ୍ତୁ ସ୍ତ୍ରୀ ଓ ପୁରୁଷ ଉଭୟଙ୍କର ଯୌନାଚାର ଠିକ୍ ଥିଲେ ମଧ୍ୟ ସନ୍ତାନ ସୃଷ୍ଟି କ୍ଷମତା ନ ଥାଏ। ପୁରୁଷ ବନ୍ଧ୍ୟାତ୍ୱ ଦୋଷକୁ ଏପରି ହୋଇପାରେ। କାରଣ ସନ୍ତାନ ଜନ୍ମ ପାଇଁ ପୁରୁଷର କେତେକ ମୌଳିକ କ୍ଷମତା ବିଶେଷ ଭାବରେ ଦାୟୀ। ଯଦି ଏହି ମୌଳିକ କ୍ଷମତା ପୁରୁଷର ନ ଥାଏ ତେବେ ସ୍ତ୍ରୀର ସ୍ୱାସ୍ଥ୍ୟ ସବୁଦିଗରୁ ଠିକ୍ ଥିଲେ ମଧ୍ୟ ସନ୍ତାନ ସମ୍ଭବ ହୋଇପାରେ ନାହିଁ। କିନ୍ତୁ ଆମ ପୁରୁଷ ପ୍ରଧାନ ସମାଜରେ ଏହି ପୁରୁଷତ୍ୱ ବିଷୟ ଅନାଲୋଚିତ ଓ ଅନାବିଷ୍କୃତ ହୋଇ ରହିଥାଏ। ଶେଷରେ ସବୁଦୋଷ ବିଚାରୀ ସ୍ତ୍ରୀ ମୁଣ୍ଡରେ ଲଦି ଦିଆଯାଏ। ତେଣୁ ବିବାହ ପରେ ଉପଯୁକ୍ତ ସମୟରେ ସନ୍ତାନଟିଏ ନ ହେଲେ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇଥାଏ।

ଏକ ମିଲିମିଟର ଧାତୁରେ ଛଅକୋଟି ଶୁକ୍ରାଣୁ ଥିବା ଜଣାଯାଏ, ତେବେ ଏହାକୁ ସ୍ୱଚ୍ଛ ଶୁକ୍ରାଣୁ ବା 'Oligaspermia' ରୋଗ କୁହାଯାଏ। ଏହି ପରିସ୍ଥିତିରେ ଯେତେ ସ୍ତ୍ରୀ ସହବାସ କଲେ ମଧ୍ୟ ଗର୍ଭ ସଞ୍ଚାର ହୁଏ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗର୍ଭ ସଞ୍ଚାର ପାଇଁ ଗୋଟିଏ ଶୁକ୍ରାଣୁ ହିଁ ଯଥେଷ୍ଟ, କିନ୍ତୁ ଏହା ସ୍ତ୍ରୀର ଡିମ୍ବାଣୁ ସହିତ ମିଳିତ ହୋଇ ଗର୍ଭାଶୟରେ ପହଞ୍ଚିଲା ପରେ ଗର୍ଭ ସଞ୍ଚାର ହୁଏ। ଯଦି ତା' ନ ହୁଏ ତେବେ ଶୁକ୍ରାଣୁଗୁଡିକ ସ୍ତ୍ରୀର ଗର୍ଭାଶୟ ବାହାରେ ରହି ନଷ୍ଟ ହୋଇଯାଏ। ଯେଉଁ ପୁରୁଷର ଧାତୁରେ ହାରାହାରି ସାତକୋଟିରୁ ପନ୍ଦରକୋଟି ପର୍ଯ୍ୟନ୍ତ ଶୁକ୍ରାଣୁ ଥିଲେ ସେଥିମଧ୍ୟରୁ ଗୋଟିଏ ଶୁକ୍ରାଣୁ ଯଦି ଡିମ୍ବାଣୁ ସହ ମିଳିତ ହୋଇ ଗର୍ଭାଶୟକୁ ଯାଏ ତେବେ ଗର୍ଭ ସଞ୍ଚାର ହୋଇଥାଏ। ଯେଉଁ ପୁରୁଷ ଧାତୁରେ ଆଦୌ ଶୁକ୍ରାଣୁ ନ ଥାଏ ସେ ପୁରୁଷକୁ ଶୁକ୍ରାଣୁହୀନତା ରୋଗ ବା 'Azoospermia' ହୋଇଛି ବୋଲି ଜଣାଯାଏ। ଏହା ପାଥୋଲୋଜି ବା ନିଦାନତତ୍ତ୍ୱ ଦ୍ୱାରା ଜାଣିହୁଏ। ତେବେ ଏଥିପାଇଁ ଆୟୁର୍ବେଦୀୟ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରି ଔଷଧ ସେବନ କଲେ ସନ୍ତାନ ହେବାର ସମ୍ଭାବନା ରହିଛି।

-ଯୌନରୋଗ ବିଶେଷଜ୍ଞ, ରୁମ୍ ନଂ୧୧
ମ୍ୟୁନିସିପାଲିଟି ମାର୍କେଟ, ଓଏମପି ଛକ
କଟକ, ମୋ: ୯୪୩୭୦୪୩୧୦୩

# ଉପକାରୀ ଫଳମୂଳ

- ଟଟକା ଫଳମୂଳ ଖାଇଲେ ତାହା ଶରୀରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ।
- ଏଥିରେ ଫାଇବର ଭରି ରହିଛି। ଏହାକୁ ଖାଦ୍ୟତାଲିକାରେ ସାମିଲ କଲେ ତାହା ପାଚନକ୍ରିୟାକୁ ବଢ଼ାଇଥାଏ।
- ନିୟମିତ ଟଟକା ଫଳମୂଳ ଖାଇଲେ ତାହା ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ପରି କେତେକ ରୋଗରୁ ଆମକୁ ରକ୍ଷା କରିଥାଏ।
- ଫଳମୂଳରେ ଭିଟାମିନ୍ ଏବଂ ମିନେରାଲ ଭରି ରହିଛି। ଏଗୁଡିକ ଖାଇବା ଦ୍ୱାରା ତାହା ଆମକୁ ଶକ୍ତି ଯୋଗଇଥାଏ।
- ଟଟକା ଫଳମୂଳ ଖାଇଲେ ତାହା ଓଜନକୁ ସନ୍ତୁଳିତ ରଖିଥାଏ। ଏହାସହ କୋଲେଷ୍ଟରଲ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ।
- ବିଶେଷଭାବରେ ଟାଇପ-୨ ଡାଇବେଟିସ୍ ରୋଗୀ ପାଇଁ ଟଟକା ଫଳମୂଳ ବେଶ ସ୍ୱାସ୍ଥ୍ୟୋପଯୋଗୀ ହୋଇଥାଏ।
- ଟଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।
- ବ୍ରେକଫାଷ୍ଟରେ ଟଟକା ଫଳମୂଳ ସାମିଲ କରିବାକୁ ଭୁଲନ୍ତୁ ନାହିଁ।
- ଏଥିରୁ ପ୍ରସ୍ତୁତ ଜୁସ୍ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ ମାତ୍ର।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ଜୁଲାଇ ୧୩/୨୦୨୦ Berhampur, Monday, July 13/2020

## ଅଭିନେତା ରଞ୍ଜନ ସେହଗଲଙ୍କ ପରଲୋକ

**ମୁମ୍ବାଇ,୧୨।୭:** ବଲିଉଡ୍ ଅଭିନେତା ତଥା ସରବ୍ଜିତ ଭୂମିକାରେ ଅଭିନୟ କରିଥିବା ରଞ୍ଜନ ସେହଗଲଙ୍କ ପରଲୋକ ହୋଇଯାଇଛି। ହିନ୍ଦୀ, ପଞ୍ଜାବୀ ଫିଲ୍ମରେ ସେ ବହୁ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ଶରୀରର ଏକାଧିକ ଅଙ୍ଗ ଖରାପ ହୋଇପଡ଼ିଥିଲା। କିଛିଦିନ ଅସୁସ୍ଥ ରହିବା ପରେ ଶନିବାର ହସ୍ପିଟାଲରେ ସେ ପ୍ରାଣ ହରାଇଥିଲେ। ୨୦୧୪ରେ କଷ୍ଟ୍ୟୁମ୍ ଡିଜାଇନର ନିଭ୍ୟା ଛାବ୍ରାଙ୍କୁ ସେ ବିବାହ କରିଥିଲେ। ଫିଲ୍ମ 'ସରବ୍ଜିତ୍' ମାଧ୍ୟମରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ।



## ମାଲକାନଗିରିରେ ଜାରି ହେଲା ସପ୍ତାହେ ଲକ୍‌ଡାଉନ୍

**ମାଲକାନଗିରି, ୧୨।୭ (ଡି.ଏନ.ଏ.):** ରବିବାର ଗୋଟିଏ ଦିନରେ ମାଲାକନଗିରି ଜିଲାରୁ ୩୬ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାପାଳ ମନୀଷ ଅଗ୍ରୱାଲ ୧୩ ତାରିଖ ରାତି ୮ ଟାରୁ ୧୯ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଯାଏ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, କେତେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଗୋଦାମ ଗୃହଗୁଡିକ ବନ୍ଦ ରହିବ।
















For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 8895667200. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 9437438068. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 9437174795. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 9437070065. **ଦେବଗଡ଼ :** ଜିନ୍ଦଲ ମୋଟର୍ସ - 8327793865. **ଭଞ୍ଜନଗର:** ରେବତି ମୋଟର୍ସ - 7737015509.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ